
'ବର୍ଡର ୨'
ଆସିଲା ବରୁଣଙ୍କ ଲୁକ୍
ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-135 • TUESDAY • 11 NOVEMBER 2025 • PAGE-12 • ₹ 6.00 | SAMBALPUR | ବର୍ଷ-୪୩ • ସଂଖ୍ୟା-୧୩୫ • ମଙ୍ଗଳବାର • ୧୧ ନଭେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


# ବିସ୍ଫୋରଣରେ ଥରିଲା ଦିଲ୍ଲୀ; ୮ ମୃତ

## ଲାଲ୍‌କିଲ୍ଲା ନିକଟରେ ଭୟଙ୍କର କାର୍ ଧମାକା

■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ଆଜି ସନ୍ଧ୍ୟାରେ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ଥରହର ହୋଇଛି ଜାତୀୟ ରାଜଧାନୀ ନୂଆଦିଲ୍ଲୀ। ଏହି ବିସ୍ଫୋରଣରେ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଆହୁରି ୧୭ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆସନ୍ତାକାଲି ବିହାର ବିଧାନସଭାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଛି ଏବଂ ସମଗ୍ର ଦେଶବାସୀଙ୍କ ନଜର ବିହାର ଉପରେ ଥିବା ବେଳେ ଦିଲ୍ଲୀରେ ଏଭଳି ବିସ୍ଫୋରଣ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ତେବେ ଏହି ବିସ୍ଫୋରଣ ପଛରେ କିଏ ଅଛନ୍ତି, ତାହା ଜଣାପଡ଼ି ନାହିଁ। ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ୪ ଜଣ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯିବା ପରେ ଏହି ବିସ୍ଫୋରଣ ଘଟିଛି। ବିସ୍ଫୋରଣ ପରେ ଦିଲ୍ଲୀ ସମେତ ମୁମ୍ବଇ, ଚେନ୍ନଇ, ଉତ୍ତରପ୍ରଦେଶ, ହରିଆଣା, ଉତ୍ତରାଖଣ୍ଡ ଏବଂ ମହାରାଷ୍ଟ୍ରରେ ହାଇ ଆଲର୍ଟ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରିଦିଆଯାଇଛି। ରାଜଧାନୀ ଦିଲ୍ଲୀର ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି।


ସୂଚନା ଅନୁଯାୟୀ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ୍ ନିକଟସ୍ଥ ପାର୍କିଂରେ ଛିଡ଼ା ହୋଇଥିବା ଏକ ହୁଣ୍ଡାଇ ଆଇ-୨୦ କାର୍‌ରେ ଆଜି ସନ୍ଧ୍ୟାରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଯୋଗୁଁ ନିଆଁ ବ୍ୟାପି ଆଖପାଖରେ ଥିବା ଆଉ ତିନିଗାଡ଼ିକୁ କବଳିତ କରି ନେଇଥିଲା। ସୂଚନା ମିଳିବା ପରେ ସୁରକ୍ଷାବାହିନୀ, ଏନ୍‌ଆଇଏ ଏବଂ ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରି ତଦନ୍ତ ଆରମ୍ଭ କରାଯାଉଛି। ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। କିନ୍ତୁ ଜମ୍ମୁ-କଶ୍ମୀରରୁ ବିସ୍ଫୋରକ ▶ପୃଷ୍ଠା-୭



**ଜଳିଗଲା ୮ଟି କାର୍; ୨୨ଟି ଗାଡ଼ି କ୍ଷତିଗ୍ରସ୍ତ**

**ଘଟଣାସ୍ଥଳରେ ଏନ୍‌ଆଇଏ, ଏନ୍‌ଏସ୍‌ଜି ଫୋରେନ୍‌ସିକ୍ ଟିମ୍**

**ହାଇଆଲର୍ଟରେ ଦେଶର ପ୍ରମୁଖ ମେଟ୍ରୋ ସହର**



### ସବୁ ଦିଗର ଯାଞ୍ଚ ହେବ: ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦିଲ୍ଲୀ ବିସ୍ଫୋରଣକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହି ଜୀବନହାନୀର କଷ୍ଟକୁ ଶବ୍ଦର ପ୍ରକାଶ କରିହେବ ନାହିଁ ବୋଲି ସେ କହିଛନ୍ତି। ଏଥିରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କ ପ୍ରତି ସେ ସମବେଦନା ଜଣାଇଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ବିସ୍ଫୋରଣ ସ୍ଥଳକୁ ଗସ୍ତ କରିଛନ୍ତି ଏବଂ ଏଲଏନଜେପି ହସ୍ପିଟାଲକୁ ଯାଇ ଆହତଙ୍କ ସହ କଥା ହୋଇଛନ୍ତି। ସେ ଆହତଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ପ୍ରମୁଖ ଏଜେନ୍ସିଗୁଡ଼ିକ ମାମଲାର ତଦନ୍ତ ଆରମ୍ଭ କରିଦେଇଛନ୍ତି। ଆଖପାଖର ସିସିଟିଭି ଫୁଟେଜକୁ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ଶାହା ଦିଲ୍ଲୀ ▶ପୃଷ୍ଠା-୭

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୋହନ ଓ ନବୀନଙ୍କ ଶୋକ

ଦିଲ୍ଲୀ ବିସ୍ଫୋରଣକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆହତଙ୍କୁ ଅଧିକାରୀମାନେ ସହାୟତା ପ୍ରଦାନ କରୁଛନ୍ତି। ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ▶ପୃଷ୍ଠା-୭

**ଆତଙ୍କବାଦର ନୂଆ ଚେହେରା**

## ବିସ୍ଫୋରକ, ରାଇଫଲ ସହ ୪ ଡାକ୍ତର ଗିରଫ

■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ଏକ ଉଦ୍‌ବେଗଜନକ ଘଟଣା କ୍ରମେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ୪ ଜଣ ଡାକ୍ତର ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ୨୯୦୦ କିଲୋ ବିସ୍ଫୋରକ ସହିତ ଏକେ-୪୭ ରାଇଫଲ ଏବଂ କିଛି ବିଷାକ୍ତ ରସାୟନ ସାମଗ୍ରୀ ଜବତ କରାଯାଇଛି। ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଭାରତରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ପାଇଁ ଚାଲିଥିଲା ଯୋଜନା। ଠିକ୍ ସମୟରେ ପୁଲିସ ସେମାନଙ୍କୁ ଧରିବା ପରେ ଏକ ବଡ଼ ଧରଣର ଆକ୍ରମଣ ଯୋଜନାକୁ ପଣ୍ଡ କରିଦେଇଛି ଜମ୍ମୁ-କଶ୍ମୀର ପୁଲିସ। ଏହି ୪ ଜଣ ଡାକ୍ତରଙ୍କୁ ଜମ୍ମୁ-କଶ୍ମୀର, ଉତ୍ତର ପ୍ରଦେଶ, ହରିଆଣା ଏବଂ ଗୁଜରାଟରୁ ଗିରଫ କରାଯାଇଛି। କଶ୍ମୀରରେ ଧରାପଡ଼ିଥିବା ଜଣେ ଡାକ୍ତରଙ୍କ ସୂଚନା ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ଜଣେ ମହିଳା ଡାକ୍ତର ମଧ୍ୟ ଅଛନ୍ତି। ତାଙ୍କ କାରରେ ରାଇଫଲ ଓ ବିସ୍ଫୋରକ ସାମଗ୍ରୀ ଥିଲା। ଏହି ଘଟଣାରେ ମୋଟ୍ ୮ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସେମାନେ ପାକିସ୍ତାନୀ ଆତଙ୍କବାଦୀଙ୍କ ଇସାରାରେ କାମ କରୁଥିଲେ।

ଗିରଫ ଡାକ୍ତରମାନେ ହେଲେ ଆଦିଲ ରାଠେର, ମୁଜାମ୍ମିଲ ସକିଲ, ସାହିନ ସହିଦ ଓ ଅହମଦ ସହିଦ। ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ଜୈସ-ଇ- ମହମ୍ମଦ ଓ ଗଜବତ-ଅଲ- ହିନ୍ଦ ସହିତ ସେମାନଙ୍କର ସଂପର୍କ ରହିଛି। ▶ପୃଷ୍ଠା-୭

**ଆକ୍ରମଣ ପାଇଁ ଚାଲିଥିଲା ଯୋଜନା; ପଣ୍ଡ କଲା କଶ୍ମୀର ପୁଲିସ**

**ଟାର୍ଗେଟରେ ଥିଲା ଦିଲ୍ଲୀ ସମେତ ଉତ୍ତର ଭାରତ**




## ବିହାରରେ ଶେଷ ପର୍ଯ୍ୟାୟ ମତଦାନ ଆଜି

■ **ପାଟନା, ୧୦।୧୧ (ଏଜେନ୍ସି):** ବିହାର ନିର୍ବାଚନ ପାଇଁ ମଙ୍ଗଳବାର ଅନ୍ତିମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ସକାଳ ୭ଟାରୁ ଏହି ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହେବ। ଏହି ପର୍ଯ୍ୟାୟରେ ୨୦ ଜିଲ୍ଲାର ୩.୭ କୋଟି ଭୋଟର ୧୨୨ ଆସନର ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ। ୨୪୩ ଆସନ ବିଶିଷ୍ଟ ବିହାରରେ କିଏ ପରବର୍ତ୍ତୀ ସରକାର ଗଠନ କରୁଛି ତାହା ଏହି ପର୍ଯ୍ୟାୟ ନିର୍ବାଚନରୁ ସ୍ଥିର ହେବ ବୋଲି କୁହାଯାଉଛି। ଏହି ପର୍ଯ୍ୟାୟରେ ମୋଟ ୧୩୦୨ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ଏମାନଙ୍କ ମଧ୍ୟରେ ୧୩୬ ମହିଳା ସାମିଲ ଅଛନ୍ତି। ଶାନ୍ତିପୂର୍ଣ୍ଣ ନିର୍ବାଚନ ସମାପ୍ତ କରିବା ପାଇଁ ୪ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷାବାହିନୀ ନିୟୋଜିତ କରାଯାଇଛି। ୪୫, ୩୯୯ ବୁଥ୍ ପ୍ରତିଷ୍ଠା ▶ପୃଷ୍ଠା-୭

**ସୀମାଞ୍ଚଳ ଉପରେ ନଜର**

**୧୨୨ ଆସନରେ ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ ୩.୭ କୋଟି ଭୋଟର**




### ଆଜି ନୂଆପଡ଼ା ଭୋଟ

■ **ନୂଆପଡ଼ା, ୧୦।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟଗ୍ରହଣ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁରୁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ଷ୍ଟେସନରେ ପୋଲିଂ ଟିମ ନିଜ ନିଜ ସ୍ଥାନରେ ପହଞ୍ଚିସାରିଛନ୍ତି। ମତଦାନ ପ୍ରକ୍ରିୟାକୁ ସୁରୁଖୁରରେ ସମ୍ପନ୍ନ କରିବା ପାଇଁ ୧୫୮୪ ଜଣ ପୋଲିଂ କର୍ମଚାରୀ ନିୟୋଜିତ ଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୨୩୧ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନୂଆପଡ଼ା ଜିଲ୍ଲାର ଦୁଇଟି ବ୍ଲକ ନୂଆପଡ଼ା ଏବଂ କୋମନା, ଦୁଇଟି ଏନ୍‌ଏସି ଖରିଆରରୋଡ ଏବଂ ନୂଆପଡାରେ ଭୋଟ ଗ୍ରହଣ ହେବ। ▶ପୃଷ୍ଠା-୭

**୨୭ରୁ ବିଧାନସଭା ଶୀତ ଅଧିବେଶନ**

## ସମ୍ବୋଧିତ କରିବେ ରାଷ୍ଟ୍ରପତି

■ **ଭୁବନେଶ୍ୱର, ୧୦।୧୧ (ସମିସ):** ଆସନ୍ତା ୨୭ ତାରିଖରୁ ସପ୍ତଦଶ ବିଧାନସଭାର ପଞ୍ଚମ ଅର୍ଥାତ୍ ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଧବଦ୍ଧ କାର୍ଯ୍ୟସାରଣୀ ପ୍ରକାଶ ପାଇଛି। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ସମ୍ବୋଧିତ କରିବେ। ▶ପୃଷ୍ଠା-୭



**୨୯ଟି କାର୍ଯ୍ୟଦିବସ**

**୨୮ରେ ଅତିରିକ୍ତ ବଜେଟ ଉପସ୍ଥାପନ**


**ସିଇସିଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ**

## ନିରବ ଅବଧିରେ ଆଚରଣ ବିଧି ଉଲ୍ଲଙ୍ଘନ

■ **ଭୁବନେଶ୍ୱର, ୧୦।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଙ୍ଘନ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୋଟଗ୍ରହଣର ୩୬ ଘଣ୍ଟା ପୂର୍ବରୁ ଧାର୍ଯ୍ୟ ସାଇଲେନ୍ସ ପିରିୟଡ (ନିରବ ଅବଧି)ରେ ଏପରି ଅନେକ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି, ଯାହା ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଛି। ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ଶାସକ ଦଳର ସ୍ୱାର୍ଥ ପୂରଣ ଦିଗରେ ପୂରା ଜୋରରେ ଲାଗିପଡ଼ିଛି। ମୁକ୍ତ ଓ ଅବାଧ ନିର୍ବାଚନ ▶ପୃଷ୍ଠା-୭

**ବିଶ୍ୱସନୀୟତା ରକ୍ଷା ପାଇଁ ନିଅନ୍ତୁ ତୁରନ୍ତ ପଦକ୍ଷେପ**

**କଡ଼ାକଡ଼ି ଲାଗୁ ହେଉ ୩୬ ଘଣ୍ଟାର ନିରବ ଅବଧି**



**ଅପମିଶ୍ରିତ ତିରୁପତି ଲଡ୍ଡୁ ମାମଲା: ବଡ଼ ସୂଚନା ଦେଲା ସିବିଆଇ**

## ନକଲି ଘିଅ ଦେଇଥିଲା ଉତ୍ତରାଖଣ୍ଡ କମ୍ପାନୀ

■ **ତିରୁପତି, ୧୦।୧୧ (ଏଜେନ୍ସି):** ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି)ରେ ଅପମିଶ୍ରିତ ପ୍ରସାଦ ମାମଲାକୁ ନେଇ ବଡ଼ ସୂଚନା ସାମ୍ନାକୁ ଆସିଛି। ମନ୍ଦିରକୁ ଘିଅ ଯୋଗାଣ କରୁଥିବା ଉତ୍ତରାଖଣ୍ଡ ଡାଏରୀ କମ୍ପାନୀର କଳାକାରନାମାର ଗୁମର ଖୋଲି ଯାଇଛି। ଏହି କମ୍ପାନୀ ୨୦୧୯ରୁ ୨୦୨୪ ମଧ୍ୟରେ ୬୮ ଲକ୍ଷ କେଜି ଅପମିଶ୍ରିତ ଘିଅ ମନ୍ଦିରକୁ ଯୋଗାଣ କରିଥିଲା। ଏହି ବାବଦରୁ ୨୫୦ କୋଟି ଟଙ୍କା ଲାଭ କରିଥିଲା। ସିବିଆଇ ଏବଂ ଆନ୍ଧ୍ର ପ୍ରଦେଶ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ହୋଇଥିବା ଯାଞ୍ଚରୁ ଏହା ଜଣାପଡ଼ିଛି।

ଯାଞ୍ଚ ରିପୋର୍ଟ ଅନୁଯାୟୀ ଏହି ଘିଅ ଯୋଗାଣ କରୁଥିବା ଡାଏରୀ କମ୍ପାନୀର ସବୁ କାଗଜପତ୍ର ନକଲି ଥିଲା। ଏହି କମ୍ପାନୀ କେବେ ବି କ୍ଷୀର ▶ପୃଷ୍ଠା-୭



**୬୮ ଲକ୍ଷ କେଜି ଘିଅ ବିକି ଆୟ କରିଥିଲା ୨୫୦ କୋଟି ଟଙ୍କା**

**ନକଲି ଥିଲା କମ୍ପାନୀର ସବୁ କାଗଜପତ୍ର**

**ଧରାପଡ଼ିବା ସତ୍ତ୍ୱେ ନୂଆ କମ୍ପାନୀ ଗଠନ କରି ଚାଲିଥିଲା ଯୋଗାଣ**

**ରଥଯାତ୍ରା ମହାବିଭ୍ରାଟ**

## ବିରାଦରୀ ପ୍ରୀତି: ବରିଷ୍ଠ ସୁରକ୍ଷିତ; କନିଷ୍ଠଙ୍କୁ ବଳି

■ **ଭୁବନେଶ୍ୱର, ୧୦।୧୧ (ସମିସ):** ଅପରେସନ ସିନ୍ଦୂର ପରେ ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ଥିଲା ଦେଶର ସବୁଠାରୁ ବଡ଼ ଧାର୍ମିକ ଉତ୍ସବ। ରଥଯାତ୍ରାରେ ୧୫ ଲକ୍ଷ ଲୋକଙ୍କ ସମାଗମ ହେବା ଆକଳନ ହୋଇଥିଲା ଓ ଏହାକୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରାରେ ପରିଚାଳନା ପାଇଁ ସରକାର ଯୋଜନା କରିଥିଲେ। ତୁହାକୁ ତୁହା ବୈଠକ ବସିଲା, ସରକାର ଘନଘନ ବିବୃତି ଦେଲେ। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଠାରୁ ଆରମ୍ଭ କରି ପୁଲିସ ଡ଼ିଜିଙ୍କ ପର୍ଯ୍ୟନ୍ତ ରଥଯାତ୍ରାକୁ ଐତିହାସିକ କରାଯିବ ବୋଲି ଘୋଷଣା କଲେ। ସତରେ ଚଳିତ ବର୍ଷ ରଥଯାତ୍ରା ଐତିହାସିକ ହେଲା। ରଥଯାତ୍ରା ଦିନ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଗଡ଼ିଲା ନାହିଁ। କେବଳ ବିଧି ଦୃଷ୍ଟିରୁ ରାତିରେ ଆଲୁଅ ଲଗାଇ କେଇ ହାତ ରଥ ଟଣାଗଲା। ରଥଯାତ୍ରାରେ ଠେଲାପେଲାରେ ଶହଶହ ଭକ୍ତ ଆହତ ହେଲେ; ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହେଲା। ସରକାର ଉନ୍ନୟନ କମିଶନରଙ୍କୁ ଘଟଣାର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଲେ ଓ ତଦନ୍ତ ରିପୋର୍ଟ ଆଧାରରେ ୭ ଜଣ କନିଷ୍ଠ ପୁଲିସ କର୍ମଚାରୀଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ। ▶ପୃଷ୍ଠା-୭

**ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ପୁଲିସ ଏଡିଜିଙ୍କୁ କାହିଁକି ଅନୁକମ୍ପା**

**ଲୋକ ମଲେ ବାବୁଙ୍କର କି ଯାଏ ?**

- ୫ ମେଗାପିକ୍ସଲ ପରିବର୍ତ୍ତେ କାହିଁକି ଲାଗିଲା ୨ ମେଗାପିକ୍ସଲ କ୍ୟାମେରା
- ୨୮୨ ବଦଳରେ ୧୭୦ଟି କ୍ୟାମେରା ଲଗାଇବା ପଛରେ କାହା ହାତ
- ସିସିଟିଭି ଲଗାଇବା ନିମନ୍ତେ ସମ୍ପୃକ୍ତ ଠିକା ସଂସ୍ଥାକୁ କାହିଁକି ବଛାଗଲା
- ଠିକା ସଂସ୍ଥା ବାଛିଥିବା ତତ୍କାଳୀନ ଏଡିଜି (ମୁଖ୍ୟାଳୟ)ଙ୍କ ଭୂମିକାକୁ ନେଇ ପ୍ରଶ୍ନ
- ୨୦ ଆଇପିଏସ୍, ୪୫୦ ଓପିଏସ୍ ପାହ୍ୟା ଅଧିକାରୀ କ'ଣ ଦୋଷମୁକ୍ତ
- ରିପୋର୍ଟରେ ଶ୍ରୀମନ୍ଦିର ପ୍ରଶାସନର ଭୂମିକାକୁ ନେଇ ରହସ୍ୟମୟ ନିରବତା



# ଦିଲ୍ଲୀ ବିସ୍ଫୋରଣ ପଛରେ କିଏ ?

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଆଜି ସନ୍ଧ୍ୟାରେ ଦିଲ୍ଲୀରେ ହୋଇଥିବା ଭୟଙ୍କର ବିସ୍ଫୋରଣରେ ୮ ଜଣ ପ୍ରାଣ ହରାଇଥିବା ବେଳେ ଅନ୍ୟ ୧୭ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ନେସନାଲ ସିକ୍ୟୁରିଟି ଗାର୍ଡ, ନେସନାଲ ସିକ୍ୟୁରିଟି ଏଜେନସି, ଦିଲ୍ଲୀ ପୁଲିସ ଏବଂ ଫରେନସିକ୍ ସାଇନ୍ସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ବିସ୍ଫୋରଣ ପାଇଁ କେହି ନିଜକୁ ଦାୟୀ କରିନାହାନ୍ତି। ବିସ୍ଫୋରଣ ପଛରେ କିଏ, ତାହା ମଧ୍ୟ ଜଣାପଡ଼ି ନାହିଁ। ତେବେ ଯେଉଁ କାରରେ ବିସ୍ଫୋରଣ ହୋଇଛି, ତାହାର ମାଲିକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ମହମ୍ମଦ ସଲମାନ ନାମକ ଏହି ବ୍ୟକ୍ତି ଦୁଇ ବର୍ଷ ପୂର୍ବେ ଉକ୍ତ କାରକୁ ଓଖଲାର ଦେବେନ୍ଦ୍ର ନାମକ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ପୁଣି ଦେବେନ୍ଦ୍ର ଏହି କାରକୁ ଅମ୍ବାଲାରେ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ସଲମାନଙ୍କ ଘର ହରିଆଣାର ଗୁରୁଗ୍ରାମ ହୋଇଥିବା ବେଳେ କାରର ନମ୍ବର ମଧ୍ୟ ହରିଆଣାରେ ପଞ୍ଜୀକରଣ ହୋଇଛି। ତେବେ ଏବେ ଯେଉଁ

**■ କାର୍‌ର ପୁରୁଣା ମାଲିକ ଅଟକ**
**■ ଗିରଫ ଡାକ୍ତରଙ୍କୁ ପଚରାଉଚରା**

ଲୋକର ନାମରେ ଏହି କାର ରହିଛି, ତାହାକୁ ପୁଲିସ ଖୋଜୁଛି। ଏହି ବିସ୍ଫୋରଣରେ ସେମାନଙ୍କର ସଂପୃକ୍ତି ରହିଛି କି ନାହିଁ, ତାହା ଯାଞ୍ଚ କରାଯାଉଛି। ଏହି କାରଟି ହେଉଛି ହୁଣ୍ଡାଇ ଆଇ-୨୦ କାର ଏବଂ ଏଥିରେ ତିନି ଚାରି ଜଣ ଲୋକ ବସିଥିଲେ ବୋଲି କୁହାଯାଉଛି। ପୁଲିସ ଏଅଧିକ କିଛି ସୂଚନା ଦେଉନାହିଁ।

ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ଆକ୍ରମଣ ପାଇଁ ଯୋଜନା କରୁଥିବା ବେଳେ ଧରାପଡ଼ିଥିବା ୮ ଜଣ ବ୍ୟକ୍ତିଙ୍କୁ ପୁଲିସ ଏସଂପର୍କରେ ପଚରାଉଚରା କରୁଛି। ଆଜିର ବିସ୍ଫୋରଣ ସହିତ ସେମାନଙ୍କର ସଂପର୍କ ରହିଛି କି ନାହିଁ ତାହାର ଖୋଳତାଡ଼ କରରୁଛି ପୁଲିସ। ଗିରଫ ୮ ଜଣଙ୍କ ମଧ୍ୟରୁ ୪ ଜଣ ଡାକ୍ତର ଥିବା ବେଳେ ୭ ଜଣ ହେଉଛନ୍ତି କଶ୍ମୀର ବାସିନ୍ଦା। ସେମାନେ ମଧ୍ୟ ଦିଲ୍ଲୀ ସମେତ ଉତ୍ତର ଭାରତରେ ବିସ୍ଫୋରଣ କରିବାକୁ ଯୋଜନା କରିଥିଲେ ବୋଲି ପୁଲିସ ଆଗରେ ବୟାନ ଦେଇଥିଲେ। ତେଣୁ ଆଜିର ବିସ୍ଫୋରଣ ପଛରେ ସେମାନଙ୍କ ଗୋଷ୍ଠୀର ହାତ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେଣୁ ସେମାନେ ଆଉ କାହା ସହିତ ସଂପର୍କରେ ଥିଲେ, ସେସଂପର୍କରେ ସୂଚନା ହାସଲ ଲାଗି ଆଜି ରାତି ତମାମ ସେମାନଙ୍କୁ ଜେରା କରାଯାଉଛି। ଇଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିବା ପରେ ବିସ୍ଫୋରଣ ସ୍ଥଳକୁ ମଧ୍ୟ ଯାଇଥିଲେ।





**● ଦିଲ୍ଲୀ ବିସ୍ଫୋରଣରେ ନୂଆ ପାଟର୍ଣ୍ଣ**

## ହୋଇନି ଖାଲ କି କଳା ପଡ଼ିନି ଆହତଙ୍କ ଶରୀର

ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣରେ ନୂଆ ପାଟର୍ଣ୍ଣ ସାମ୍ନାକୁ ଆସିଛି। ଯେଉଁ କାର୍‌ରେ ବିସ୍ଫୋରଣ ହୋଇଥିଲା, ସେଥିରେ ଆଉ କିଛି ଲୋକ ବସି ଥିଲେ। ତେବେ ଏହି ବିସ୍ଫୋରଣ ଯୋଗୁଁ ଘଟଣାସ୍ଥଳରେ କୌଣସି ଖାଲ ହୋଇ ନ ଥିଲା। ଆହତଙ୍କ ଶରୀରରେ କଣ୍ଟା କିମ୍ବା ତାର ପଶି ଯାଇ ନ ଥିଲା। ଆହତ ବ୍ୟକ୍ତିଙ୍କ ମୁହଁ କିମ୍ବା ଶରୀର କଳା ପଡ଼ି ନ ଥିଲା। ଦିଲ୍ଲୀ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହା ସାଧାରଣ ବିସ୍ଫୋରଣ ନ ଥିଲା। ଏହା ଏକ ବଡ଼ ବୋମା ବିସ୍ଫୋରଣ ଥିଲା। ୨୦୦ ମିଟର ପର୍ଯ୍ୟନ୍ତ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଏହା ଏକ ବଡ଼ ଆତଙ୍କବାଦୀ ଘଟଣା ବୋଲି ଜଣାପଡୁଛି। ଏବେ ଯାଞ୍ଚ ଜାରି ରହିଛି। ଏବେ ବିସ୍ଫୋରଣକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ବିସ୍ଫୋରଣରେ କେଉଁ ବାରୁଦ ବ୍ୟବହାର କରାଯାଇଥିଲା? କାହିଁକି ବିସ୍ଫୋରଣ ପରେ ମୃତାହତଙ୍କ ଶୀରର କଳା ପଡ଼ି ନ ଥିଲା? କାର୍ ଭିତରେ କିଏ ବସି ଥିଲେ? ଜମ୍ମୁ-କଶ୍ମୀରରୁ ଜବତ ବିସ୍ଫୋରକ ସହ ଏହାର କୌଣସି ଲିଙ୍କ୍ ନାହିଁ ତ? ବିସ୍ଫୋରଣ ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ନାହିଁ ତ? ଏଭଳି ଅନେକ ପ୍ରଶ୍ନ ଉଠୁଛି।

## ଆତଙ୍କୀଙ୍କ ଟାର୍ଗେଟରେ ଦିଲ୍ଲୀ: ୧୯୯୬ରୁ ୨୦୨୫

୧୯୯୬ ମେ ୨୫: ଲାଜପତ ନଗରରେ ବିସ୍ଫୋରଣ, ୨୦ ମୃତ
୧୯୯୭ ନଭେମ୍ବର ୩୦; ଲାଲକିଲ୍ଲା ଅଞ୍ଚଳରେ ଟ୍ୱିନ୍ ବ୍ଲାଷ୍ଟ, ୩ ମୃତ
୧୯୯୭ ଡିସେମ୍ବର ୩୦: ପଞ୍ଜାବୀ ବାଗରେ ବସ୍ ବିସ୍ଫୋରଣ, ୪ମୃତ
୨୦୦୦ ଜନୁ ୧୮; ଲାଲକିଲ୍ଲାରେ ଦୁଇଟି ବିସ୍ଫୋରଣ, ୨ ମୃତ
୨୦୦୧ ଡିସେମ୍ବର: ପାର୍ଲାମେଣ୍ଟ ଉପରେ ଆକ୍ରମଣ, ୯ ସୁରକ୍ଷା କର୍ମୀ ସହିଦ
୨୦୦୫ ଅକ୍ଟୋବର ୨୯: ସରୋଜିନୀ ନଗର, ପାହାଡଗଞ୍ଜରେ ବିସ୍ଫୋରଣ, ୬୭ ମୃତ
୨୦୦୬ ଏପ୍ରିଲ ୧୪; ଜାମା ମସଜିଦ ପରିସରରେ ବିସ୍ଫୋରଣ, ୧୪ ଆହତ
୨୦୦୮ ସେପ୍ଟେମ୍ବର ୧୩; କାରୋଲ ବାଗ, କନଟ ପ୍ଲେସ, ଗ୍ରେଟର କୈଳାଶ-୧ରେ ସିରିଜ ବିସ୍ଫୋରଣ, ୩୦ ମୃତ
୨୦୧୧ ମେ ୨୫: ଦିଲ୍ଲୀ ହାଇକୋର୍ଟ ପାର୍କିଂ ଲଟ୍‌ରେ ବିସ୍ଫୋରଣ, ୧୫ ମୃତ
୨୦୨୫ନଭେମ୍ବର ୧୦: ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ, ୮ ମୃତ



## ଭେଣ୍ଟିଲେଟରରେ ହି-ମ୍ୟାନ ଧର୍ମେନ୍ଦ୍ର

ମୁମ୍ବଇ, ୧୦।୧୧(ଏଜେନ୍ସି): ବର୍ଷୀଆନ ବଲିଉଡ ଅଭିନେତା ତଥା ହି-ମ୍ୟାନ ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡିଛି। ମୁମ୍ବଇର ବ୍ରିଚ୍‌କାଣ୍ଡି ହସ୍ପିଟାଲ୍‌ରେ ତାଙ୍କୁ ଭର୍ତ୍ତି କରାଯାଇଛି ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ନିଃଶ୍ୱାସ ନେବାରେ ସମସ୍ୟା ହେବା କାରଣରୁ ତାଙ୍କୁ ଗୋଟିଏ ସପ୍ତାହ ତଳେ ହସ୍ପିଟାଲ ନିଆଯାଇଥିଲା। ଆଗାମୀ ଡିସେମ୍ବର ୮ରେ ସେ ୯୦ ବର୍ଷରେ ପଦାର୍ପଣ କରିବେ। ପୂର୍ବରୁ ଏପ୍ରିଲ୍‌ରେ ତାଙ୍କର ଚକ୍ଷୁ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଧର୍ମେନ୍ଦ୍ର ହସ୍ପିଟାଲରେ ଅଛନ୍ତି। ତେବେ ଧର୍ମେନ୍ଦ୍ରଙ୍କୁ ଭେଣ୍ଟିଲିଟରରେ ରଖାଯାଇନାହିଁ ବୋଲି ତାଙ୍କ ଟିମ୍ ତରଫରୁ କୁହାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଛି। ସେ ଏକାଧିକ ଡାଙ୍କରଙ୍କ ତତ୍ତ୍ୱାବଧାନରେ ରହିଛନ୍ତି। ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି କୁହାଯାଇଛି। ପୂରା ପରିବାର ତାଙ୍କ ସହ ଅଛନ୍ତି। ଦୁଇ ଝିଅଙ୍କୁ ମଧ୍ୟ ଆମେରିକାରୁ ଡକାଯାଇଛି। ୧୯୬୦ରେ ସେ 'ଦିଲ୍ ଭି ତେରା, ହମ୍ ଭି ତେରା' ସିନେମାରେ ସେ ବଲିଉଡ୍‌ରେ ପଦାର୍ପଣ କରିଥିଲେ। ୧୯୬୦ ଦଶକରେ ସେ ଅନପଢ୍, ବନ୍ଦିନୀ, ଅନୁପମା ଓ ଆୟା ସାବନ ଝୁମ୍‌କେରେ ଅଭିନୟ କରି ବଲିଉଡ୍‌ରେ ନିଜର ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ସୃଷ୍ଟି କରିଥିଲେ। ସେ ସୁପରହିଟ୍ ଚଳଚ୍ଚିତ୍ର ଶୋଲେ, ଧରମବୀର, ଚୁପ୍‌କେ ଚୁପ୍‌କେ, ମେରା ଗାଁଓ ମେରା ଦେଶ ଓ ଡ୍ରିମ ଗର୍ଲରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ଦୀର୍ଘ ୬ ଦଶନ୍ଧିର କ୍ୟାରିୟରରେ ସେ ମୋଟ ୩୦୦ଟି ସିନେମାରେ ଅଭିନୟ କରିଛନ୍ତି।

## ଫ୍ଲାଇଟ୍ ଜିପିଏସ୍‌ରେ ଟ୍ୟାମ୍ପରିଂ କରାଯାଇଥିଲା

ନୂଆଦିଲ୍ଲୀ, ୧୦।୧୧(ଏଜେନ୍ସି): ଦିଲ୍ଲୀ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ଦୁଇଦିନ ତଳେ ୮୦୦ରୁ ଉର୍ଦ୍ଧ୍ୱ ବିମାନ ଉଡାଣ ବାଧାପ୍ରାପ୍ତ ହୋଇଥିଲା ଓ ଏଥିପାଇଁ ହଜାର ହଜାର ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ଏବେ ଏହି ଘଟଣା ପଛର କାରଣ ସାମ୍ନାକୁ ଆସିଛି। ଜିପିଏସ୍ ଅର୍ଥାତ ଗ୍ଲୋବାଲ ପୋଜିସନିଂ ସିଷ୍ଟମର ସିଗନାଲ୍‌କୁ ଟ୍ୟାମ୍ପରି କରାଯାଇଥିଲା ବୋଲି ଯାଞ୍ଚ ଓ ବିଶେଷଜ୍ଞଙ୍କଠାରୁ ମିଳିଥିବା ସୂଚନାରୁ ସ୍ପଷ୍ଟ ହୋଇଛି। ନଭେମ୍ବର ୬ ଓ ୭ରେ ସନ୍ଧ୍ୟା ୭ଟାରେ ବିମାନଗୁଡିକର ଜିପିଏସ୍‌ର ନକଲି ସିଗ୍‌ନାଲ ମିଳିଥିଲା। କକ୍‌ପିଟ୍‌ର ପର୍ଦ୍ଦାରେ ବିମାନର ପୋଜିସନିଂ ବଦଳି ଯାଇଥିଲା ଓ ନକଲି ଚିତ୍ର ଦେଖିବାକୁ ମିଳିଥିଲା। ଫଳରେ ଏହି ଅବସରରେ ରନୱେ ବଦଳରେ ଚାଷଜମି ଦେଖିବାକୁ ମିଳିଥିଲା। ସେହିପରି ବିମାନର ଉଚ୍ଚତା ନେଇ ଭ୍ରମ ସୃଷ୍ଟି ହୋଇଥିଲା। ଫଳରେ ବିମାନର ପାଇଲଟ୍ ଜିପିଏସ୍ ବେଷ୍ଟ ଅଟୋ ମେସେଜିଂ ବଦଳରେ ମାନୁଆଲ ପୋଜିସନକୁ ସ୍ଥାନାନ୍ତର ହୋଇଥିଲା। ନଭେମ୍ବର ୭ରେ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)ର ଅଟୋମେଟିକ ମେସେଜ ସୁଇଚ୍ ସିଷ୍ଟମ୍ (ଏଏମ୍‌ଏସ୍‌ଏସ୍)ରେ ବୈଷୟିକ ତ୍ରୁଟି ବିମାନଗୁଡିକର ଚଳାଚଳ ୧୨ ଘଣ୍ଟାଧରି ପ୍ରଭାବିତ ହୋଇଥିଲା। ୮୦୦ରୁ ଉର୍ଦ୍ଧ୍ୱ ଘରୋଇ ଓ ଅନ୍ତର୍ଜାତୀୟ ବିମାନର ଉଡାଣ ବିଳମ୍ବିତ ହୋଇଥିଲା। ଏପରିକି ୨୦ଟି ବିମାନର ଉଡାଣକୁ ବାତିଲ କରିବାକୁ ପଡ଼ିଥିଲା। ୪୮ ଘଣ୍ଟା ପରେ ଯାଇ ବିମାନବନ୍ଦରର ପରିଚାଳନା ସାଧାରଣ ହୋଇଥିଲା।

## ପାଟନାରେ ଛାତ ଭୁଶୁଡ଼ି ଗୋଟିଏ ପରିବାରର ୫ ମୃତ

ପାଟନା, ୧୦।୧୧(ଏଜେନ୍ସି): ବିହାର ରାଜଧାନୀ ପାଟନା ଉପକଣ୍ଠରେ ଥିବା ଦାନପୁରରେ ଘରର ଛାତ ଭୁଶୁଡିବା ଫଳରେ ଗୋଟିଏ ପରିବାର ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ରବିବାର ରାତି ୯ଟାରେ ମାନସ ନୟା ପାନାପୁର ଗାଁରେ ଏହି ଘଟଣା ଘଟିଛି। ଏହି ଗାଁ ପାଟନା ଓ ସାରଣ ସୀମରେ ଅବସ୍ଥିତ। ଛାତ ଭୁଶୁଡିବା ଫଳରେ ୩୫ ବର୍ଷୀୟ ମହମ୍ମଦ ବବଲୁ, ପତ୍ନୀ ୩୦ ବର୍ଷୀୟ ରୋଶନ ଖାତୁନ ଓ ତାଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ପ୍ରାଣ ହରାଇଛନ୍ତି। ଭଙ୍ଗା ଛାତ ଓ କାନ୍ଥ ତଳେ ସମସ୍ତଙ୍କ ମୃତଦେହ ଫସି ରହିଛି। ଭଗ୍ନାବଶେଷ ତଳେ ପିଲାଙ୍କ ସ୍କୁଲ ବ୍ୟାଗ, କିଛି ପୋଷାକ ଓ ପଙ୍ଖା ଦେଖିବାକୁ ମିଳିଛି। କେତୋଟି ଇଟାରେ ରକ୍ତର ଛିଟା ମଧ୍ୟ ଦେଖାଯାଇଛି। ପାଖରେ ଏକ କଡେଇ, ଗ୍ୟାସ ଚୁଲା ଓ ଅନ୍ୟାନ୍ୟ ରୋଷେଇ ତଥା ଘରୋଇ ଉପକରଣ ପଡ଼ି ରହିଛି। ଛାତ ଭୁଶୁଡିବା ପରେ ଜୋରରେ ଶବ୍ଦ ଶୁଣି ଲୋକେ ଘରୁ ବାହରକୁ ଆସିଥିଲେ। ପୂରା ପରିବାର ରାତିରେ ଖାଇ ସାରିବା ପରେ ଶୋଇଥିବା ବେଳେ ଏହି ଘଟଣା ଘଟିଥିଲା ବୋଲି ପଡୋଶୀ କହିଛନ୍ତି। ଇନ୍ଦିରା ଆବାସ ଯୋଜନାରୁ ବବ୍‌ଲୁ ଏହି ଘର ତିଆରି କରିଥିଲେ। କିନ୍ତୁ ଏହି ଘର ପୁରଣା ହୋଇଯାଇଥିଲା ଓ ଅତି ବିପଦ ଶଙ୍କୁଳ ଅବସ୍ଥାରେ ଥିଲା। ଏହି ଘର ୩୦ ବର୍ଷର ପୁରୁଣା ଘର ଥିଲା। ଆରଜେଡି ନେତ୍ରୀ ତଥା ପାଟଳିପୁତ୍ର ସାଂସଦ ମିସା ଭାରତୀ ପୀଡିତ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି।

## ସଂରକ୍ଷଣକୁ ନେଇ କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ | ମହିଳା ସବୁଠୁ ବଡ଼ ସଂଖ୍ୟାଲଘୁ

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଲୋକସଭା, ବିଧାନସଭା ନିର୍ବାଚନରେ ମହିଳା ସଂରକ୍ଷଣ ନିୟମ କାର୍ଯ୍ୟକାରୀ କରିବାକୁ ନେଇ ଦାଏର ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହାର ଉପରେ ଜବାବ ଦେବାକୁ ଜଷ୍ଟିସ ବିଭି ନାଗରତ୍ନା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ମହିଳା ସଂରକ୍ଷଣ ଆଇନରେ ନିର୍ବାଚନରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାର ନିୟମ ରହିଛି।

ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ନାଗରତ୍ନା ବଡ଼ ଟିପ୍ପଣୀ ଦେଇଥିଲେ। ଦେଶରେ ମହିଳା ସବୁଠୁ ବଡ଼ ସଂଖ୍ୟାଲଘୁ ବୋଲି କହିଥିଲେ। ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ କୁହାଯାଇଛି ଯେ ସମସ୍ତ ନାଗରିକ ରାଜନୈତିକ ଏବଂ ସାମାଜିକ ସମାନତା ପାଇବାକୁ ହକ୍‌ଦାର। ଏହି ଦେଶରେ ମହିଳା ସବୁଠାରୁ ବଡ଼ ସଂଖ୍ୟାଲଘୁ। ମହିଳା ସଂଖ୍ୟା ୪୮ ପ୍ରତିଶତ ରହିଛି। ତେବେ ଏହା ମହିଳାଙ୍କ ରାଜନୈତିକ କ୍ଷମତା ଆଧାରରେ ବୋଲି ଜଷ୍ଟିସ ନାଗରତ୍ନା ସ୍ପଷ୍ଟ କରିଥିଲେ। କଂଗ୍ରେସ ନେତ୍ରୀ ଜୟା ଠାକୁରଙ୍କ ଆବେଦନର ଶୁଣାଣି କରି ସେ ଏହି ଟିପ୍ପଣୀ ଦେଇଛନ୍ତି। ୨୦୨୪ରେ ଅଣାଯାଇଥିବା ମହିଳା ସଂରକ୍ଷଣ ନିୟମକୁ ତୁରନ୍ତ ଲାଗୁ କରିବାକୁ କଂଗ୍ରେସ ନେତ୍ରୀ ଏଥିରେ ଦାବି କରିଥିଲେ।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ସୋଫିଆ ଗୁପ୍ତା କହିଥିଲେ ଯେ ଦେଶ ସ୍ୱାଧୀନତାକୁ ୭ ଦଶନ୍ଧି ବିତି ଯାଇଥିଲେ ମଧ୍ୟ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବା ଦୁର୍ଭାଗ୍ୟର ବିଷୟ। ଏହା ଉପରେ ଜଷ୍ଟିସ ନାଗରତ୍ନା କେନ୍ଦ୍ରକୁ ନୋଟିସ ଜାରି କରିବାକୁ କହିଥିଲେ ଏବଂ ପରିସୀମା ନିର୍ଦ୍ଧାରଣ କେବେ ହେବ ବୋଲି ଜବାବ ମାଗିଥିଲେ। ତେବେ ସେ ସ୍ପଷ୍ଟ କରିଥିଲେ ଯେ ଆଇନ କାର୍ଯ୍ୟକାରୀ କରିବା କାର୍ଯ୍ୟପାଳିକା ଉପରେ ନିର୍ଭର କରୁଛି। ଏ ନେଇ କୋର୍ଟ ମାଣ୍ଡାମସ ରୁଜୁ କରିପାରିବେ ନାହିଁ।




## ଆମେରିକାରେ ଶେଷ ହେବ ସଟ୍‌ଡାଉନ୍

ୱାସିଂଟନ, ୧୦।୧୧(ଏଜେନ୍ସି): ରେକର୍ଡ ୪୦ ଦିନ ହେବ ଆମେରିକାରେ ସଟ୍‌ଡାଉନ୍ ଜାରି ରହିଥିବା ବେଳେ ଏବେ ଏହା ଶେଷ ହେବା ନେଇ ଆଶା ସଞ୍ଚାର ହୋଇଛି। ରବିବାର ଆମେରିକାର ଉପର ଗୃହ ସିନେଟ୍‌ରେ ପଣ୍ଡିଂ ବିଲ୍ ପାରିତ କରାଇବା ପ୍ରକ୍ରିୟା ଆଗକୁ ବଢ଼ିଛି। ଏହି ବିଲ୍ ସରକାରଙ୍କୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ଫଣ୍ଡିଂ ଉପଲବ୍ଧ କରାଇବ। ଏହି ବିଲ୍ ଅନୁସାରେ ଜାନୁଆରୀ ୩୧ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଛଟେଇ କରିବାରୁ ରୋକାଯିବ। ଏଥିସହ ସଟ୍‌ଡାଉନ୍ ଅବସରରେ କାର୍ଯ୍ୟ କରିଥିବା କର୍ମଚାରୀଙ୍କ ବାକିଆ ପାଉଣା ପ୍ରଦାନ କରାଯିବ। ଏହି ବିଲ୍ ୬୦-୪୦ ଅନ୍ତରେ ପାରିତ ହୋଇଛି।

**'ଓବାମା କେୟାର' ଉପରେ ଭୋଟିଂ ପାଇଁ ଟ୍ରମ୍ପ ରାଜି**

ଏବେ ସିନେଟ ଏଥିରେ ସଂଶୋଧନ କରିବ। ଏହାପରେ ଏହି ପ୍ରସ୍ତାବ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ ଅର୍ଥାତ ନିମ୍ନ ଗୃହରେ ମଞ୍ଜୁରୀ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦସ୍ତଖତ ପାଇଁ ପଠାଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବା ପାଇଁ ଏବେ ଆହୁରି କିଛି ଦିନ ଲାଗିବ। ସଟ୍‌ଡାଉନ୍ ଶେଷ କରିବା ପାଇଁ ରିପବ୍ଲିକାନ ପାର୍ଟି କେତେଜଣ ଡେମୋକ୍ରାଟ୍ ସିନେଟରଙ୍କୁ ଓବାମାକେୟାରର ସବ୍‌ସିଡ ବୃଦ୍ଧି କରିବା ପାଇଁ ଡିସେମ୍ବରରେ ଭୋଟିଂ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଇତିମଧ୍ୟରେ ସଟ୍‌ଡାଉନ୍ ଶେଷ ହେବା ଭଳି ମନେ ହେଉଥିବା ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକଙ୍କୁ କହିଛନ୍ତି। କିନ୍ତୁ ଓବାମା କେୟାର ସବ୍‌ସିଡ୍‌କୁ ହେଲଥ୍ ଇନସୁରାନ୍ସ କମ୍ପାନୀଗୁଡିକ ପାଇଁ ଲାଭଜନକ ଓ ଆମେରିକୀୟ ଲୋକଙ୍କ ପାଇଁ କ୍ଷତିକାରକ ବୋଲି ସେ କହିଛନ୍ତି। ଲୋକଙ୍କ ସବ୍‌ସିଡ୍ ବଦଳରେ ସିଧା ପଇସା ଦେଇ ସେମାନଙ୍କୁ ନିଜ ପସନ୍ଦର ଇନସୁରାନ୍ସ କ୍ରୟ କରିବାକୁ ସୁବିଧା ଦିଆଯିବ ଆବଶ୍ୟକ। ଦୁଇ ପାର୍ଟି ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ରାଜି ଅଛି ବୋଲି ଟ୍ରମ୍ପ କହିଛନ୍ତି।

## ସନ୍ଦେହଜନକ ଅବସ୍ଥାରେ ମଡେଲଙ୍କ ମୃତ୍ୟୁ




ଭୋପାଳ, ୧୦।୧୧(ଏଜେନ୍ସି): ମଧ୍ୟପ୍ରଦେଶର ସେହୋର ଜିଲ୍ଲାର ଏକ ଘରୋଇ ହସ୍ପିଟାଲରେ ଖୁସ୍‌ବୁ ଅହିରୱାର ନାମକ ଜଣେ ୨୧ ବର୍ଷୀୟା ମଡେଲ ରହସ୍ୟଜନକ ଭାବେ ମୃତ୍ୟୁବରଣ କରିଛନ୍ତି। ସୋମବାର ସକାଳେ ପୁରୁଷ ବନ୍ଧୁ ଏହି ହସ୍ପିଟାଲରେ ଛାଡି ତାଙ୍କୁ ଚାଲିଯାଇଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କୁ ମୃତ ଅବସ୍ଥାରେ ଅଣାଯାଇଥିବା ଡାକ୍ତରମାନେ କହିଛନ୍ତି। ମୃତ ବୋଲି ଜାଣିବା ପରେ ପୁଲିସକୁ ତୁରନ୍ତ ସୂଚନା ଦିଆଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ତତ୍ତ୍ୱାବଧାନରେ ଖୁସ୍‌ବୁଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭୋପାଳର ଗାନ୍ଧୀ ମେଡିକାଲ କଲେଜକୁ ପଠାଇ ଦିଆଯାଇଛି। 'ଝିଅକୁ ମାରି ଦିଆଯାଇଛି ଓ ଦେହସାରା ନୀଳ ଚିହ୍ନ ରହିଛି। ତାର ମୁହଁ ମଧ୍ୟ ଫୁଲି ଯାଇଛି ଓ ଗୁପ୍ତାଙ୍ଗରେ ଆଘାତ ଲାଗିଛି। ଝିଅକୁ ନିର୍ମମ ଭାବେ ପିଟି ପିଟି ହତ୍ୟା କରାଯାଇଛି। ଆମେ ନ୍ୟାୟ ଚାହୁଁଛୁ। ଝିଅର ହତ୍ୟାକାରୀକୁ କଠୋର ଦଣ୍ଡ ଦିଆଯାଉ' ବୋଲି ଖୁସ୍‌ବୁଙ୍କ ମା' ଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ଖୁସ୍‌ବୁ ୨୭ ବର୍ଷୀୟ କାସିମଙ୍କ ସହ ଲିଭ୍ ଇନ୍‌ରେ ରହୁଥିଲେ ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି। ଉଜ୍ଜୈନରୁ ଭୋପାଳ ଫେରିବା ବାଟରେ ଖୁସ୍‌ବୁ ଅସୁସ୍ଥ ହୋଇପଡ଼ିଥିଲେ। କିନ୍ତୁ କାସିମ ହସ୍ପିଟାଲରେ ରହିବା ପରିବର୍ତ୍ତେ ତାଙ୍କୁ ଛାଡି ପଳାଇଥିଲେ ବୋଲି ପୁଲିସ କହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସବୁ ଦିଗରୁ ତଦନ୍ତ କରାଯିବ ବୋଲି ପୁଲିସ କହିଛି। ନ୍ୟାୟ ପାଇଁ ଖୁସ୍‌ବୁଙ୍କ ଭଉଣୀ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ନିବେଦନ କରିଛନ୍ତି।

## ଭୟଙ୍କର ପ୍ରଦୂଷଣ; ଦିଲ୍ଲୀ ପ୍ରଶ୍ୱାସରେ ବିଷ

ନୂଆଦିଲ୍ଲୀ, ୧୦।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ଆହୁରି ଖରାପ ସ୍ତରରେ ପହଞ୍ଚିଛି। ଘନ କୁହୁଡି ଓ ତାପମାତ୍ର ହ୍ରାସ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଦିଲ୍ଲୀ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ପିଏମ୍ ୨.୫ ଓ ପିଏମ ୧୦ ଦୁଇଟିର ସ୍ତର ଅତି ଖରାପ ହୋଇଯାଇଛି। ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେବାକୁ ଲୋକେ ବାଧ ହେଉଛନ୍ତି। ଏଥିସହ (ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ) ଜିଆରଏପି-୨ ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଛି। ଦୀପାବଳି ପରେ ଦିଲ୍ଲୀରେ ପ୍ରଦୂଷଣ ଆହୁରି ଖରାପ ସ୍ଥିତିରେ ପହଞ୍ଚିଛି। ଏହି ସମସ୍ୟାର ସମାଧାନ ପାଇଁ ଇଣ୍ଡିଆ ଗେଟ୍ ନିକଟରେ ପିଲାମାନଙ୍କ ସହ ସେମାନଙ୍କ ପିତାମାତା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣକୁ ଆଣିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଏମାନେ ଦାବି କରିଛନ୍ତି। ବିନା ଅନୁମତିରେ ଇଣ୍ଡିଆ ଗେଟ୍ ନିକଟରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିବାରୁ କେତେଜଣଙ୍କୁ ଅଟକ ରଖାଯାଇଛି ବୋଲି ଦିଲ୍ଲୀ ପୁଲିସ କହିଛି। କେବଳ ଜନ୍ତରମନ୍ତରରେ ଆନ୍ଦୋଳନ ତଥା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଅନୁମତି ଦିଆଯାଇଛି। ତେବେ ନିୟମ ଅନୁସାରେ ଏଥିପାଇଁ ଅନୁମତିର ଆବଶ୍ୟକତା ଅଛି ବୋଲି ପୁଲିସ କହିଛି। ସୋମବାର ସକାଳ ୭ଟାରେ ଦିଲ୍ଲୀ ଏକ୍ୟୁଆଇ ୩୫୪ ଥିଲା। ଏହା ଅତ୍ୟନ୍ତ ଖରାପ ବର୍ଗରେ ରହିଥିବା ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ସିପିସିବି) କହିଛି। ଏହା ରବିବାର ୩୯୦ ଥିଲା।

ଅନ୍ୟ ସ୍ଥାନଗୁଡିକରେ ଏକ୍ୟୁଆଇ ଆହୁରି ଖରାପ ରହିଛି। ଏକ୍ୟୁଆଇ ଆନନ୍ଦ ବିହାରରେ ୩୭୯, ଦିଲ୍ଲୀ ଆଇଟିଓରେ ୩୭୬, ଚାନ୍ଦିନୀ ଚୌକରେ ୩୬୦, ଅଖଲା ଫେଜ-୨ରେ ୩୪୮, ଜବାହରଲାଲ ନେହେରୁ ଷ୍ଟାଡିୟମରେ ୩୧୬ ଓ ଇନ୍ଦିରାଗାନ୍ଧୀ ବିମାନ ବନ୍ଦର ଟର୍ମିନାଲ-୩ରେ ୩୦୫ ରହିଛି। ସେହିପରି ନୋଏଡାରେ ଏକ୍ୟୁଆଇ ୩୪୨, ସେକ୍ଟର-୧ରେ ୩୨୫ ଓ ସେକ୍ଟର ୧୧୬ରେ ୩୩୯, ଗ୍ରେଟର ନୋଏଡା ନଲେଜ ପାର୍କ-୩ ଓ ୫ରେ ଯଥାକ୍ରମେ ୩୧୬ ଓ ୩୧୪ ରହିଛି। ଅନ୍ୟପଟେ ଗୁରୁଗ୍ରାମ ସେକ୍ଟର ୫୧ରେ ଏକ୍ୟୁଆଇ ୩୨୭ ରହିଛି। ସେହିପରି ଫରିଦାବାଦ୍‌ର ନ୍ୟୁ ଇଣ୍ଡଷ୍ଟ୍ରିଆଲ ଟାଉନ୍ ଓ ସେକ୍ଟର ୧୧ରେ ଏକ୍ୟୁଆଇ ଯଥାକ୍ରମେ ୨୩୦ ଓ ୨୩୮ ରହିଛି। ରବିବାର ଦିଲ୍ଲୀ ସର୍ବାଧିକ ତାପମାତ୍ରା ୨୮.୧ ଓ ସର୍ବନିମ୍ନ ୧୧.୭ ରହିଥିଲା ଏବଂ ଏହା ସାଧାରଣ ତାପମାତ୍ରାଠାରୁ ଯଥେଷ୍ଟ କମ୍ ରହିଥିଲା।



ଭିଏନାର ସ୍ୱଚ୍ଛ ଆକାଶ (ବାମ) ଏବଂ ଦିଲ୍ଲୀର ପ୍ରଦୂଷିତ ଆକାଶ (ଡାହାଣ)ର ଦୃଶ୍ୟ। ଭିଏନାରୁ ଦିଲ୍ଲୀ ଆସିଥିବା ଏକ ବିମାନରୁ ଜଣେ ଯାତ୍ରୀ ଏହି ଫଟୋ ଉତ୍ତୋଳନ କରିଛନ୍ତି।

# ବିଜେପି ନେତାଙ୍କୁ ସାତ୍‌ଖୁଣ ମାଫ୍

## ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ବିଜେଡି-କଂଗ୍ରେସ

■ ନୂଆପଡ଼ାରେ ବୁଲୁଛନ୍ତି ଗଣ୍ଡାଗଣ୍ଡା ବିଜେପି ନେତା
■ ସୋସିଆଲ୍ ମିଡିଆରେ ଭାଇରାଲ ଟଙ୍କା ବଣ୍ଟା ଭିଡିଓ
■ ନୂଆପଡ଼ା ଥାନା ସମ୍ମୁଖରେ ବିଜେଡି କର୍ମୀଙ୍କ ଧାରଣା

ନୂଆପଡ଼ା/ଭୁବନେଶ୍ୱର,୧୦।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ଭୋଟ୍ ପଡ଼ିବାକୁ ଆଉ କେଇ ଘଣ୍ଟା ବାକି ରହିଛି। ସୋମବାରଠାରୁ ନୂଆପଡ଼ାରେ ନିରବ ଅବଧି ଆରମ୍ଭ ହେବା ସହ ବାହାର ନେତାଙ୍କୁ ଜିଲ୍ଲା ଛାଡ଼ିଦେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ନୂଆପଡ଼ାରେ ସ୍ଥିତି ଠିକ ବିପରୀତ। ଏ ସଂକ୍ରାନ୍ତରେ ନିର୍ବାଚନ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଉଭୟ ବିଜେଡି ଓ କଂଗ୍ରେସ। ସୋମବାର ବିଜେଡି ଏକାଧିକ ଥର ସିଇଓଙ୍କ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ପ୍ରସଙ୍ଗରେ ଅଭିଯୋଗ କରିଥିବା ବେଳେ ପିସିସି ସଭାପତି ଭକ୍ତ ଚରଣ ଦାସ ନିଜର ସୋସିଆଲ୍ ମିଡିଆ ଆକାଉଣ୍ଟ ଜରିଆରେ ସରକାରୀ ଦଳ ଦ୍ୱାରା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ନେଇ ଆପତ୍ତି ଉଠାଇ ଚାଲିଛନ୍ତି। ଏସବୁ ଅଭିଯୋଗ ସତ୍ତ୍ୱେ ସିଇଓଙ୍କ ପକ୍ଷରୁ ସେଭଳି କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ କରାଯାଇ ନାହିଁ ବୋଲି ଅଭିଯୋଗ କରି ବିଜେଡି ଓ କଂଗ୍ରେସ ଭାରତ ନିର୍ବାଚନ ଆୟୋଗଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ନିରବ ଅବଧି ମଧ୍ୟରେ ନିର୍ବାଚନ ଆଚରଣ ବିଧି କଡ଼ାକଡ଼ି ପାଳନ ହୋଇଥାଏ। ଏହି ସମୟରେ ବାହାର ଜିଲ୍ଲାର ନେତାଙ୍କୁ ସେଠାରେ ରହଣି ଅନୁମତି ନ ଥିବା ସତ୍ତ୍ୱେ ଅତାବିରା ବିଜେପି ବିଧାୟକ ନିହାର ମହାନନ୍ଦ ଜିଲ୍ଲାରେ ଭୋଟରଙ୍କୁ ପ୍ରଭାବିତ କରୁଥିବା ନେଇ ଅଭିଯୋଗ ହୋଇଛି। ତାଙ୍କ ଗାଡ଼ି ନୂଆପଡ଼ାରେ ଥିବା ନେଇ ମଧ୍ୟ ଏକ ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ ହୋଇଛି। ଏହାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ୍ସରେ ପ୍ରଶ୍ନ ଉଠାଇବା ସହିତ ମୁଖ୍ୟ ନିର୍ବାଚନ ଅଧିକାରୀ କଂଗ୍ରେସ କାର୍ଯ୍ୟାଳୟରେ ରେଡ୍ କରିପାରୁଛନ୍ତି ହେଲେ ଏହା କଣ ତାଙ୍କ ଆଖିକୁ ଦିଶୁନାହିଁ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ସେହିପରି ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତିଙ୍କ ନେମ୍‌ପ୍ଲେଟ୍ ଲାଗିଥିବା ଗାଡ଼ିକୁ ମଧ୍ୟ ସେଠାରେ ସ୍ଥାନୀୟ ଲୋକେ ଅଟକ ରଖିବା ସହ ବିଜେପି ପକ୍ଷରୁ ସେ ଭୋଟରଙ୍କୁ ପ୍ରଭାବିତ କରୁଥିବା ନେଇ ଅଭିଯୋଗ କରିଛନ୍ତି। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ପୁନଶ୍ଚ ନୂଆପଡ଼ାରେ ବିଜେପି ନେତା ଟଙ୍କା ବାଣ୍ଟୁଥିବା, ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ନିରବ ଅବଧିରେ ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରି ଭୋଟ୍ ଭିକ୍ଷା କରୁଥିବାରୁ ଭିଡ଼ିଓ ଭାଇରାଲ ହୋଇଛି। ଏଭଳି ଅଭିଯୋଗ ଆସୁଥିଲେ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ରାଜନୈତିକ ଦଳଗୁଡ଼ିକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅନ୍ୟପଟେ ସରକାରୀ ଦଳର ନେତା ଓ କର୍ମୀଙ୍କ ଏଭଳି କାଣ୍ଡକୁ ବିଜେଡି କର୍ମୀ ବିରୋଧ କରିବା ସହ ଅନେକ ସ୍ଥାନରେ ପ୍ରତିବାଦ କରିଛନ୍ତି। ପରିଣାମ ସ୍ୱରୂପ କିଛି ବିଜେଡି କର୍ମୀଙ୍କୁ ପୁଲିସ ଗିରଫ ମଧ୍ୟ କରିଥିବା ଅଭିଯୋଗ ହୋଇଛି। ଏହାକୁ ଆଧାର କରି ନୂଆପଡ଼ା ବିଜେଡି ଜିଲ୍ଲାସଭାପତି ଓ ବିଜେଡି ପ୍ରାର୍ଥୀ ନୂଆପଡ଼ାର ଏକ ଥାନାରେ ଆଜି ଧାରଣାରେ ମଧ୍ୟ ବସିଥିଲେ। ଏହାକୁ ନେଇ ବିଜେଡି ରାଜଧାନୀରେ ସାମ୍ବାଦିକ ସମ୍ମିଳନୀ କରି ଗର୍ଜିଥିବା ବେଳେ କଂଗ୍ରେସ ମଧ୍ୟ ବିଭିନ୍ନ ମାଧ୍ୟମରେ ଏଭଳି ଘଟଣାକୁ ନେଇ ଆପତ୍ତି ଉଠାଉଛି।

### ୧୫ ଡିଗ୍ରୀ ତଳେ ରାଜ୍ୟର ୧୬ ସହର

# ଆଜିଠୁ କଲବଲ କରିବ ଶୀତ

■ ଜି.ଉଦୟଗିରିରେ ୮.୪ ଡିଗ୍ରୀକୁ ଖସିଲା ପାରଦ
■ ଦାରିଙ୍ଗବାଡ଼ିରେ ୧୦ ଡିଗ୍ରୀ, ଫୁଲବାଣୀ ୧୧, ଝାରସୁଗୁଡ଼ା ୧୧.୬

ଭୁବନେଶ୍ୱର,୧୦।୧୧(ସମିସ): ରାଜ୍ୟରେ ତାପମାତ୍ରା ହ୍ରାସ ସାଙ୍ଗକୁ ଥଣ୍ଡା ବଢ଼ିବାରେ ଲାଗିଛି। କ୍ରମାଗତ ଭାବେ ରାଜ୍ୟକୁ ଥଣ୍ଡା ଓ ଶୁଷ୍କ ବାୟୁର ପ୍ରବାହ ହେତୁ ତାପମାତ୍ରା କମିଚାଲିଛି। ଏହାଫଳରେ ମଙ୍ଗଳବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ୧୧ ଓ ୧୨ ତାରିଖ ପାଇଁ ୫ ଟି ଜିଲ୍ଲାରେ ଶୀତ ଲହରୀ ଜନିତ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇଛି। ଏହାସହିତ ପ୍ରଥମ ଥର ପାଇଁ ଚଳିତ ରାଜ୍ୟରେ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଥିବା ବେଳେ ରାଜ୍ୟର ୧୬ ଟି ସହରରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୮.୪ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଥିବା ବେଳେ ଦାରିଙ୍ଗବାଡ଼ି ୧୦, ଫୁଲବାଣୀ ୧୧, ଝାରସୁଗୁଡ଼ା ୧୧.୬, କିରେଇ ୧୨, ସେମିଳିଗୁଡ଼ା ୧୨.୫, ରାଉରକେଲା ୧୨.୫ ଓ ଅନୁଗୁଳରେ ତାପମାତ୍ରା ୧୨.୬ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଚଳିତ ବର୍ଷ ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଛି। ରାଜଧାନୀରେ ରାତିର ତାପମାତ୍ରା ୧୪.୮ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରାରେ ଆହୁରି ୨.୩ ଡିଗ୍ରୀ ହ୍ରାସ ହେବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୪ ଡିଗ୍ରୀ କମ୍ ରହିବା ସହ କିଛି କିଛି ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ପାଇଁ ଅନୁଗୁଳ, ଝାରସୁଗୁଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲ୍ଲାରେ ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହେବା ନେଇ ପାଣିପାଗ କେନ୍ଦ୍ର କହିଛି। ଏଥିପାଇଁ ଏହି ୫ ଜିଲ୍ଲାକୁ ୨ ଦିନ ଯାଏଁ ୟେଲୋ ଆଲର୍ଟ ଜାରି କରାଯାଇଛି।

---

**ନୂଆପଡ଼ା ଉପନିର୍ବାଚନ**

# ମାଓ ଅଞ୍ଚଳକୁ ହେଲିକପ୍ଟରରେ ଗଲେ ପୋଲିଂ ଦଳ

ନୂଆପଡ଼ା,୧୦।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟଗ୍ରହଣ ହେବ। ଜିଲ୍ଲାରେ ମୋଟ ୩୫୮ଟି ବୁଥ୍‌ରେ ଭୋଟଗ୍ରହଣ କରାଯାଉଥିବାବେଳେ ଏଥିରୁ ୪୭ଟି ମାଓବାଦୀ ପ୍ରଭାବିତ ବୁଥ୍ ରହିଥିବା ତଥ୍ୟ ରହିଛି। ତନ୍ମଧ୍ୟରୁ ୮ଟି ବୁଥ ଦୁର୍ଗମ ଅଞ୍ଚଳରେ ଥିବା ଯଥା ୩୨୦ନମ୍ବର ବୁଥ୍ ସୋସେଙ୍ଗ ସେବାଶ୍ରମ, ସୋସେଙ୍ଗ-୨, ଦେଓସିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁନାବେଡା -୧, ସୁନାବେଡା ସେବାଶ୍ରମ ୧(କ),




### ୧୫୮୪ ପୋଲିଂ କର୍ମଚାରୀ, ୧୨୩୧ ପୁଲିସ ନିୟୋଜିତ

ଜାମଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗାତିବେଡା ଉଚ୍ଚପ୍ରାଥମିକ ବିଦ୍ୟାଳୟ- ୧, ଗାତିବେଡା ୨ ପାଇଁ ହେଲିକପ୍ଟର ଯୋଗେ ପୋଲିଂ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ନିଆଯାଇଛି।

ସୋମବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ଷ୍ଟେସନରେ ପୋଲିଂ ଟିମ ନିଜ ନିଜ ସ୍ଥାନରେ ପହଞ୍ଚିସାରିଛନ୍ତି। ମତଦାନ ପ୍ରକ୍ରିୟାକୁ ସୁରୁଖୁରରେ ସମ୍ପନ୍ନ କରିବା ପାଇଁ ୧୫୮୪ ଜଣ ପୋଲିଂ କର୍ମଚାରୀ ନିୟୋଜିତ ଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୨୩୧ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନୂଆପଡ଼ା ଜିଲ୍ଲାର ଦୁଇଟି ବ୍ଲକ ନୂଆପଡ଼ା ଏବଂ କୋମନା, ଦୁଇଟି ଏନ୍‌ଏସି ଖରିଆରରୋଡ ଏବଂ ନୂଆପଡାରେ ଭୋଟ ଗ୍ରହଣ ହେବ। ଏଥିରେ ମୋଟ ୨ଲକ୍ଷ ୫୪ହଜାର ଭୋଟର ମତଦାନ କରିବେ। ଏଥିରେ ୧ଲକ୍ଷ ୨୪ହଜାର ୫୪୪ଜଣ ପୁରୁଷ ଭୋଟର ଥିବାବେଳେ ୧ଲକ୍ଷ ୨୯ ହଜାର ୯୩୨ଜଣ ମହିଳା ଭୋଟର ଏବଂ ୨୧ଜଣ ତୃତୀୟଲିଙ୍ଗୀ ମତଦାତା ନିଜର ମତଦାନ କରିବାକୁ ଯାଉଛନ୍ତି। ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ନିରପେକ୍ଷ କରିବାକୁ ବ୍ୟାପକ ପୁଲିସ ବଳ ନିୟୋଜିତ କରାଯାଇଛି। ଏଥିରେ ମୋଟ୍ ୧୨୩୧ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜଣେ ଏସ୍‌ପି, ଏଏସ୍‌ପି, ୬ଜଣ ଡିଏସପି, ୯ଜଣ ଇନ୍ସପେକ୍ଟର, ୩୭ଜଣ ହାବିଲଦାର, ୧୨୩ଜଣ ଓଆର କନଷ୍ଟେବଲ, ୪୧ଜଣ ଏପିଆର କନ୍‌ଷ୍ଟେବଲ, ୩୭ଜଣ ଓଏପିଏଫ, ୫୭ଜଣ ହୋମଗାର୍ଡ ନିୟୋଜିତ ରହିଥିବା ଏକ ସୂତ୍ରରୁ ପ୍ରକାଶ। ଏହାବ୍ୟତୀତ ୧୪ କମ୍ପାନୀ ସିଏପିଫ, ୬ ପ୍ଲାଟୁନ ୨ସେକ୍ସନ ଏସପି ନିୟୋଜିତ ଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ପ୍ରଦାନ କରାଯାଇଛି।

# ଭୁବନେଶ୍ୱରରେ ହେବ 'ଫିଲ୍ମ ଆର୍କାଇଭସ୍'

ଭୁବନେଶ୍ୱର,୧୦।୧୧(ସମିସ): ପୁଣିଥରେ ପୁରୁଣା ଓଡ଼ିଆ ସିନେମା ଦେଖିବାକୁ ପାଇବେ ଦର୍ଶକ। ନଷ୍ଟ ହୋଇଯାଇଥିବା ବହୁ ବର୍ଷର ସିନେମାଗୁଡ଼ିକ ପୁନଃସ୍ଥାପନ କରାଯିବ। ଓଡ଼ିଆ ସିନେମାର ଅନେକ ଚିର ସବୁଜ ସ୍ମୃତିକୁ ସାଇତି ରଖାଯିବାକୁ ପୁରୁଣା ଫିଲ୍ମ ଗୁଡ଼ିକର ରିଷ୍ଟୋରେସନ୍ ଏବଂ ପ୍ରିଜର୍ଭେସନ୍ ପାଇଁ ରାଜ୍ୟରେ ପ୍ରତିଷ୍ଠା ହେବ ଫିଲ୍ମ ଆରକାଇଭସ୍ ବା ଅଭିଲେଖାଗାର। ଏଥିପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍, ଟାଟା ଟ୍ରଷ୍ଟ ଏବଂ ଇଣ୍ଟରନେସନାଲ ଫେଡେରେସନ ଅଫ ଫିଲ୍ମ ଆର୍କାଇଭ ସହ ଓଡିଶା ସରକାରଙ୍କର ସହ ଆସନ୍ତା ୧୯ ତାରିଖରେ ଏକ ବୁଝାମଣା ହେବ। ଏହି ଐତିହାସିକ ଚୁକ୍ତି ଦ୍ୱାରା ଓଡିଶା ସଂସ୍କୃତିର ଦର୍ପଣ ସାଜିଥିବା ଓଡ଼ିଆ ସିନେମାର ଅନେକ ଚିରସବୁଜ ସିନେମାର ଇତିହାସକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିହେବ। ଓଡ଼ିଆ ଚଳଚିତ୍ର



■ ଆସିବେ ୱାହିଦା ରହେମାନ, ଆଭାସୀରେ ଯୋଗ ଦେବେ ଅମିତାଭ୍
■ ପୁରୁଣା ସିନେମାର ସଂରକ୍ଷଣ ପାଇଁ ପ୍ରଥମରେ ଥର ଅନ୍ତର୍ଜାତୀୟ କର୍ମଶାଳା

ଜଗତର ସ୍ୱର୍ଣ୍ଣିମ ଇତିହାସକୁ ପୁନର୍ଜୀବିତ କରିବା ପାଇଁ ଚଳିତ ମାସ ୧୨ ରୁ ୧୯ ତାରିଖ ଯାଏ ଅନୁଷ୍ଠିତ ହେବ 'ଫିଲ୍ମ ପ୍ରିଜର୍ଭସନ ଆଣ୍ଡ ରେଷ୍ଟୋରେସନ ୱାର୍କସପ ଇଣ୍ଡିଆ ୨୦୨୫'। ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟ ପର୍ଯ୍ୟଟନ ବିଭାଗ, ବୟନ ଓ ହସ୍ତତନ୍ତ ବିଭାଗ ସହଯୋଗରେ ପ୍ରଥମ ପାଇଁ ଭାରତୀୟ ଚଳଚିତ୍ର ଐତିହ୍ୟ ସଂରକ୍ଷଣର ଏହି କର୍ମଶାଳା ଓଡ଼ିଶାରେ ଆୟୋଜିତ ହେବ।

ପୋଖରୀପୁଟ ସ୍ଥିତ କ୍ରାଫ୍ଟ ମ୍ୟୁଜିୟମ୍ କଳାଭୂମିଠାରେ ଏହି ଅନ୍ତର୍ଜାତୀୟ କର୍ମଶାଳାରେ ଦାଦା ସାହେବ ଫାଲକେ ପୁରସ୍କାର ବିଜେୟିନୀ ବିଶିଷ୍ଟ ଅଭିନେତ୍ରୀ ୱାହିଦା ରେହମାନ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ସେହିପରି ବରିଷ୍ଠ ବଲିଓଡ୍ ଅଭିନେତା ତଥା ଫିଲ୍ମ ହେରିଟେଜ ଫାଉଣ୍ଡେସନର ବ୍ରାଣ୍ଡ ଆମ୍ବାସଡର ଅମିତାଭ ବଚ୍ଚନ ଭିଡିଓ କନଫରେନସିଂ ମାଧ୍ୟମରେ ଉପସ୍ଥିତ ରହିବେ। କର୍ମଶାଳାରେ ବିଭିନ୍ନ ଦେଶର ଫିଲ୍ମ ଏକ୍ସପର୍ଟ, ଟେକ୍ନିସିଆନ୍ସ, ରେଷ୍ଟୋରେଟରମାନେ ଅଂଶଗ୍ରହଣ କରି ନଷ୍ଟ ହୋଇଯାଇଥିବା ସାଉଣ୍ଡ, ଫଟୋ, ରିଲ୍ସ ଆଦିରୁ ପୁଣିଥରେ କିପରି ସିନେମାକୁ ସଂରକ୍ଷଣ କରାଯିବ ସେ ସଂକ୍ରାନ୍ତରେ ପ୍ରଶିକ୍ଷଣ ଦେବେ। ଏହି ଅବସରରେ ଓଡ଼ିଆ ସିନେମା ବିକାଶ ଦିଗରେ କାର୍ଯ୍ୟକରୁଥିବା ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ ଓ ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟଦେଓଙ୍କୁ 'ଚମ୍ପିଆନ୍ସ ଅଫ ଫିଲ୍ମ ହେରିଟେଜ ସମ୍ମାନ'ରେ ସମ୍ମାନିତ କରାଯିବ। ପୁନଃସ୍ଥାପିତ ହୋଇଥିବା ନିରୋଦ ମହାପାତ୍ରଙ୍କର 'ମାୟା ମିରିଗ' (୧୯୮୪ ) ଓ ଘନଶ୍ୟାମ ମହାପାତ୍ରଙ୍କର 'କନକଲତା'(୧୯୭୪) ସିନେମା ନଭେମ୍ବର ୧୩ ଓ ୧୭ ତାରିଖ ସନ୍ଧ୍ୟା ୬ଟା୩୦ରେ ସ୍ଥାନୀୟ କେଶରୀ ହଲରେ ପ୍ରଦର୍ଶିତ କରାଯିବ। ଦର୍ଶକମାନେ ଏହି ଫିଲ୍ମକୁ ନିଃଶୁଳ୍କ ଦେଖିପାରିବେ।

---

■ ବେଆଇନ ମାଛ ଧରା

# ଆନ୍ଧ୍ରପ୍ରଦେଶର ଦୁଇ ଡଙ୍ଗା ଜବତ



ଛତ୍ରପୁର,୧୦।୧୧(ସମିସ): ଆର୍ଯ୍ୟପଲ୍ଲୀ ସମୁଦ୍ରକୁ ବେଆଇନ ଭାବେ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ଅଧିକାଂଶ ସମୟରେ ବଡ଼ ବଡ଼ ଡଙ୍ଗା ଓ ଟ୍ରଲର ଆସି ଏଠାରେ ଜାଲରେ ମାଛ ମାରୁଥିବା ନେଇ ସ୍ଥାନୀୟ ମତ୍ସ୍ୟଜୀବୀ ମାନେ ବହୁବାର ଅଭିଯୋଗ କରିଆସୁଥିଲେ। ସୋମବାର କିଛି ବଡ ବଡ ଡ଼ଙ୍ଗା କାକିନାଡା ଓ ବିଶାଖାପଟନମରୁ ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ମାଛ ମାରୁଥିବା ଛତ୍ରପୁର ସାମୁଦ୍ରିକ ମତ୍ସ୍ୟବିଭାଗ ଜାଣିପାରି ଦୁଇଟି ଡଙ୍ଗାକୁ ଜବତ କରି ଜେଟି ନିକଟକୁ ଆଣିଥିଲା। ସୀମା ପାର କରି ବେନିୟମ ଭାବେ ମାଛ ମାରୁଥିବାରୁ ସେମାନଙ୍କ ମତ୍ସ୍ୟଜୀବୀ ମାନଙ୍କୁ ବିଭାଗ ପକ୍ଷରୁ ତାଗିଦ କରାଯାଇଥିଲା। ପରେ ଦୁଇ ଡଙ୍ଗାକୁ ଛଡାଯାଇଥିଲା। ଯେପରି ଏହାର ପୁନାରୁବୃତ୍ତି ନହେବ ସେଥିପ୍ରତି ଧ୍ୟାନ ଦେବାକୁ ସେମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଯଦି ପୁଣି ବେନିୟମ ଭାବେ ଏଠାକୁ ଆସି ମାଛ ଧରିବ ସେମାନଙ୍କ ଡଙ୍ଗାକୁ ଜବତ କରାଯିବ ବୋଲି ଛତ୍ରପୁର ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ କୁହାଯାଇଛି। ଏପରିକି ମେ ୩୧ ପର୍ଯ୍ୟନ୍ତ ଆର୍ଯ୍ୟପଲ୍ଲୀ ଠାରୁ ପ୍ରୟାଗି ଯାଏଁ ନୋ ଫିସିଂ ଜୋନ ରହିଛି। ବେନିୟମ ଭାବେ ଆନ୍ଧ୍ରରୁ ବଡ ବଡ ଡଙ୍ଗା ଓ ଟ୍ରଲର ଆସି ବଡ ବଡ ଜାଲରେ ବେନିୟମ ଭାବେ ମାଛ ଧରି ନେଇଯାଉଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବିଙ୍କ ଛୋଟ ଡଙ୍ଗା ଓ ଜାଲ ଥିବାରୁ ସେମାନଙ୍କ ଜାଲରେ ମାଛ ସଂଖ୍ୟା କମିଯାଉଥିଲା ଏନେଇ ସେମାନେ ବହୁବାର ଅଭିଯୋଗ କରିଆସୁଥିଲେ।

**ବିଜେଡିର ଅଭିଯୋଗ**

# ଆଦର୍ଶ ଆଚରଣବିଧି କେବଳ ବିରୋଧୀ ଦଳଙ୍କ ପାଇଁ ଲାଗୁ ହୋଇଛି



■ ସମ୍ବେଦନଶୀଳ ବୁଥ୍‌ର ଇଭିଏମ୍ ବ୍ୟବହାର ପାଇଁ ଉଦ୍ୟମ ହେଉଛି
■ ଶାସକ ଦଳ ସରକାରୀ କଳର ଅପବ୍ୟବହାର କରୁଛି: ବିଜେଡି

ଭୁବନେଶ୍ୱର,୧୦।୧୧(ସମିସ): ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଥିବା ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ତାଲିକା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଛି ବିଜେଡି। ଏହାସହ ଉପରୋକ୍ତ ବୁଥ୍‌ଗୁଡିକରେ ନିଆଯାଇଥିବା ଇଭିଏମ୍‌ଗୁଡିକୁ ବ୍ୟବହାର କରିବାକୁ ଯୋଜନା କରାଯାଉଛି ବୋଲି ବିଜେଡି ପକ୍ଷରୁ ପୁଣି ଥରେ ଅଭିଯୋଗ କରିଛି।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ଗୋଟିଏ ଟ୍ରକ୍‌ରେ ଇଭିଏମ୍ ମେସିନ ନୂଆପଡ଼ାକୁ ନିଆଯାଇଛି ବୋଲି କରାଯାଇଥିବା ଅଭିଯୋଗ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି ଯେ ଗଞ୍ଜାମ ଜିଲ୍ଲାରେ ରଖାଯାଇଥିବା ଇଭିଏମ୍ ମେସିନଗୁଡିକ ସିସି କ୍ୟାମେରା ନଜରରେ ରଖାଯାଇଛି। ତେବେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ରାଜରାସ୍ତାରେ ହୋଇଥିଲା ବେଳେ ଏହି ଅଞ୍ଚଳର ସିସିଟିଭି କାମ କରୁ ନ ଥିଲା। ସରକାରୀ ଖାତାରେ ସିସିଟିଭି ଅଛିର ଅର୍ଥ ଏହା ନୁହେଁ ଯେ ସିସିଟିଭିର ଫୁଟେଜ୍ ରହିଛି। ଆଜି ବିଜେଡି ପକ୍ଷରୁ ସିଇଓଙ୍କ ପାଖରେ ସମ୍ବେଦନଶୀଳ ବୁଥ୍‌ଗୁଡିକର ତାଲିକା ପ୍ରଦାନ କରାଯାଇଛି। ଏହି ବୁଥ୍‌ଗୁଡ଼ିକୁ ନିଆଯାଇଥିବା ଇଭିଏମ୍ ମେସିନ୍‌ଗୁଡ଼ିକ ସ୍ଥାନିତ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଅଭିଯୋଗ କରାଯାଇଛି।

ରାଜ୍ୟସଭା ସାଂସଦ ସୁଲତା ଦେଓ କହିଥିଲେ ଯେ ଏହି ଉପନିର୍ବାଚନରେ ନିୟମିତ ଭାବେ ସରକାରୀ ଦଳ ପକ୍ଷରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରାଯାଉଥିବା ନେଇ ବିଜେଡି ପକ୍ଷରୁ ସିଇଓଙ୍କ ପାଖରେ ବାରମ୍ବାର ଉପସ୍ଥାପନ କରାଯାଇଛି। ଏହାଛଡ଼ା ଆୟକର ବିଭାଗ ଓ ଅନ୍ୟ ଅଧିକାରୀଙ୍କ ଦ୍ୱାରା ଉଦ୍ଦେଶ୍ୟମୂଳକ ଭାବେ ବିଜେଡି ନେତାଙ୍କ ଘରେ ଚଢ଼ଉ କରାଯାଇଛି। ଇଭିଏମ୍‌ଗୁଡ଼ିକୁ ଷ୍ଟ୍ରଙ୍ଗ ରୁମ୍‌ରେ ରଖା ନ ଯାଇ କେଉଁ ଏକ ଅଜଣା ସ୍ଥାନରେ ରଖା ଯାଇଛି ବୋଲି ଅଭିଯୋଗ କରାଯାଇଥିଲା। ଏହାକୁ ଖୋଜି ବାହାର କରିବା ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ। ସେହିପରି ବିଜେପି ଦ୍ୱାରା କରାଯାଉଥିବା ବିଭିନ୍ନ ଆଚରଣ ବିଧି ଉଲ୍ଲଂଘନକୁ ରୋକିବା ସହିତ ମୁକ୍ତ ଅବାଧ ନିର୍ବାଚନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଯତ୍ନବାନ ହୁଅନ୍ତୁ ବୋଲି ପୂର୍ବତନ ମହିଳା କମିସନର ମୀନତି ବେହେରା ଓ ବିଜେଡି ଛାତ୍ର ସଭାପତି ଇପ୍ସିତା ସାହୁ ଦାବି କରିଛନ୍ତି।

## ପ୍ରେମିକାର ବେକ କାଟିଦେଲା ପ୍ରେମିକ

ବାରିପଦା/କରଞ୍ଜିଆ, ୧୦।୧୧(ସମିସ): ଅନ୍ୟ ଜଣଙ୍କ ସହ ଫୋନ୍‌ରେ କଥା ହେବାରୁ ପ୍ରେମିକାର ତଣ୍ଟି କାଟିଦେଲା ପ୍ରେମିକ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଇଟାମୁଣ୍ଡି ଛକ ନିକଟରେ ଏଭଳି ଏକ ଘଟଣା ଘଟିଛି। ଗୁରୁତର ପ୍ରେମିକାକୁ ଯଶିପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଅଭିଯୁକ୍ତ ପ୍ରେମିକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଜଣେ ଯୁବକ ଯଶିପୁର ଥାନା ମହାରାଜପୁର ଗାଁର ଏକ ଭଡ଼ାଘରେ ରହୁଥିଲେ। ସେଠାରେ ତାଙ୍କର ଜଣେ ଯୁବତୀଙ୍କ ସହ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ସବୁ ଠିକ୍‌ଠାକ୍ ଚାଲିଥିଲା। ରବିବାର ବିଳମ୍ବିତ ରାତିରେ ଯୁବତୀଜଣଙ୍କ ଅନ୍ୟ କାହା ସହ ଫୋନ୍‌ରେ ଦୀର୍ଘ ସମୟ ଧରି କଥା ହେଉଥିଲେ। ଏପଟେ ବାରମ୍ବାର ଫୋନ୍ କରି ନିରାଶ ହେବାରୁ ଯୁବକଜଣଙ୍କ ସନ୍ଦେହ କରିଥିଲେ ଏବଂ ରାତିରେ ଯୁବତୀଙ୍କ ଘରେ ପହଞ୍ଚି ତାଙ୍କୁ ଫୋନ୍ କାଟିବାକୁ କହିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକଜଣଙ୍କ ଏକ ବ୍ଲେଡ୍‌ରେ ପ୍ରେମିକାର ବେକକୁ କାଟି ଦେଇଥିଲେ।

## ନଦୀକୁ ମାଛ ଧରିବାକୁ ଯାଇ ବୃଦ୍ଧ ନିଖୋଜ

ମୋରଡ଼ା/ରାସଗୋବିନ୍ଦପୁର, ୧୦।୧୧ (ସମିସ): ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ କମାରଗଡ଼ିଆ ପଞ୍ଚାୟତ କାଞ୍ଚଗାଁ ଦେଇ ଯାଇଥିବା ନଦୀରେ ମାଛ ଧରିବାକୁ ଯାଇଥିବା ଜଣେ ବୃଦ୍ଧ ନିଖୋଜ ହୋଇଯାଇଛନ୍ତି। ବୃଦ୍ଧଜଣଙ୍କ ହେଲେ, ନାକିଚୁଆ ପଞ୍ଚାୟତ ଡେଙ୍ଗାଆମ୍ବ ଗାଁର ରାଧାଗୋବିନ୍ଦ ବେହେରା। ଦୁଇ ସାଙ୍ଗଙ୍କ ସହ ରାଧାଗୋବିନ୍ଦ ରାତିରେ ନଦୀରେ ଖଡା ପକାଇ କିଛି ଦୂରରେ ଶୋଇଥିଲେ। ରାତିରେ ରାଧାଗୋବିନ୍ଦ ଉଠି ଗୋଟିଏ ଖଡ଼ା ଉପରକୁ ଉଠାଉଥିବା ବେଳେ ନଦୀରେ ଭାସି ଯାଇଥିଲେ।

---

# ପିଣ୍ଟୁ ଦାଶଙ୍କ ପିଟିସନର ଶୁଣାଣି ଶେଷ; ରାୟ ସଂରକ୍ଷିତ

ବ୍ରହ୍ମପୁର,୧୦।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଛନ୍ଦି ହୋଇ ଜେଲରେ ଥିବା ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ପକ୍ଷରୁ କୋର୍ଟରେ ବରିଷ୍ଠ ଆଇନଜୀବୀ କୈଳାସ ପଣ୍ଡା ପିଟିସନ ଦାଖଲ କରିଛନ୍ତି। ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଦାଖଲ ହୋଇଥିବା ପିଟିସନରେ ମୁଖ୍ୟତଃ ପିଣ୍ଟୁଙ୍କ ସ୍ୱାସ୍ଥ୍ୟଗତ ତଥା ପାରିବାରିକ ସମସ୍ୟା ଦର୍ଶାଇ ବିଭିନ୍ନ ସୁବିଧା ଓ ସୁଯୋଗ ପ୍ରଦାନ କରିବାକୁ ନିବେଦନ କରାଯାଇଛି। ବ୍ରହ୍ମପୁର ଜେଲରେ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ତାଙ୍କୁ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ତେବେ ପିଣ୍ଟୁ ଜଣେ ରକ୍ତଚାପ ରୋଗୀ ହୋଇଥିବାରୁ ତାଙ୍କୁ ଜୋତା ପିନ୍ଧିବା ଓ ସ୍ୱାସ୍ଥ୍ୟପୂର୍ଣ୍ଣ ଖାଦ୍ୟ ଖାଇବା ସହ ସେ କାନରେ ପିନ୍ଧିଥିବା କୁଣ୍ଡଳ ବାହାର ନ କରିବା ପାଇଁ କୋର୍ଟରେ ନିବେଦନ କରାଯାଇଛି। ସେହିଭଳି ପିଣ୍ଟୁଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କ ପରିବାରବର୍ଗ ବ୍ରହ୍ମପୁରରେ ଅଛନ୍ତି। ଏଣୁ ଇ-ମୁଲାକାତ ମାଧ୍ୟମରେ ପରିବାର ସଦସ୍ୟଙ୍କ ସହ ସାକ୍ଷାତ କରିବାର ସୁଯୋଗ ଉପଲବ୍ଧ କରାଇବାକୁ ପିଣ୍ଟୁ କୋର୍ଟଙ୍କୁ ନିବେଦନ କରିଥିବା ଜଣାପଡ଼ିଛି। ଏହି ପିଟିସନ୍ ଉପରେ ସୋମବାର ଶୁଣାଣି ଶେଷ ହୋଇଥିବା ବେଳେ ମଙ୍ଗଳବାର ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

**ବାଘୁଣୀ 'ଜିନତ୍' ଗର୍ଭଧାରଣକୁ ନେଇ ଦ୍ୱନ୍ଦ୍ୱ**

# ୨୦୦ ଦିନ ହେଲା କୋଳ ଖାଲି

ବାରିପଦା, ୨୭ (ମନୋଜ ପଣ୍ଡା): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସଂଖ୍ୟା ବୃଦ୍ଧି ସହ ଏଠାକାର କଳାବାଘଙ୍କ ଜେନେଟିକ୍ ଡାଇଭର୍ସିଟିକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଆଯାଇଥିବା ମିଶନ୍‌ର ସଫଳତା ଘୁଞ୍ଚିଘୁଞ୍ଚି ଯାଉଛି। ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଆସିଥିବା ୩ ବର୍ଷୀୟ ବାଘୁଣୀ ଜିନତ୍ ମା' ହେବାକୁ ଯାଉଛି ବୋଲି ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ) ପ୍ରେମ କୁମାର ଝା ଜୁଲାଇ ପହିଲାରେ କହିଥିଲେ। ହେଲେ ଧାର୍ଯ୍ୟ ସମୟକୁ ୨ ମାସ ବିତିବା ପରେ ମଧ୍ୟ ଜିନତ ଶାବକ ଜନ୍ମ ଦେବା ନେଇ କୌଣସି ସୂଚନା ନାହିଁ। ଏନେଇ ଶିମିଳିପାଳ କର୍ତ୍ତୃପକ୍ଷ ମଧ୍ୟ ନିରବ।

ପ୍ରକାଶ ଥାଉକି, ଶିମିଳିପାଳରେ କଳାରଙ୍ଗର ବାଘ(ମେଲାନିଷ୍ଟିକ୍ ଟାଇଗର୍) ଦେଖାଯିବା ଯଦିଓ ବିରଳ, କିନ୍ତୁ ଏହା ଏକ ଜିନ୍‌ଗତ ବିକୃତି ବୋଲି ବେଙ୍ଗାଲୁରର ନ୍ୟାସନାଲ ସେଣ୍ଟର୍ ଫର୍ ବାୟୋଲୋଜିକାଲ ସାଇନ୍ସ ବିଭାଗ ସୂଚନା ଦେଇଥିଲା। ଏହାକୁ ରୋକିବା ପାଇଁ ଅନ୍ୟ ରାଜ୍ୟରୁ ମାଈ ବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାଦ୍ୱାରା ଶିମିଳିପାଳର ଆଗାମୀ ପିଢ଼ିର ବାଘଙ୍କ ଜିନ୍‌ରେ ପରିବର୍ତ୍ତନ ଘଟିବ ଏବଂ ଧୀରେଧୀରେ ଏହି ବିକୃତି ନିୟନ୍ତ୍ରଣକୁ ଆସିପାରିବ ବୋଲି କୁହାଯାଇଥିଲା। ତଦନୁସାରେ ନ୍ୟାସନାଲ ଟାଇଗର କଞ୍ଜର୍ଭେସନ ଅଥରିଟି (ଏନଟିସିଏ) ପକ୍ଷରୁ ଦୁଇଟି ବାଘୁଣୀ ଆଣିବାକୁ ସ୍ଥିର କରାଯାଇଥିଲା। ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ୨ ବାଘୁଣୀ ଯମୁନା ଓ ଜିନତକୁ ଶିମିଳିପାଳ ଅଣାଯାଇଥିଲା। ଗତ ଜୁଲାଇରେ ଜିନତ୍ ମା' ହେବ ବୋଲି ପିସିସିଏଫ୍ ଶ୍ରୀ ଝା କହିବା ପରେ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଅଗଷ୍ଟ ଶେଷ ସପ୍ତାହ କିମ୍ବା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ବାଘଛୁଆ ଜନ୍ମ ନେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ନଭେମ୍ବର ଅଧା ହେବାକୁ ଆଉ ୫ ଦିନ ଥିବା ବେଳେ ଏଯାଏ ଜିନତ୍‌ର ଛୁଆ ସଂପର୍କରେ କିଛି ଜଣାପଡ଼ିନାହିଁ।



ମେ' ମାସ ଦ୍ୱିତୀୟ ସପ୍ତାହ ଆଡ଼କୁ ୧୧ବର୍ଷୀୟ ମେଲାନିଷ୍ଟିକ୍ ଟି-୧୨ ମହାବଳ ବାଘ ସହ ଜିନତ୍‌ର ମିଳନ ହୋଇଥିଲା। ପରେ ତା'ର ସ୍ୱଭାବରେ ପରିବର୍ତ୍ତନ ଆସିଥିଲା। ଦୀର୍ଘ ୨୫-୩୦ ବର୍ଗକିମି ଅଞ୍ଚଳକୁ ସେ ନିଜର ଇଲାକା ଭାବେ ଗ୍ରହଣ କରିଥିଲା। ଯମୁନାଗଡ଼ରୁ ଗୁଡୁଗୁଡିଆ ମଧ୍ୟରେ ଖଞ୍ଜାଯାଇଥିବା ଟ୍ରାପ ଓ ଏଆଇ କ୍ୟାମେରାରେ ଉଭୟଙ୍କ ଫୁଟେଜ କଏଦ ହୋଇଥିଲା। ଉଭୟଙ୍କ ସହ ଶାରୀରିକ ମିଳନ ହେବା ପରେ ଜିନତ୍ ମା' ହେବାକୁ ଯାଉଛି ବୋଲି ଆଶା ଥିଲା। ସାଧାରଣତଃ ମିଳନର ୧୦୫ରୁ ୧୨୦ ଦିନ ମଧ୍ୟରେ ମହାବଳ ବାଘୁଣୀ ଶାବକକୁ ଜନ୍ମ ଦେଇଥାଏ। କିନ୍ତୁ ତଦନୁସାରେ ଆହୁରି ୭୦ ଦିନ ଅତିକ୍ରାନ୍ତ ହେଲାଣି, ହେଲେ ଜିନତ ବିନା ଶାବକରେ ଚଳପ୍ରଚଳ କରୁଛି। ଜିନତ ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ଏକ ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଥିଲେ ମଧ୍ୟ ବିଭାଗୀୟ ସୂଚନା କିଛି ନାହିଁ।

ଅପରପକ୍ଷରେ ବାଘୁଣୀ ଯମୁନା ଏ ପର୍ଯ୍ୟନ୍ତ ସାଥୀ ନ ପାଇ କୁଲଡିହା ଓ ହଦଗଡ଼ ଅଭୟାରଣ୍ୟରେ ଚଳପ୍ରଚଳ କରୁଛି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସଂଖ୍ୟା ସହ ବାଘର ଜେନେଟିକ ଡାଇଭର୍ସିଟିକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଆଯାଇଥିବା ମିଶନର ସଫଳତା ବିଳମ୍ବିତ ହେଉଛି।

ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ, ଏସ୍‌ପି

ଲାଞ୍ଜିଗଡ଼, ୧୦।୧୧(ସମିସ)



ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ଆଜି କଳାହାଣ୍ଡି ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ନୂତନ ଲାଞ୍ଜିଗଡ଼ ବିଡିଓ ଭାବେ ଦାୟିତ୍ୱ ନେଇଥିବା ଅନିମେଶ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ଦାସ, କେସିଙ୍ଗା ଉପଖଣ୍ଡ ପୁଲିସ ଅଧିକାରୀ ସମ୍ବିତ କୁମାର ମାଝୀଙ୍କ ସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଥିଲେ। ସେହିପରି ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବିଡିଓ ଶଶାଙ୍କ ପାତ୍ର, ତହସିଲଦାର ବନମାଳୀ ମେହେର, ସହକାରୀ ନିର୍ବାହୀ ଅଧିକାରୀ ସୁବାସ ବେହେରା, ବ୍ଲକ ଯୋଗାଣ ଅଧିକାରୀ ଦିଲୀପ ନାୟକଙ୍କ ସହିତ ସମସ୍ତ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକେ ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ଟେଲିସେବା, ଭତ୍ତା, ଆବାସ ଯୋଜନା ସମ୍ପର୍କିତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ବ୍ଲକ ଅଞ୍ଚଳର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନିୟମିତତା, ବିଳମ୍ବିତ କାର୍ଯ୍ୟ, ରକ୍ଷଣାବେକ୍ଷଣରେ ଅବହେଳା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଗ୍ରାମାଞ୍ଚଳରେ ଦେଶୀ ଓ ବିଦେଶୀ ମଦ କୁଟୀରଶିଳ୍ପ ପାଲଟିଥିବା ନେଇ ଲୋକେ ଅଭିଯୋଗ କରିଥିଲେ। ସେହିପରି କାର୍ଯ୍ୟକ୍ଷେତ୍ରରେ ସାମ୍ବାଦିକଙ୍କୁ ସୁରକ୍ଷା ଯୋଗାଇଦେବା ଓ ପୁଲିସ-ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରକ୍ଷା କରିବା ଉପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସାମ୍ବାଦିକ କୈଳାସ ସାହୁ ଓ ସୁଶୀଲ କୁମାର ବାଗଙ୍କ ନେତୃତ୍ୱରେ ସାମ୍ବାଦିକମାନେ ତାଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ୨୬ଟି ପଞ୍ଚାୟତରୁ ୧୦୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୮୧ ବ୍ୟକ୍ତିଗତ, ୨୪ଟି ସାମୂହିକ, ହୋଇଥିବା ବେଳେ ୧୮ଟି ଅଭିଯୋଗର ସମାଧାନ ହୋଇଥିଲା।

## ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି ସ୍କୁଲ ପରିସର

# ଶୀଘ୍ର ଫାଟକ ଲଗାଇବାକୁ ଗ୍ରାମବାସୀଙ୍କ ଦାବି

**କେସିଙ୍ଗା, ୧୦।୧୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କିକିଆ କ୍ଲଷ୍ଟର କୁଣ୍ଡାବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଗେଟ ନାହିଁ। ଫଳରେ ମୁଖ୍ୟ ଗେଟ ନ ଥିବା ଯୋଗୁଁ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ମଦ ମାଂସର ଆସର ଜମୁଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମୟ ବିଭିନ୍ନ ସମୟରେ ପାଠପଢ଼ା ଚାଲିଥିବାବେଳେ ମଦ୍ୟପମାନେ ସ୍କୁଲ ପରିସରକୁ ଚାଲି ଆସୁଛନ୍ତି। ସୂଚନା ଥାଉକି ଏହି ସ୍କୁଲ ନିର୍ମାଣ ହୋଇ ଦୀର୍ଘ ବର୍ଷ ହୋଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ସ୍କୁଲ ମୁଖ୍ୟ ଗେଟ ଲାଗିପାରି ନାହିଁ। ତେଣୁ ଅଞ୍ଚଳବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯଥାଶୀଘ୍ର ବିଦ୍ୟାଳୟର ମୁଖ୍ୟଗେଟ ଲଗାଇବା ପାଇଁ ଗ୍ରାମବାସୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।



# କୁମ୍ଭାର ସମାଜର ନୂତନ କର୍ମକର୍ତ୍ତା ନିର୍ବାଚିତ



**କର୍ଲାମୁଣ୍ଡା, ୧୦।୧୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅଧୀନ ତେରେସିଂହା ଗ୍ରାମର କୁମ୍ଭାର (କୁରାଳ) ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ଏଥିରେ ଗ୍ରାମ୍ୟ କୁମ୍ଭାର ସମାଜର ଉପସଭାପତି ଭୁବନେ ରଣା ସଭାପତିତ୍ୱ କରିଥିଲେ ଓ ଉକ୍ତ ସଭାରେ ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ସଭାପତି ମୁରଲୀଧର ରଣା ଯୋଗଦେଇ ଥିଲେ। ଅନୁଷ୍ଠିତ ସଭାରେ ସର୍ବସମ୍ମତିକ୍ରମେ ସମାଜର ନୂତନ ସଭାପତି ଭାବେ ଚର୍ତ୍ତୁଭୁଜ ରଣା, ଉପସଭାପତି ପର୍ଶୁରାମ ରଣା, ସମ୍ପାଦକ ମନୋଜ ରଣା, ସହସମ୍ପାଦକ ସୁଶାନ୍ତ ରଣା ଓ କୋଷାଧ୍ୟକ୍ଷ ଭାବେ ଜନକ ରଣା ମନୋନୀତ ହୋଇଛନ୍ତି। ଏଥିରେ କୁମ୍ଭାର ସମାଜର ଲତାବନ ରଣା, ତ୍ରିନାଥ ରଣା, କୃଷ୍ଣଚନ୍ଦ୍ର ରଣା, ଗୌରାଙ୍ଗ ରଣା, ଗୌରଚନ୍ଦ୍ର ରଣା, ରୋହିତ ରଣା, ଦେବେନ୍ଦ୍ର ରଣା, ବୁଲୁ ରଣା, କଣ୍ଠରଣା, ଟଙ୍କଧର ରଣା, ଦୁର୍ବାସା ରଣା, ସରୋଜ ରଣା, ରଶ୍ମୀରଞ୍ଜନ ରଣା, ରଙ୍ଗାଧର ରଣା, ପୁରନ୍ଦର ରଣା, ତପନ ରଣା, ଟିକେରାମ ରଣା, ପିତାମ୍ବର ରଣା, ଅଚ୍ୟୁତ ରଣା, ଶିବ ରଣାଙ୍କ ସମେତ ଅନେକ ସଦସ୍ୟ ଯୋଗଦେଇ ଥିଲେ।

# ବାଞ୍ଜିପଦରରେ କ୍ଷେତ୍ର ଦିବସ ପାଳିତ

**କର୍ଲାମୁଣ୍ଡା, ୧୦।୧୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପର କାର୍ଯ୍ୟକାରୀ ସଂସ୍ଥା ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରାଜପୁର ପଞ୍ଚାୟତ ବାଞ୍ଜିପଦରଠାରେ ସୋମବାର କ୍ଷେତ୍ର ଦିବସ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କର୍ଲାମୁଣ୍ଡା କ.ଜୋନ ଜିଲ୍ଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସମ୍ମାନିତ ଅତିଥି ଭାବେ କୃଷି ବିଭାଗ ଭାରପ୍ରାପ୍ତ ଓଭରସିଅର ଲୋକନାଥ ନାଗ, ମାଣ୍ଡିଆଚାଷୀ ବଇଦାର ରଣା, ଜୟଦ୍ରଥ ରଣା, ଜଗଦୀଶ ପ୍ରସାଦ ରଣା, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପ ର ସିଆରପି ଭାନୁମତି ପ୍ରଧାନ, ଧୁରାବନ ବାଗ, ଜୀବର୍ଦ୍ଧନ ସାହୁ, ବାଲ୍ମିକି ଛତ୍ରିଆ, ପ୍ରବୀଣ ଭୋଇ, ହିସାବରକ୍ଷକ ମଧୁସୂଦନ ସାହୁ ଓ ଦେବାଶିଷ ନାଗଙ୍କ ସମେତ ଗ୍ରାମର ସମସ୍ତ ଚାଷୀ ସହଯୋଗ କରିଥିଲେ।




## ମୁକ୍ତିଲାଭ ହେଲା ସମ୍ବଲପୁରୀ ଗୀତ 'ସୁଇଟ୍ ଭାଞ୍ଜି'

**ଲାଞ୍ଜିଗଡ଼, ୧୦।୧୧(ସମିସ):** ସମ୍ବଲପୁରୀ ସଙ୍ଗୀତ ଜଗତରେ ପ୍ରଥମ ଥର ପାଇଁ ଭାଣିଜି ମାନଙ୍କ ପାଇଁ ଗୀତ ଟିଏ ହୋଇଛି। ଏହି ଗୀତକୁ ଲେଖିଛନ୍ତି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ସ୍ଥିତ ପାଣିମୁଣ୍ଡା ଗାଁର ସନ୍ୟାସୀ ଠେଲାଙ୍କ ପୁଅ ବି.ଥୟରାମ୍ ଠେଲା। ଏହି ଗୀତରେ ବଲାଙ୍ଗିର ସିକୁଆଁର ବି.କାର୍ତ୍ତିକ କଣ୍ଠଦାନ କରିଥିବାବେଳେ ଏଥିରେ ମ୍ୟୁଜିକ୍ ନିର୍ଦ୍ଦେଶନା ଦେଇଛନ୍ତି ହମିତ୍ ସାଗର ଓ ବି.କାର୍ତ୍ତିକ ଗୀତକୁ ପ୍ରଯୋଜନା କରିଛନ୍ତି ଟି.ବିଜୟ ଠେଲା ଓ ସୀମା ଠେଲା। ଗୀତଟି ତୃପ୍ତିମୟୀ ମ୍ୟୁଜିକ୍ ୟୁଟ୍ୟୁବ୍ ଚ୍ୟାନାଲରେ ଶୁଭମୁକ୍ତି ହୋଇଛି। ସମ୍ବଲପୁରୀ ଜଗତରେ ପ୍ରଥମ ଥର ପାଇଁ ମାମୁଁ ନିଜ ଭାଣିଜିକୁ କେତେ ଆଦର କରନ୍ତି ତାହାକୁ ନେଇଁ ବର୍ଣ୍ଣନା କରି ବି.ଥୟରାମ ଠେଲା ଅତି ସୁନ୍ଦର ଭାବେ ଗୀତ ଲେଖିଥିବା ବେଳେ ପୂର୍ବରୁ ସେ ଆଉ ଏକ 'ଲାଗିଗଲା ପ୍ରେମକେ' ନଜର ଗୀତ ଲେଖି ସୁପରିଚିତ ହୋଇ ଖୁସି ସାଉଁଟିଛନ୍ତି।

## 'ସର୍ବୋତ୍ତମ ପ୍ରତିଭା ସମ୍ମାନ' ପାଇଲେ ସୁରେଶ ଚୌଧୁରୀ

**କର୍ଲାମୁଣ୍ଡା, ୧୦।୧୧(ସମିସ):** ଜଗତସିଂହପୁରସ୍ଥିତ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜନ୍ମତିଥି ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଜୋନ୍-୨ ର ଜିଲ୍ଲା ପରିଷଦ ସଦସ୍ୟ ତଥା କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚର ସଭାପତି ସୁରେଶ ଚୌଧୁରୀଙ୍କୁ ସର୍ବୋତ୍ତମ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସର୍ବୋତ୍ତମ ସୋସିଆଲ ଅର୍ଗାନାଇଜେସନ ଏବଂ କେନ୍ଦ୍ର ସଂସ୍କୃତି ବିଭାଗ ସହଯୋଗର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଭୁବନେଶ୍ୱର ସାଂସଦ ଡ. ପ୍ରଶନ୍ନ ପାଟଶାଣି ଉପସ୍ଥିତ ରହି ଶ୍ରୀ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ପ୍ରଥମ ଶମ୍ଭୁ ମେମୋରିଆଲ ଦିବାରାତ୍ର ଅନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତା

**ଭବାନୀପାଟଣା, ୧୦।୧୧(ସମିସ):** କ୍ରିକେଟ୍ କ୍ଲବ 'ଅଲ ଷ୍ଟାର କ୍ରିକେଟ କ୍ଲବ' ଆୟୋଜିତ ପ୍ରଥମ ଶମ୍ଭୁ ମେମୋରିଆଲ ଦିବାରାତ୍ର ଅନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତା ସ୍ଥାନୀୟ ଲାଲ ବହାଦୁର ଶାସ୍ତ୍ରୀ ଖେଳ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ବିରାଟ ଶୋଭାଯାତ୍ରାରେ ଘୁମୁରା ଏବଂ ପ୍ରତିଯୋଗିତାର ବିଜେତା ଓ ଉପବିଜେତା କପ୍ ରଖାଯାଇଥିବା ଏକଗାଡ଼ି ସହ ଆୟୋଜକ ଦଳର ସମସ୍ତ କର୍ମକର୍ତ୍ତାଙ୍କ ସହ ମା' ମାଣିକେଶ୍ୱରୀଙ୍କ ମନ୍ଦିରରୁ ମଶାଲ ରାଲି ସହ ଷ୍ଟାଚ୍ୟୁ ଛକ, ମାଣିକେଶ୍ୱରୀ ଛକଦେଇ ଲାଲ ବହାଦୁର ଶାସ୍ତ୍ରୀ ଖେଳ ପଡ଼ିଆ ଠାରେ ପହଞ୍ଚିଥିଲେ। ଏହି ରାଲିରେ ଆୟୋଜକ ଦଳର ସଭାପତି କୁନାଲ ବେହେରା, ସମ୍ପାଦକ ପ୍ରଶାନ୍ତ ମିଶ୍ର, ଉପସଭାପତି ନିହାର ମିଶ୍ର, କଳାହାଣ୍ଡି ବ୍ୟାଡମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସ, ଯୁବ ସମାଜସେବୀ ଚିତ୍ତରଞ୍ଜନ ପାତ୍ର ଏବଂ ଶୈଳେଶ କୁମାରଙ୍କ ସମେତ ଆୟୋଜକ ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ଉପସ୍ଥିତ ରହିଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ପ୍ରଗତି ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ଅଜୟ ପଣ୍ଡା ଏବଂ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସ ମଞ୍ଚାସୀନ ଥିଲେ। ସୁଧାଂଶୁ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ସ୍ୱର୍ଗତ ଶମ୍ଭୁ ଚନ୍ଦନଙ୍କ ଧର୍ମପତ୍ନୀଙ୍କ ଦ୍ୱାରା ମୁଖ୍ୟ ଅତିଥି କଳାହାଣ୍ଡି ମହାରାଜାଙ୍କ ଅନୁମୋଦନ କ୍ରମେ ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ପ୍ରତିଯୋଗିତାଟିକୁ ଉଦ୍‌ଘାଟନ କରାଯାଇଥିଲା। ମଞ୍ଚରେ ଉପସ୍ଥିତି ସମସ୍ତ ଅତିଥି ସ୍ୱର୍ଗତ ଶମ୍ଭୁ ଚନ୍ଦନଙ୍କ ଅମର ଆତ୍ମା ପାଇଁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚରେ ସନସାଇନ କ୍ରିକେଟ କ୍ଲବ୍ ଏବଂ କଳାହାଣ୍ଡି ଟାଇଗର ମଧ୍ୟରେ ପ୍ରତିଯୋଗିତା ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ୟୁନିକ ୧୧, ମଦନପୁର ରାମପୁର ଏବଂ ର୍କ କ୍ଲଷ୍ଟର ରାୟଗଡ଼ା ମଧ୍ୟରେ ପ୍ରତିଯୋଗିତା ହୋଇଥିଲା ଓ ଆଗାମୀ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ ଆସନ୍ତା ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ରାତ୍ର ସମୟରେ ହେବ। ଆୟୋଜକ ଦଳର ଅନ୍ୟମାନଙ୍କ ମଧ୍ୟରୁ ସମ୍ପାଦକ ପ୍ରଶାନ୍ତ ମିଶ୍ର, କୋଷାଧ୍ୟକ୍ଷ ମୋହିତ ପଣ୍ଡା, ଯୁଗ୍ମ ସମ୍ପାଦକ ପିଣ୍ଟୁ ମିଶ୍ର, ସେଖ ଅର୍ସଦ, ସମ୍ବିତ ବେହେରା, ମାନସ ବଡ଼ଜେନା, ଚିତ୍ତରଞ୍ଜନ ବେହେରା, ମନୋଜ ସିଂ, ସତୀଶ ବେହେରା, ନିଲୁ ପଣ୍ଡା, ଆଦିଲ, ରବୀନ୍ଦ୍ର, ମୁନା, ବୁଟ, ସାଗର, ସୋନୁ, ଶିବ, ଜିମୁତ, ବାପି, ରାଜେଶ, ଲିଙ୍ଗ, ସନ୍ତୋଷ, ବଣ୍ଟି, ଅଶୋକ ଏବଂ ଅନ୍ୟାନ୍ୟ ସଦସ୍ୟଗଣ ସହଯୋଗ କରିଥିଲେ।



## ମହିଳାଙ୍କ ବିଦ୍ୟୁତ୍ ଆଘାତ

## ମାନବାଧୀକାର କମିଶନରେ ଅଭିଯୋଗ

**ଭବାନୀପାଟଣା, ୧୦।୧୧ (ସମିସ):** ଥୁଆମୂଳ ରାମପୁର ବ୍ଲକ କାଣିଗୁମା ପଞ୍ଚାୟତ ଧୁଳିଗୁଡ଼ା ଗାଆଁର ମହିଳା ଶକୁନ୍ତଳା ନାଏକ ଚୋରା ବିଦ୍ୟୁତ୍ ସଂଯୋଗ ହୋଇଥିବା ବାରହା ଫାଶରେ ଲାଗି ଗୁରୁତର ଆଘାତପ୍ରାପ୍ତ ସମ୍ବନ୍ଧରେ ଖବର 'ସକାଳ'ରେ ପ୍ରକାଶ ହେବାପରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ତୋଦୟର ଅଧ୍ୟକ୍ଷ ଦିଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି। ପୀଡ଼ିତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିବେଦନ କରିବା ସହିତ ଜଙ୍ଗଲ ବିଭାଗ ଓ ବିଦ୍ୟୁତ୍ ବିଭାଗ ଏବଂ ଟାଟାପାୱାରର ଅଧିକାରୀ ମାନଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା କରି ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ଉପସ୍ଥାପନ କରିଛନ୍ତି। ଅଧିକାରୀମାନେ ଶିକାରୀମାନଙ୍କ ସହିତ ସଲାସୁତ୍ରରେ ବେଆଇନ ଶିକାରକୁ ପ୍ରୋତ୍ସାହନ ଦେଉଥିବାରୁ ମଣିଷ ଜୀବନ ବିପଦରେ ପଡୁଥିବାରୁ ଏହା ମାନବ ଅଧିକାର ଉଲ୍ଲଙ୍ଘନ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଦିଲୀପ କୁମାର ଦାସଙ୍କ ଅଭିଯୋଗକୁ ମାନବାଧିକାର କମିଶନ ପଞ୍ଜୀକରଣ କରିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

**ଭବାନୀପାଟଣା, ୧୦।୧୧(ସମିସ):** ସ୍ଥାନୀୟ ତାରିଣୀ ମନ୍ଦିର ରୋଡ୍‌ସ୍ଥିତ ବିବେକ କନ୍‌ଫରେନ୍ସ ହଲଠାରେ ୪ର୍ଥ କଳାହାଣ୍ଡି ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ କଳାହାଣ୍ଡି ଚେସ୍ ଏକାଡେମୀ ତରଫରୁ ଅନୁଷ୍ଠିତ ହୋଇଯାଇଛି। ଚଳିତ ୨୯ ଓ ୩୦ରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ ଏବଂ ୩୦ ନଭେମ୍ବରରେ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିବା ଉଭୟ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ସାଇକେଲ ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀ ନଭେମ୍ବର ୨୮ ସୁଧା ନିଜର ନାମ ପଞ୍ଜିକରଣ କରିପାରିବେ ବୋଲି ଏକାଡେମୀର ପ୍ରତିଷ୍ଠାତା ଶିବରାମ ନାୟକ ସୂଚନା ଦେଇଛନ୍ତି। ପ୍ରତିଯୋଗିତାର ଭାଉଚର ସିନିଅର ନେସନାଲ ଅର୍ବିଟର ରବୀନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଏକାଡେମୀ ଅଧ୍ୟକ୍ଷ ଶିବରାମ ନାୟକ ସଭା ପରିଚାଳନା କରିଥିବାବେଳେ, ଆର୍‌କେ ସାଇକେଲର ମୁଖ୍ୟ ରୁପେଶ ଅଗ୍ରୱାଲ, ଦୁଷ୍ମନ୍ତ କୁମାର ପ୍ରଧାନ, ସମାଜସେବୀ ପ୍ରସନ୍ନ ପଟ୍ଟନାୟକ, ରବି ନାରାୟଣ ସାହୁ, ଆଶିଷ ତାଣ୍ଡି, ବିକାଶ ତାଣ୍ଡି, ସରିତା ବାଗେଲ ସେମେତ ଏକାଡେମୀର ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।



## ସୀମାନ୍ତ ନୂଆପଡ଼ାରେ ହଜିବାକୁ ଯାଉଛି ଓଡ଼ିଆ ଅସ୍ମିତା

**ସିନାପାଲି, ୧୦।୧୧ (ସମିସ):** ଓଡ଼ିଶା ମାନଚିତ୍ରରେ ନୂଆପଡ଼ା ଏକ ଛୋଟ ଜିଲ୍ଲା ହୋଇଥିଲେ ମଧ ତାହାର ସ୍ୱତନ୍ତ୍ରତା ରହିଛି। ୫ଟି ବ୍ଲକ ଓ ଦୁଇଟି ବିଜ୍ଞାପିତ ଅଞ୍ଚଳକୁ ନେଇ ଗଠିତ ଏହି ଜିଲ୍ଲା ପଡ଼ୋଶୀ ଛତିଶଗଡ଼ ରାଜ୍ୟକୁ ଲାଗି ରହିଛି। ନୂଆପଡ଼ା ନିର୍ବାଚନମଣ୍ଡଳୀରେ କିନ୍ତୁ ଭିନ୍ନତା ଦେଖିବାକୁ ମିଳେ। ସତେ ଯେମିତି ଏଠାରେ ଓଡ଼ିଆ ଅସ୍ମିତା ବଳି ପଡ଼ିଛି। କିଛିବର୍ଷ ହେଲା ଓଡ଼ିଆ ଭାଷାର ସ୍ଥିତିକୁ ନେଇ ଉଭୟ ସରକାରୀ ଓ ବେସରକାରୀସ୍ତରରେ ଉଦ୍‌ବେଗ ପ୍ରକାଶ ପାଇ ଆସୁଛି। ବିଶେଷକରି ବର୍ତ୍ତମାନ ର ପିଢ଼ି ଓଡ଼ିଆ ଭାଷାକୁ ଯେପରି ହତାଦର ନ କରିବ ସେ ନେଇ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଇଛି। ଗତ ୨୦୧୮ ରେ ସେତେବେଳର ନବୀନ ସରକାର ନାମ ଫଳକ ଓଡ଼ିଆ ଭାଷାରେ ଲେଖିବାକୁ ନୀୟମ କରିଥିଲେ। ସେହିପରି ଓଡ଼ିଆ ଅସ୍ମିତାକୁ ଆରମ୍ଭ ରୁ ପ୍ରାଧାନ୍ୟ ଦେଇଥିବା ବର୍ତ୍ତମାନ ର ବିଜେପି ସରକାର ଏ ଦିଗରେ ଅଧିକ ତତ୍ପର ବୋଲି ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବରେ ଅନେକ ସ୍ଥଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉପନିର୍ବାଚନ ପାଇଁ ନୂଆପଡ଼ା ଏବେ ସାରା ରାଜ୍ୟର ଦୃଷ୍ଟିରେ ରହିଥିବା ବେଳେ ଏଠିକାର ଅଧିକାଂଶ ଦୋକାନର ନାମ ଫଳକ ଓଡ଼ିଆ ଭାଷାର ଚିହ୍ନବର୍ଣ୍ଣ ନାହିଁ। ଜିଲ୍ଲାର ସୀମାରେ ଲୋକଙ୍କ ଭାଷା ଓ ବ୍ୟବହାର କୁ ଦେଖିଲେ ଓଡ଼ିଆ ଭିତରେ ଥିବା ଭଳି ମନେ ହୁଏ ନାହିଁ। ଉପ ନିର୍ବାଚନ ଲାଗି ଏଠାରେ ଡେରା ପକାଇଥିବା ତୁଙ୍ଗ ନେତାମାନେ ଏ କଥା ଭଲ ଭାବରେ ହୃଦୟଙ୍ଗମ କରି ପାରିଥିବେ। ଏ ପରୀପ୍ରେକ୍ଷୀରେ କହିବା କଥା ହେଲା ନୂଆପଡ଼ା ଭଳି ସୀମାବର୍ତ୍ତି ଜିଲ୍ଲାମାନଙ୍କ ରେ ଓଡିଆ ଭାଷାର ଶ୍ରୀ ବୃଦ୍ଧି ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ସହ ଭାଷା ସାହିତ୍ୟ ର ବିକାଶ ନିମନ୍ତେ କାର୍ଯ୍ୟର୍ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ଉତ୍ସାହିତ କଲେ ଓଡିଆ ଅସ୍ମିତା ବଞ୍ଚି ରହିବ ବୋଲି ବୁଦ୍ଧିଜୀବି, ସାହିତ୍ୟ ଅନୁରାଗୀ ମହଲ ରେ ମତ ପ୍ରକାଶ ପାଇଛି। ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକ ମଧ୍ୟରୁ କୋମନା ଓ ନୂଆପଡ଼ା ବ୍ଲକରେ ବିଶେଷ ଭାବରେ ଛତିଶଗଡ଼ ଭାଷାଭାଷୀରେ କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳୁଥିବାବେଳେ ଖରିଆରରୋଡ ସହରର ଅନେକ ଦୋକାନ ବଜାର ଗୁଡିକରେ ହିନ୍ଦୀ ଭାଷାରେ ନାମ ଫଳକ ଦେଖିବାକୁ ମିଳିଥାଏ। ଯେଉଁଠି ଦେଖିଲେ ଓଡ଼ିଆ ଅସ୍ମିତାର ଅସଲ ଚିତ୍ର ବାରି ହୋଇପଡୁଛି। ନୂଆପଡ଼ା ଉପ ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ପ୍ରଚାରରେ ଆସିଥିଲେ। ଭୋଟର ମାନଙ୍କ ନିକଟତର ହେବା ଲାଗି ଅଣ୍ଟା ଭିଡିଥିଲେ। ହେଲେ ଅନେକ ନେତା ଛତିଶଗଡ଼ି ଭାଷା କୁ ବୁଝି ପାରୁ ନ ଥିବା ଭଳିମନେ ହେଉଥିଲା। ନିକଟରେ ରହିଥିବା ସ୍ଥାନୀୟ କିଛି କର୍ମୀ ସେମାନଙ୍କୁ କହୁଥିବା କଥାର ଅନୁବାଦ କରି କହିବାକୁ ପଡୁଥିଲା। ଯାହାବି ହେଉ ଭାଷାକୁ ବଞ୍ଚାଇବା ଦିଗରେ ସ୍ୱତନ୍ତ୍ର ଆଇନ ଆଣିବା ସହ ସୀମାରେ ଭାଷା ସୁରକ୍ଷା କୁ ସୁରକ୍ଷିତ ରଖିଲେ ଓଡ଼ିଆ ଅସ୍ମିତାର ପରିଚୟ ରହିବ।

ଡକାୟତି ଯୋଜନା ପଣ୍ଡ

# ମାରଣାସ୍ତ୍ର ଜବତ; ୫ କୋର୍ଟଚାଲାଣ




ଭବାନୀପାଟଣା, ୧୦।୧୧(ସମିସ)

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ଉପକଣ୍ଠରେ ଥିବା କୃଷି ମହାବିଦ୍ୟାଳୟ ସମ୍ମୁଖରେ ଥିବା ଏକ ପୁରୁଣା ଗୋଦାମନିକଟରେ ରବିବାର ବିଳମ୍ବିତ ରାତିରେ ୫ ଜଣ ଦୁର୍ବୃତ୍ତ ଡକାୟତି ପାଇଁ ଯୋଜନା କରୁଥିବାବେଳେ ଟାଉନଥାନା ପୁଲିସ ହାବୁଡ଼ରେ ପଡ଼ି ଧରା ପଡ଼ିଛନ୍ତି। ରାତିରେ ଉକ୍ତ ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ଖଣ୍ଡା ଭୁଜାଲି ଦେଖାଇ ଭୟଭୀତ କରି ଡକାୟତି ପାଇଁ ସେମାନେ ପ୍ରସ୍ତୁତ ହୋଇ ରହିଥିଲେ ବୋଲି ପୁଲିସ କହିଛି। ଟାଉନ ଥାନା ପୁଲିସ ତଥା ଦୀପ୍ତି ବାରିକ ଖବରପାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ୫ଜଣଙ୍କୁ କାବୁ କରିଥିଲେ। ଏହି ସମୟରେ ପୁଲିସ ସେମାନଙ୍କଠାରୁ ଛୁରା, ଭୁଜାଲି କାତି ଓ ଖଣ୍ଡା ଭଳି ବିଭିନ୍ନ ମାରଣାସ୍ତ୍ର ଜବତ କରିଛି। ପୁଲିସର ସନ୍ଦେହ ଦୃଢ ହେବା କାରଣରୁ ଥାନାକୁ ଆଣି ପଚାରାଉଚୁରା କରିଥିଲା। ଏହି ୫ ଅଭିଯୁକ୍ତଙ୍କ ସୋମବାର ଅପରାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ଲକ୍ଷ୍ମଣ ରାଉତ, ଜୁନାଗଡ଼ର ଘନଶ୍ୟାମ ଦଣ୍ଡସେନା ଓ ଶରତ ଚନ୍ଦ୍ର ମେହେର ହୋଇଥିବାବେଳେ ଅନ୍ୟ ୨ ଜଣ ଅଭିଯୁକ୍ତ ଝାଡଖଣ୍ଡ ରାଜ୍ୟ ଧାନବାଦର ବିନୟ କୁମାର ଓ ଆଶୁତୋଷ କୁମାର ବୋଲି ପୋଲିସ ଠାରୁ ସୂଚନା ମିଳିଛି। ଏନେଇ ଭବାନୀପାଟଣା ଟାଉନଥାନାରେ ଏକ ମାମଲା ରୁଜୁ ହୋଇଛି।

## ମା' ମାଉଳି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଗୋଲାମୁଣ୍ଡା, ୧୦।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚପରିଆ ବିଶିବର୍ଣ୍ଣି ଖେଳପଡ଼ିଆଠାରେ ସୋମବାର ମା ମାଉଳି ଫୁଟବଲ କ୍ଲବ୍ ପକ୍ଷରୁ ଏକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ଘାସିରାମ ସୁନାନୀ, ବିଶିଷ୍ଟ ଅତିଥି ସମାଜସେବୀ ଦୟାନିଧି ବାଗ, ନୀଳାମ୍ବର ହରପାଲ, ଆଇଆର୍‌ବି ଯବାନ ନୃପରାଜ ଭୋଇ, ବିଶିଷ୍ଟ କଳାକାର ଜିତେନ୍ଦ୍ର ମହାନନ୍ଦ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିବାର ନିୟମ ଥିବାବେଳେ ପ୍ରଥମ ଦିନରେ କଣ୍ଟାମାଳ ଓ ବରଗାଁ ମଧ୍ୟରେ ଖେଳ ପ୍ରତିଯୋଗିତା ହୋଇଥିଲା। କଣ୍ଟାମାଲ ଦଳ ବରଗାଁ ଦଳ ମଧ୍ୟରେ ଶେଷ ପର୍ଯ୍ୟାୟରେ ୧-୧ ଗୋଲରେ ସମାନ୍ତର ଥିବାବେଳେ କଣ୍ଟାମାଳ ଦଳ ବିଜୟୀ ହୋଇ ସେମିଫାଇନାଲରେ ପଦାର୍ପଣ କରିଥିଲା। ମନ୍ମଥ ସିଂ, ଭିକାରି ଭୋଇ ଓ ରୋମାଞ୍ଚଳ ଭୋଇ ଖେଳ ପରିଚାଳନା କରିଥିଲେ। ଫୁଟବଲ୍ ଟୁର୍ଣ୍ଣାମେଣ୍ଟର କମିଟିର ସଭାପତି ଲବଣୀ ଚନ୍ଦନ, ଉପସଭାପତି ବେଦାନ୍ତ ମାଝୀ, ସମ୍ପାଦକ ଟୁନା ଦାସ, ସହସମ୍ପାଦକ ବୃନ୍ଦା ଭୋଇ, ମାନସ ଦାସ, କୋଷାଧ୍ୟକ୍ଷ ବେଦବର ମାଝୀ ସହଯୋଗ କରିଥିଲେ।

ବାହାଘରକୁ ଯିବା ହେଲା କାଳ

# ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ



**ବେଲପଡ଼ା, ୧୦।୧୧ (ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ମାଳିଝର ଛକ ନିକଟରେ ୨ଟି ବାଇକ୍ ମଧ୍ୟରେ ମହାଁମୁହିଁ ଧକ୍କା ହୋଇଛି। ଏହାଫଳରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଉଛନ୍ତି ରାଇପୁର ବାସିନ୍ଦା ସମ୍ରାଟ ବାଗ। ସେହିଭଳି ଆହତ ଜଣକ ହେଉଛନ୍ତି ମଣ୍ଡଳ ଗାଁର ଧନୁ ତାଣ୍ଡି। ସେ ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ବେଲପଡ଼ା ଥାନା ମଣ୍ଡଳ ଗାଁର ଦୁଇ ଭାଇ ଧନୁ ଏବଂ ହନୁ ତାଣ୍ଡି ବାଗଉଡ଼ାର ଗାଁକୁ ବିହାଘର ଯାଇଥିଲେ। ଧନୁ ନିଜ ସଢୁ ସମ୍ରାଟ ଏବଂ ଭାଇ ହନୁ ସହ ମିଶି କୌଣସି କାମ ପାଇଁ କପାଣି ଗାଁକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ମାଳିଝର ଛକ ନିକଟରେ ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ବାଇକ ଚାଳକ ସମ୍ରାଟଙ୍କ ମୃତ୍ୟୁ ଘଟିଥିଲା। ଧନୁ ଗୁରୁତର ଭାବେ ଆହତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ପ୍ରଥମେ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ବଲାଙ୍ଗୀର ସ୍ଥାନନ୍ତର କରାଯାଥିଲ। ବେଲପଡ଼ା ପୁଲିସ ପହଞ୍ଚି ତଦନ୍ତ କରିଛି।

# ବଙ୍ଗୋମୁଣ୍ଡା ବ୍ଲକ୍ କନିଷ୍ଠଯନ୍ତ୍ରୀ ଗିରଫ



**ବଲାଙ୍ଗିର, ୧୦।୧୧(ସମିସ):** ସରକାରୀ ଅର୍ଥ ହଡପ ଅଭିଯୋଗରେ ବଙ୍ଗୋମୁଣ୍ଡା ବ୍ଲକ କନିଷ୍ଠ ଯନ୍ତ୍ରୀ ଜନାରାୟଣ ବାଗ ଗିରଫ ହୋଇଛନ୍ତି। ୨୦୨୩-୨୪, ୨୦୨୪-୨୫ ଆର୍ଥିକ ବର୍ଷରେ ବଙ୍ଗୋମୁଣ୍ଡା ବ୍ଲକରେ ମନରେଗା ଯୋଜନାରେ ପ୍ରାୟ ୨୨ ଲକ୍ଷ ଟଙ୍କା ହଡ଼ପ ହୋଇଛି। ଏହି ଅଭିଯୋଗ ସ୍ପଷ୍ଟ ହେବା ପରେ ଭିଜିଲାନ୍ସ କନିଷ୍ଠ ଯନ୍ତ୍ରୀ ଶ୍ରୀ ବାଗଙ୍କୁ ଗିରଫ କରିଛି। ଏହି ଆର୍ଥିକ ବର୍ଷରେ ୫ଟି ପୋଖରୀ କାମ କରାଯାଇଥିବା ଦର୍ଶାଇ ଏହି ଟଙ୍କା ହଡ଼ପ କରିଆଯାଇଥିବ ଭିଜିଲାନ୍ସ ଅଧିକାରୀ ତଦନ୍ତରୁ ଜାଣିବାକୁ ପାଇଛନ୍ତି। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡ଼ା ପଞ୍ଚାୟତରେ ୨୦୨୩-୨୪, ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଭିଜିଲାନ୍ସ ପାଖରେ ଅଭିଯୋଗ ହେବା ପରେ ଘଟଣାର ତଦନ୍ତ କରାଯାଇଥିଲା। ତଦନ୍ତ ପରେ ଅନିୟମିତତା ସ୍ପଷ୍ଟ ହେବା ସହ ଏକ ବଡ଼ ଧରଣର ଦୁର୍ନୀତି ସାମ୍ନାକୁ ଆସିଥିଲା। ଏହି ୨ ଆର୍ଥିକ ବର୍ଷରେ ହୋଇଥିବା ୫ଟି ପୋଖରୀ କାମରୁ କେବଳ ଗୋଟିଏ କାମ କରାଯାଇଥିବା ବେଳେ ବାକି କେବଳ କାଗଜପତ୍ରରେ କରି ୨୨ ଲକ୍ଷ ୧୬ ହଜାର ୭୨ ଟଙ୍କା ହଡ଼ପ ହୋଇଥିବା ଜଣାପଡ଼ିଛି। ଏନେଇ ଭିଜିଲାନ୍ସ ମାମଲା ରୁଜୁ କରି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଶ୍ରୀ ବାଗଙ୍କୁ ଗିରଫ କରିଛି।

- ମହଙ୍ଗା ପଡ଼ିଲା ମନରେଗା ଟଙ୍କା ହେର୍‌ଫେର୍
- କାମ ନ କରି ୪ଟି ପୋଖରୀର ଫଲ୍ସ ବିଲ୍
- ୨୨ ଲକ୍ଷ ୧୬ ହଜାର ୭୨ ଟଙ୍କା ହଡ଼ପ

# ଝାରତରଭାରେ ଜନଶୁଣାଣି ଶିବିର

**ତରଭା, ୧୦।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଝାରତରଭା ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି କରାଯାଇଛି। ସରପଞ୍ଚ ସୌଦାମିନୀ ସାଙ୍କ ଅଧକ୍ଷତାରେ ଏହି ଜନଶୁଣାଣି ହୋଇଥିଲା। ଏଥିରେ ବିଡିଓ ଗଙ୍ଗାରାମ ବୁଡେକ, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇ ଅଭିଯୋଗର ଶୁଣାଣି କରିଥିଲେ। ଭିନ୍ନକ୍ଷମ କାର୍ଡ ପାଇଁ ଅଙ୍କିତା ମହାନନ୍ଦ ଅଭିଯୋଗ କରିଥିଲେ। ପିଇଓ ଶଙ୍କର ବଢ଼ିଆ, ୱାର୍ଡସଭ୍ୟ ସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବଲାଙ୍ଗିର ଜିଲ୍ଲାସ୍ତରୀୟ ଗଣ୍ଡାବଜା ମହୋତ୍ସବ

# କମ୍ପିଲା କୋଶଳ କଳାମଣ୍ଡଳ ପଡ଼ିଆ



**ବଲାଙ୍ଗିର, ୧୦।୧୧ (ସମିସ)**

ଗଣ୍ଡାବଜାକୁ ପ୍ରୋତ୍ସାହନ, ସମ୍ମାନ ଏବଂ ଏହାର ସୁରକ୍ଷାକୁ ଏକ ଗଣ୍ଡାବଜା ମହୋତ୍ସବ-୨୦୨୫ ପାଳିତ ହୋଇଛି। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ନିଳାଞ୍ଚଳ ନନ୍ଦଙ୍କ ଆବାହକତ୍ୱ ଏବଂ ତରଣୀସେନ ଦୀପ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ସିଡିଓ ତରଣୀ ସୁନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଡେପୁଟି କମିଶନର (ଭାରତ ସରକାର) ଡ. ବାସୁଦେବ ସୁନାନି, ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ଡିସିଓ ରଶ୍ମି ରଞ୍ଜନ ମିଶ୍ର, ବରିଷ୍ଠ କଣ୍ଠଶିଳ୍ପୀ ନବୀନ କୁଅଁର, ବିଜୟ ବାରିକ, ବାସୁଦେବ ମୁଗ୍ରୀ, ଦଣ୍ଡଢୋଲ ବାଦକ ମଗଶିର ନନ୍ଦ ପ୍ରମୁଖ ଯୋଗ ଦେଇ ଗଣ୍ଡାବଜାର ସ୍ଥିତି ଏବଂ ବୈଜ୍ଞାନିକ ଦିଗ ଉପରେ ମତବ୍ୟକ୍ତ କରିଥିଲେ। ମଞ୍ଚରେ ଗଣ୍ଡାବଜାକୁ ପୂଜା କରାଯାଇଥିଲା। ୩୦ଟି ଗଣ୍ଡାବଜା ଦଳ ସହର ପରିକ୍ରମା କରିଥିଲେ। ଗଣ୍ଡାବଜା ଉପରେ ନେପାଳ ଚନ୍ଦ୍ର ବାଗଙ୍କ ସଂଯୋଜନାରେ ୧୫ ଜଣ କବି କବିତା ପାଠ କରିଥିଲେ। ଦିଲୀପ ଦୀପଙ୍କ ସଂଯୋଜନାରେ ୪୨ଟି ଗଣ୍ଡାବଜା ଦଳ ମଞ୍ଚରେ କଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସମସ୍ତ କଳାକାରଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। କଣ୍ଠଶିଳ୍ପୀ ଜନ୍ମ ବାରିକ, କଣ୍ଠଶିଳ୍ପୀ ବିଳମ୍ବ କୁମ୍ଭାର, ଦିଲୀପ ବାଗ, କିଶୋର ବାଗ, ଅର୍ଜୁନ ମୁଗ୍ରୀ, ଭରତ ନାଗ, ଲକ୍ଷ୍ମୀକାନ୍ତ ନାଗ, ଟିଙ୍କୁ ନନ୍ଦ, ଲକ୍ଷ୍ମଣ ନନ୍ଦ, କୀର୍ତ୍ତନ ଦୀପ, ଶମ୍ଭୁ ନାଗ, ସୀତାରାମ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ସୂର୍ଯ୍ୟମଣି ସୁନା, ନାଟ୍ୟକାର ପ୍ରକାଶ ଚନ୍ଦ୍ର ଥନାପତି, ସମ୍ବାଦିକ ସନ୍ଦୀପ କୁଅଁର, ଅଭିନେତା ହିମାଂଶୁ ଖମାରୀ, ବିନୋଦ କାଲସାଏ, ଲଳିତ ପୁଜାରୀ, ପଞ୍ଚାନନ ସେଠ, ଏନ୍‌ଏଫ୍‌ଆଇଡି ର ପ୍ରଭାତ ମହାନନ୍ଦ, ସବିତା ନନ୍ଦ, ରୁପାଲି ମହାନନ୍ଦ, ଡ. ବାସିନ୍ତି ନନ୍ଦ, ଜପ ମୁଗ୍ରୀ, ସୁରେଶ ବାରିକ, ନବୀନ ବେହେରା, ନିହାଲ ସିଂ, ଗବେଷକ ଅଶୋକ ଦୀପ ଏବଂ ଗବେଷକ ବିପିନ ବିହାରୀ ବାରିକଙ୍କ ତତ୍ତ୍ୱାବଧାନରେ କଳା ସଂସ୍କୃତି ଓ ସାମାଜିକ କ୍ଷେତ୍ରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବରିଷ୍ଠ ରାଜେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

- ଗଣ୍ଡାବଜାର ସ୍ଥିତି ଏବଂ ବୈଜ୍ଞାନିକ ଦିଗ ଉପରେ ସରଗରମ ଆଲୋଚନା
- ମଞ୍ଚରେ ଗଣ୍ଡାବଜାର ପୂଜାର୍ଚ୍ଚନା ହେଲା
- ସହର ପରିକ୍ରମା କଲା ୩୦ ଗଣ୍ଡାବଜା ଦଳ
- ଗଣ୍ଡାବଜା ଉପରେ କବିତା ପଢ଼ିଲେ ୧୫ କବି
- ମଞ୍ଚରେ କଳା ପ୍ରଦର୍ଶନ କଲେ ୪୨ ଗଣ୍ଡାବଜା ଦଳ

# ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ; ୨ ଗିରଫ



**ଡୁଙ୍ଗୁରିପାଲି, ୧୦।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଥିବା ବେଳେ ୨ ଜଣଙ୍କୁ ପୁଲିସ ଗିରଫ କରିଛି। ଦୁଇ ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶର ହସଙ୍ଗପୁର ଗ୍ରାମର ସୁରେନ୍ଦର ବିଶ୍ୱକର୍ମା (୩୦), ଦୀପାଂଶୁ ସିଂ( ୨୪)। ସୂଚନାନୁଯାୟୀ, ଗଞ୍ଜେଇ ଭର୍ତ୍ତି ବୋଲେରୋ ଭ୍ୟାନ୍(ୟୁପି ୭୧ସି ୨୯୬୧) ବୌଦ୍ଧ ଜିଲ୍ଲାରୁ ଉତ୍ତରପ୍ରଦେଶ ରାଜ୍ୟ ଅଭିମୁଖେ ଯାଉଥିଲା। ଡୁଙ୍ଗୁରିପାଲି ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଚେରୁପାଲି-ଅଙ୍ଗନଦୀ ପୋଲ ନିକଟରେ ବୋଲେରୋ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରେ ସେଥିରୁ ୧୨୫ ପ୍ୟାକେଟ୍ ଦୁଇ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କଲାପରେ ଉକ୍ତ ୧୨୫ଟି ପକେଟ୍‌ରେ ମୋଟ ୨ କ୍ୱିଣ୍ଟାଲ ୪୯ କେଜି ୬୧୦ ଗ୍ରାମ ବୋଲି ଜଣାପଡ଼ିଛି। ସରକାରୀ ମୂଲ୍ୟାଙ୍କନ ଅନୁଯାୟୀ ଜବତ ଗଞ୍ଜେଇର ବଜାର ମୂଲ୍ୟ ୨.୫ କୋଟିରୁ ଅଧିକ ହେବ ବୋଲି ପୁଲିସ କହିଛି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚାଇଛି।

କମ୍ପିଲା କୋଶଳ କଳାମଣ୍ଡଳ ପଡ଼ିଆ

# କାରାଗାରରେ କୃଷ୍ଣ ଜନ୍ମ



**ବିନିକା, ୧୦।୧୧(ସମିସ):** ବିନିକା କଂସାରିପଡ଼ା ବ୍ରଜବିହାରୀ ନୃତ୍ୟକଳା ପରିଷଦ ପକ୍ଷରୁ ଚାଲିଥିବା ୨୪୨ତମ ଗୋକୁଳାଷ୍ଟମୀ ଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ କାରାଗାରରେ କୃଷ୍ଣ ଜନ୍ମ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ କଂସର ଅତ୍ୟାଚାରରେ ଚିନ୍ତିତ ଦେବଗଣ ଓ ପୃଥିବୀ ଦେବୀ ବ୍ରହ୍ମାଙ୍କଠାରେ ଶରଣାପନ୍ନ, ବ୍ରହ୍ମା ସମସ୍ତଙ୍କୁ ଧରି ବିଷ୍ଣୁଙ୍କଠାରେ ଗୁହାରି କରିବା, ସ୍ୱୟଂ ଭଗବାନ ଗୋପୀ, ଗୋପାଳଙ୍କୁ ମର୍ତ୍ତ୍ୟପୁର ଯାଇ ଗୋପୀ ଗୋପାଳ ବେଶରେ ଜନ୍ମ, ତ୍ରିଭୁବନ ବିଜୟୀ କଂସ ମଥୁରା ନଗରୀକୁ ଫେରି ବିବାହ ବନ୍ଧନରେ ବାନ୍ଧି ହୋଇଥିବା ଦେବକୀ ବସୁଦେବଙ୍କୁ ଛାଡିଯିବା ବାଟରେ ଦୈବବାଣୀ ହେବା, କଂସ ମଥୁରା ଫେରି କାରାଗୃହରେ ଦେବକୀ-ବସୁଦେବକୁ ରଖି ନିଜେ ସିଂହାସନ ଆହୋରଣ, ଦେବକୀଙ୍କ ଗର୍ଭରୁ ଜନ୍ମିତ ୬ ଶିଶୁ ସନ୍ତାନଙ୍କୁ କଂସ ଦର୍ପଣ ସିଲାରେ କଚାଡି ମାରିବା, ଅଷ୍ଟମ ଗର୍ଭ ସନ୍ତାନ ଜନ୍ମ ନେବା ପରେ କାରାଗୃହ ଆଲୋକମୟ ହେବା, ଶିକୁଳି ଆପେ ଆପେ ଖୋଲିଯିବା, ବସୁଦେବ ସନ୍ତାନକୁ ଧରି ଗୋପପୁର ଗମନ ଓ ସେଠାରେ ଜନ୍ମିତ ଶିଶୁ କନ୍ୟାକୁ ଧରି କାରାଗୃହ ପ୍ରତ୍ୟାବର୍ତ୍ତନ, କଂସ ଜାଣିବା ପରେ ଦେବକୀ ହାତରୁ ଶିଶୁକନ୍ୟାକୁ ଛଡାଇ ଆଣି ଦର୍ପଣ ଶିଳାରେ କଚାଡ଼ିବା, କନ୍ୟାଟି ଯୋଗମାୟା ରୂପରେ ଆକାଶକୁ ଯାଇ କୃଷ୍ଣଙ୍କ ଜନ୍ମ ନେଇ ଶୂନ୍ୟବାଣୀ କରିବା ଆଦି ଦୃଶ୍ୟ ମୁକ୍ତାକାଶ ମଞ୍ଚରେ କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏହି ଯାତ୍ରାରେ ଉଗ୍ରସେନ ଭୂମିକାରେ ସୀତାରାମ ମାହାଣା, ନାରାୟଣ ସୁହାନ ଦାସ, ଦେବକୀ-ବିଶ୍ୱଜିତ ମାହାଣା, ବସୁଦେବ- ବିଶ୍ୱନାଥ ମାହାରଣା, କଂସ-ରାମଚନ୍ଦ୍ର ଦାସ, ମନ୍ତ୍ରୀ ସଞ୍ଜୟ ସାହୁ, ପୃଥି ଦେବୀ ଅଂଶୁମାନ ମାହାଣା, ବ୍ରହ୍ମା ମୁକୁନ୍ଦ ସାହୁ, ଇନ୍ଦ୍ର ଅଶ୍ୱିନୀ ସାହୁ, ବରୁଣ ପରେଶ ମାହାନା, ନାରଦ ସ୍ୱାଗତ ମାହାନା, କୃଷ୍ଣ ଶ୍ରୀମାନ ସାହୁ, ଯୋଗମାୟା ଶ୍ରୀତମ ସାହୁ, ପ୍ରହରୀ ବିବେକ ସାହୁ, ବଜରଙ୍ଗ କୁଷ୍ଟା ପ୍ରମୁଖ ଚିତାକର୍ଷକ ଅଭିନୟ କରିଥିଲେ।

Government of India
**Ministry of Environment, Forest & Climate Change**
**Regional Office, Bhubaneswar, Odisha**

**Online Proposal No.: FP/OR/RAIL/438606/2023**

**Dated: 24/01/2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023 on the above mentioned subject seeking prior approval of the Ministry of Environment, Forest & Climate Change under Section 2 of Van (Sanrakshan Evam Samvardhan) Adhiniyam, 1980.

2. After due consideration of the proposal of the State Government, the Ministry of Environment, Forest & Climate Change hereby conveys 'Stage-I/in-principle' approval for diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasilof Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions.

**1. General Conditions**

| S. No | Conditions |
|---|---|
| 1.1 | The legal status of forest land proposed for diversion shall remain unchanged. |
| 1.2 | The user agency shall transfer online, the Net Present Value (NPV) of 4.519 ha forest land being diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2011-FC (Vol-I) dated 06.01.2022, and 22.03.2022. The requisite funds shall be transferred through online portal in CAMPA account of the State concerned. |
| 1.3 | The non forest land of 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division for raising compensatory afforestation shall be transferred and mutated in the name of Forest Department and notified as RF/PF prior to Stage-II approval. |
| 1.4 | The user agency shall transfer the cost of raising and maintaining the CA/Addl. CA at the current wage rate in consultation with State Forest Department in the account of CAMPA of the concerned State through online portal. The Scheme may include appropriate provision for anticipated cost increase for works scheduled for subsequent years. |
| 1.5 | Compensatory afforestation shall be raised over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.6 | Addl. Compensatory afforestation shall be raised over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.7 | The species to be planted in the CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.8 | A Site Specific Wildlife Conservation Plan shall be prepared and duly approved by Chief Wildlife Warden, Odisha shall be implemented at project cost. The fund for implementation of Site Specific Wildlife Conservation shall be deposited by the user agency after duly vetted by Regional Office, MoEF&CC, Bhubaneswar. |
| 1.9 | At the time of payment of Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.10 | The KML files of the area to be diverted and the CA areas shall be uploaded on the e-Green watch portal with all requisite details before issuing working permission towards linear projects or submitting compliance report for seeking Stage-II approval, as the case may be. |
| 1.11 | All the funds received from the user agency under the project shall be transferred/ deposited in CAMPA account only through e-portal (https://parivesh.nic.in/). Amount deposited through other mode will not be accepted as compliance of the Stage-I clearance. |
| 1.12 | The compliance report of the Stage-I approval shall be uploaded on e-portal (https://parivesh.nic.in/). |
| 1.13 | The complete compliance of the FRA, 2006 shall be ensured by way of prescribed certificate from the concerned District Collector. |
| 1.14 | The boundary of the proposed forest land for diversion, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.15 | The user agency shall obtain Environment Clearance as per the provisions of the Environmental (Protection) Act, 1986, if applicable. |
| 1.16 | Speed regulating signage will be erected along the railway line at regular intervals in Protected Areas/Forest Areas. |
| 1.17 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLWL of the State Govt. There should be regular communication with the local forest department to know the presence/movement of elephant near the track. |
| 1.18 | The designing of culverts/bridges, if any over the natural streams/rivers/canals should be done in such a manner that it does not hamper the natural course of water, does not give rise to water logging, and also does not hamper movement of wild animals including elephant. |
| 1.19 | The reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed |
| 1.20 | The user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.21 | The user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.22 | No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas. |
| 1.23 | No additional or new path will be constructed inside the forest area for any activity related to the project work. |
| 1.24 | The user agency while executing works, shall not fell any tree or damage forest growth in the surrounding forest area in any manner. |
| 1.25 | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. |
| 1.26 | The forest land shall not be used for any purpose other than that specified in the proposal. |
| 1.27 | The forest land proposed to be diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. |
| 1.28 | No damage to the flora and fauna of the adjoining area shall be caused. |
| 1.29 | The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area. |
| 1.30 | The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Regional Office of this Ministry by the end of March every year. |
| 1.31 | Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency. |
| 1.32 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.33 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**
**3. Specific Conditions**

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Van (Sanrakshan Evam Samvardhan) Adhiniyam, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. "The State Govt. or a Senior Office not below the Rank of a Divisional Forest Officer, having jurisdiction over the forest land proposed to be diverted, duly authorized in this behalf by the State Govt. can pass an order for tree cutting and commencement of work of a linear project in forest land for a period of one year ("working permission" means permission granted to linear project before final approval to mobilize the resources to commence the preliminary project work other than black topping, concretization, laying of railway tracks, charging of transmission lines, etc.). Such order shall be passed only after full realization of funds for compensatory afforestation, Net Present Value (NPV), Wildlife conservation Plan, plantation of dwarf species of medicinal plants, and all other compensatory levies, specified in the Stage-I (in-principle) approval from the User Agency, and where ever applicable, transfer and mutation of nonforest/ revenue forest land in favour of State Forest Department, declaration of PF/RF and compliance of other statues including ST&OTFD (Recognition of Forest Rights) Act, 2006" as stipulated in Para 11.1 of Chapter-11 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023.

**Copy To**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Dr. Padma Mahanti)**
**Dy. Inspector General of Forests (C)**

କୋଶଳ ପ୍ରବାହର ରୌପ୍ୟ ଜୟନ୍ତୀ ସମାରୋହ

# ଅନୁସନ୍ଧାନମୂଳକ ସାମ୍ବାଦିକତା ପାଇଁ ପରାମର୍ଶ

**ବଲାଙ୍ଗିର, ୧୦।୧୧(ସମିସ):** ବଲାଙ୍ଗିର ମାଟିର ସମ୍ବାଦପତ୍ର 'କୋଶଳ ପ୍ରବାହ'ର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ 'କୋଶଳ ପ୍ରବାହ'ର ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇଥିଲେ। ସମ୍ବାଦପତ୍ର ଅନୁସନ୍ଧାନମୂଳକ ସମ୍ବାଦ ପରିବେଷଣ ପ୍ରତି ଆଗ୍ରହ ପ୍ରକାଶ କଲେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଖଡ଼ିଆଳର ସ୍ତମ୍ଭକାର ତଥା ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ 'ଅନ୍ଧ ପ୍ରଥା ପରମ୍ପରା ଓ ଆମ ସମାଜ' ଶୀର୍ଷକ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ବଲାଙ୍ଗିର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ବିଜେପିର ବରିଷ୍ଠ ନେତା ଗୋପାଳଜୀ ପାଣିଗ୍ରାହୀ ଏବଂ ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସବିତା ମହରା ସଭା ସଞ୍ଚାଳନା କରିଥିଲେ। ସାମ୍ବାଦିକ ରାଜେଶ ଦଣ୍ଡସେନା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ସାମ୍ବାଦିକ ଦେବାଶିଷ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। 'କୋଶଳ ପ୍ରବାହ'ର ପରିଚାଳନା ସମ୍ପାଦକ ଶମ୍ଭୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରୌପ୍ୟ ଜୟନ୍ତୀ ସମାରୋହ ଆୟୋଜନ ଅବସରରେ ମୁଖ୍ୟବକ୍ତା ଶ୍ରୀକାନ୍ତ ଚାଟାର୍ଜୀଙ୍କୁ 'କୋଶଳ ପ୍ରବାହ ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ଖଡ଼ିଆଳର କବି ସୁଶାନ୍ତ ବିଶି 'କବି ଛନ୍ଦାଚରଣ ସମ୍ମାନ' ପାଇଥିବା ବେଳେ କବି ନବୀନ ବିଶ୍ୱବନ୍ଧୁଙ୍କୁ 'କବି ଚତୁର୍ଭୁଜ ସାଆନ୍ତ ସମ୍ମାନ' ପ୍ରଦାନ କରାଯାଇଥିଲା। ବଲାଙ୍ଗିର ଗୌରବ ସମ୍ମାନ ଗ୍ରହଣ କରିଥିଲେ ଡା. ବେଣୁଧର ପାଣ୍ଡେ। 'ସଫଳ ଚାଷୀ ସମ୍ମାନ' ସଞ୍ଜୟ ପଧାନ, 'ସଫଳ ମହିଳା ସମ୍ମାନ' ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ପ୍ରାନ୍ତୀୟ ଅଧ୍ୟକ୍ଷା ବବିତା ଅଗ୍ରୱାଲ, 'ସଫଳ ଉଦ୍ୟୋଗୀ ସମ୍ମାନ' ଶାମୁକା ଷ୍ଟିଲ୍ ସେଣ୍ଟରର ସତ୍ୱାଧିକାରୀ କିଶୋର ରଥ, 'ସଫଳ ନାରୀନେତ୍ର ସମ୍ମାନ' ସୁନୀତା ସାହୁ, 'ସଫଳ ସାମାଜିକ କର୍ମୀ ସମ୍ମାନ' ଦିନେଶ ନାଗ, 'ସମାଜସେବୀ ସମ୍ମାନ' ଶମ୍ଭୁ ନାଗ ଓ ବନମାଳୀ ନାଏକ ଏବଂ 'ଯୁବନେତା ସମ୍ମାନ' ଗୁଣସୁଗର ମାଝୀ ଗ୍ରହଣ କରିଥିଲେ। ରୌପ୍ୟ ଜୟନ୍ତୀ ସମାରୋହ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଓଡ଼ଶାର ବିଭିନ୍ନ ସ୍ଥାନରୁ ଆସିଥିବା 'କୋଶଳ ପ୍ରବାହ'ର ସାମ୍ବାଦିକମାନଙ୍କୁ ମଧ୍ୟ ରୌପ୍ୟ ଜୟନ୍ତୀ ସ୍ମାରକୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଶାସନିକ ଅଧିକାରୀ ଶ୍ୟାମପ୍ରସାଦ ଗୁରୁ, ସିନିଅର କ୍ୟାମେରା ମେନ୍ ଧନମତ ପାଣିଗ୍ରାହୀ, ଜୁନିଅର କ୍ୟାମେରା ମ୍ୟାନ୍ ଦେବେନ୍ଦ୍ର ଲେଙ୍କା, ସାମ୍ବାଦିକ ବିମଳେନ୍ଦୁ ସାହୁ, ପ୍ରଦୀପ ସାହୁ, ଅକ୍ଷୟ ପିଡ଼ିସିକା ପ୍ରମୁଖ ସହଯୋଗ କରିଥିଲେ।




ରାଘବପାଲିରେ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

# ସେମିରେ ବନ୍ଧପଡ଼ା କ୍ରିକେଟ ଟିମ୍



**ବଲାଙ୍ଗିର, ୧୦।୧୧(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ରାଘବପାଲି ଗ୍ରାମ ଖେଳ ପଡ଼ିଆରେ ରାମଜୀ କ୍ରିକେଟ କ୍ଲବ୍ ତରଫରୁ ୫ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ତର୍ଜାତୀୟ କରାଟେ କୋଚ୍ ଅସୀମ ଭୋଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ବନ୍ଧପଡ଼ା ସହ କୁରେଲବାହାଲି ଓ ସର୍ଗିପାଲି ସହ ମଲମୁଣ୍ଡା ମଧ୍ୟରେ ମ୍ୟାଚ ହୋଇଥିଲା। ବନ୍ଧପଡ଼ା କ୍ରିକେଟ ଟିମ୍ ସେମି ଫାଇନାଲକୁ ପ୍ରବେଶ କରିଛି।

# ସମ୍ପାଦକୀୟ



ଆମ ଭିତରୁ ଆଜି ଶାନ୍ତି ହଜିଯାଉଛି, କାରଣ ସମସ୍ତେ ସମସ୍ତଙ୍କ ପରିପୂରକ ବୋଲି ଆମେ ଭୁଲି ଯାଉଛେ ।
-ମଦର ଟେରେସା

ସକାଳ
THE SAKALA

## ଅଘଟଣ ପାଇଁ ଦାୟୀ କିଏ?

ହଜାରେ ବର୍ଷର ପୁରୁଣା ସହର କଟକ । ଯେଉଁଠି ସମ୍ଭ୍ରାନ୍ତୀୟ ଠାଣିରେ ହାକିମ ଓ ଜମିଦାରଙ୍କ ସୌଧ ମୁଣ୍ଡ ଟେକିଛି ସେଠି ଅଛି ଛୋଟ ବଡ଼ ଚାଳଘର । ସମୟ ବଦଳିବା ସହ ସେହି ଜୀବନଧାରା କୁଆଡ଼େ ହଜିଗଲାଣି । ଚାଳ ଛପର ଘର ସ୍ଥାନରେ ମୁଣ୍ଡ ଟେକିଲାଣି ଛାତ ଘର । କିନ୍ତୁ ସେହି ପୁରଣା ସୌଧ ସେମିତି ମୁଣ୍ଡ ଟେକି ରହିଛି । ତିନି ପୁରୁଷର ଘରକୁ ମରାମତି ପାଇଁ ଏବେ ଯେଉଁମାନେ ଅଛନ୍ତି ସେମାନଙ୍କ ଖୋସଣିରେ ପଇସା ନାହିଁ । ଏମିତି କିଛି ଘର ଅଛି ଯାହାକି ଭଙ୍ଗାରୁଜା ଅବସ୍ଥାରେ ପଡ଼ି ରହିଛି । ତାହାର ଦେଖାଶୁଣା ଦାୟିତ୍ୱରେ ଥିବା ଉତ୍ତର ପିଢ଼ି ସହର ଛାଡ଼ି ଅନ୍ୟତ୍ର ଘରବାଡ଼ି କରି ଅବସ୍ଥାନ କରିଛନ୍ତି । ଯେଉଁଠି ବିଶାଳକାୟ ସୌଧ ବା ଇମାରତ୍ ଅଛି ତତ୍‌ସଂଲଗ୍ନ ଅଞ୍ଚଳରେ ଗରିବ ଗୁରୁବାଙ୍କ ଛୋଟବଡ଼ ଘର ଅଛି । ଏମାନେ ପରସ୍ପର ଉପରେ ନିର୍ଭରଶୀଳ । ଆଜିକାଲି ସହରତଳି ଅଞ୍ଚଳରେ ଦିନ ମଜୁରିଆଙ୍କ ବସ୍ତି ମୁଣ୍ଡ ଟେକିଲାଣି । ବିପଦସଂକୁଳ ଅବସ୍ଥାରେ କୋଠାବାଡ଼ିଗୁଡ଼ିକୁ ଠିକଣା ସମୟରେ ଭାଙ୍ଗି ଦିଆନଗଲେ ତାହା ପାଖ ପଡ଼ିଶାଙ୍କ ପାଇଁ ନିଶ୍ଚୟ ଦିନେ ନା ଦିନେ ବିପଦ ହେବ । ଯାହା ଗତ ଶନିବାର କଟକ ମଣି ସାହୁ ଛକରେ ପରିଲକ୍ଷିତ ହୋଇଥିଲା । ଅସୁରକ୍ଷିତ ଘୋଷିତ ଆପାର୍ଟମେଣ୍ଟରେ ବାଲକୋନି ଭୁଶୁଡ଼ି ପଡ଼ିଲା । ତଳେ ଟିଣ ଛପର ଘରେ ରହୁଥିବା ଗୋଟିଏ ପରିବାରର ୩ ଜଣ ଙ୍କ ପ୍ରାଣହାନି ଘଟିଲା ଏବଂ ଅନ୍ୟ ୪ ଜଣ ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ।

ଗତ ଦଶ ବର୍ଷ ତଳେ ସହରରେ ଭୂମିକମ୍ପ ଅନୁଭୂତ ହୋଇଥିବାରୁ ବହୁ କୋଠାରେ ଫାଟ ସୃଷ୍ଟି ହୋଇଥିଲା । ଜିଲ୍ଲା ପ୍ରଶାସନ ମହାନଗର ନିଗମ ଓ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥିବା ମିଳିତ ସର୍ଭେରେ ସହରର ୨୩୭ ଟି ବିପଦସଂକୁଳ କୋଠା ଚିହ୍ନଟ କରାଯାଇଥିଲା । ସେଥିମଧ୍ୟରୁ ୧୬ଟିକୁ ଭାଙ୍ଗି ସେଠାରେ ନୂଆ ଇମାରତ ମୁଣ୍ଡଟେକିଛି । ଅବଶିଷ୍ଟ ଅସୁରକ୍ଷିତ ୨୨୧ ଟି ପ୍ରାସାଦ ସେମିତି ମୁଣ୍ଡ ଟେକି ରହିଛି । କେତେବେଳେ କାହା ଉପରେ ଭୁଶୁଡ଼ି ପଡ଼ିବ ତାହାର କୌଣସି ଠିକଣା ନାହିଁ । ହାଇକୋର୍ଟଙ୍କ ତାଗିଦ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଘରମାଲିକଙ୍କୁ କେବଳ ନୋଟିସ ଦେଇ ଚୁପ ରହିଛି ପ୍ରଶାସନ । ସବୁଠାରୁ ଉଲ୍ଲେଖନୀୟ ହେଲା, ସରକାରୀ କ୍ୱାର୍ଟର୍ସ ଅଫିସ ଓ ଅବ୍ୟବହୃତ ଗୋଦାମ ଘର ସଂଖ୍ୟା ସବୁଠାରୁ ଅଧିକ । ଏକ୍ଷେତ୍ରରେ କିଏ କାହାକୁ ନୋଟିସ ଦେବ? ଅନ୍ତତଃ ସରକାରୀ ବ୍ୟବସ୍ଥା ଏଥିପ୍ରତି ସଚେତନ ହେବା ଜରୁରୀ । ମଣିସାହୁ ଛକ ଘଟଣା ପରେ ଜିଲ୍ଲା ପ୍ରଶାସନ, ମହାନଗର ନିଗମ ଓ ସିଡିଏ କର୍ତ୍ତୃପକ୍ଷ ଏହି ଦିଗ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ଆମେ ଆଶା କରୁ । ରାଜ୍ୟର ଐତିହାସିକ ସ୍ମୃତିର ସ୍ମାରକ ରୂପେ ପ୍ରସିଦ୍ଧ ଅଟ୍ଟାଳିକାର ମଧ୍ୟ ବ୍ୟବସ୍ଥିତ ଢଙ୍ଗରେ ସୁରକ୍ଷା ହେବା ଜରୁରୀ । ●

## କୁହାମୁଣ୍ଡା କପିଳା

ଜୁନ୍ ୨୯ ତାରିଖରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଘଟିଥିବା ଦଳାଚକଟା ଓ ଚରମ ବିଶୃଙ୍ଖଳାର କାରଣ ସଂପର୍କରେ ତଦନ୍ତ କମିଟି ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇଛି । ଏହି ଘଟଣାରେ ୩ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୨୦ ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ । ସେତେବେଳେ ସରକାର ତୁରନ୍ତ ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ବଦଳି କରି ଜନଅସନ୍ତୋଷକୁ ପ୍ରଶମିତ କରିଥିଲେ । ଉନ୍ନୟନ କମିଶନଙ୍କ ରିପୋର୍ଟ କିନ୍ତୁ ସରକାରଙ୍କ ମୁଖା ଖୋଲି ଦେଇଛି । ରାଜ୍ୟ କ୍ଷମତାରେ ଥିବା ନୂଆ ସରକାର, ଅନଭିଜ୍ଞ ଓ ଅପରିପକ୍ୱ । କିନ୍ତୁ ବାକ୍ୟବୀରଙ୍କ ବାକ୍‌ପଟୁତାରେ କେହି ତାଙ୍କ ସରି ହେବେନାହିଁ । ସମନ୍ୱିତ ନିୟନ୍ତ୍ରଣ କେନ୍ଦ୍ର(ଆଇସିସିସି )ର ଦାୟିତ୍ୱ ଥିଲା ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଏବଂ ଜରୁରୀସ୍ଥିତି ଓ ଭିଆଇପିଙ୍କ ଗସ୍ତକୁ ସୁନିୟୋଜିତ ଉପାୟରେ ପରିଚାଳନା କରିବା । ଅସଲ ସମୟରେ ଏହି ବ୍ୟବସ୍ଥା ଫସର ଫାଟି ଯାଇଥିଲା । ଆଇସିସିସିକୁ ସହାୟତା ଯୋଗାଇବା ସକାଶେ ଯେଉଁ ଯାନ୍ତ୍ରିକ ବ୍ୟବସ୍ଥା ଉପରେ ନିର୍ଭର କରାଯାଉଥିଲା ସେ ସବୁ ଥିଲା ନିମ୍ନମାନର । ଅଥଚ ସେସବୁରୁ ଉପଯୋଗିତା ସଂପର୍କରେ ଧାରଣା ନଥିବା ଲୋକେ ବଡ଼ ବଡ଼ କଥା କହି ରାଜ୍ୟବାସୀଙ୍କୁ ଭରସା ଦେଇଥିଲେ । ଏବର୍ଷ ପ୍ରଥମ ଥର ପାଇଁ ବ୍ୟବହୃତ ହୋଇଥିବା ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ସଂପୂର୍ଣ୍ଣ ଭାବେ ବିଫଳ ହୋଇଥିଲା । ସେହିଭଳି ଖଞ୍ଜାଯାଇଥିବା ସିସିଟିଭି ଭିଡ଼ ନିୟନ୍ତ୍ରଣ ପାଇଁ ଆଦୌ ଉପଯୋଗୀ ନଥିଲା । ଡ୍ରୋନ ମାଧ୍ୟମରେ ବ୍ୟବସ୍ଥାର ତଦାରଖ ଉଦ୍ୟମ ଅନ୍ୟ ଏକ ନିଷ୍ଫଳ ପ୍ରୟାସ । ଏହିସବୁ ସାଜ ସରଂଜାମ ଯୋଗାଇଥିବା ସଂସ୍ଥା (ଭେଣ୍ଡର) କୁ ରିପୋର୍ଟରେ କଳାତାଲିକାଭୁକ୍ତ କରିବାକୁ ପରାମର୍ଶ ଦିଆଯାଇଛି ।

ଏକଥା ସତ ଯେ ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପୁଲିସ ବାହିନୀର । ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଯାତ୍ରୀ ଭିଡ଼ ହେବାରେ କିଛି ଅସ୍ୱାଭାବିକ ନାହିଁ । ରଥ ସାମ୍ନାରେ ଯାତ୍ରୀଙ୍କ ପ୍ରବଳ ଭିଡ଼ ଲାଗି ରହିଥିବା ବେଳେ ଚାରମାଳ ଲଦା ଯାଇଥିବା ଟ୍ରକ ଧସେଇ ପଶି ଆସିଲା । ଏହି ଟ୍ରକର ପ୍ରବେଶ ଅନୁମତି ହିଁ ତଥାକଥିତ ବିଭ୍ରାଟ ପାଇଁ ଅନେକାଂଶରେ ଦାୟୀ । ଘଟଣାସ୍ଥଳରେ ଉପସ୍ଥିତ ଅଧିକାରୀ ଓ ନିୟନ୍ତ୍ରଣ କକ୍ଷ ମଧ୍ୟରେ ଯୋଗାଯୋଗ ନ ରହିବା ଅନ୍ୟତମ ପ୍ରମୁଖ କାରଣ । ଗୁଣ୍ଡିଚା ମନ୍ଦିର ସମ୍ମୁଖ ରଥରୁ ତିନିଠାକୁରଙ୍କ ବିଳମ୍ବିତ ପହଣ୍ଡି ବିଜେ ହେଉ ବା ଦାୟିତ୍ୱରେ ଥିବା ୭ ଜଣ ବିରଷ୍ଠ ପୁଲିସ୍ ଅଧିକାରୀଙ୍କ ଅନୁପସ୍ଥିତି ହେଉ ଦାୟିତ୍ୱ ନିର୍ବାହରେ ଗୁରୁତର ତ୍ରୁଟି ହୋଇଛି, ଯାହା ଅକ୍ଷମଣୀୟ । ତେଣୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସକାଶେ ତଦନ୍ତ ରିପୋର୍ଟରେ ପରାମର୍ଶ ଦିଆଯାଇଛି । ଗୃହ ବିଭାଗ ପକ୍ଷରୁ ଏ ସଂପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ । ରିପୋର୍ଟର ତଥ୍ୟ ଅନୁଯାୟୀ ରଥଯାତ୍ରା ସମୟରେ ଅତି ବେପରବାୟ ଢଙ୍ଗରେ କର୍ତ୍ତୃପକ୍ଷ କାର୍ଯ୍ୟନିର୍ବାହ କରିଛନ୍ତି । ୨୭୫ ଟି ଏଆଇ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଥିବାବେଳେ ୧୨୩ ଟି କ୍ୟାମେରା କାର୍ଯ୍ୟକ୍ଷମ ଥିଲା । କ୍ୟାମେରାଠାରୁ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ସମସ୍ତେ ଉପର ମୁହାଁ । ତେଣୁ ଯାତ୍ରୀ ଭିଡ଼ ଉପରେ ନଜର ରଖାଯାଇ ପାରିଲା ନାହିଁ । ଏପରିକି କିଛି କ୍ୟାମେରାରେ ନିୟନ୍ତ୍ରିଣ କକ୍ଷ ସହ ସଂଯୋଗ ନଥିଲା । ବଡ଼ ବଡ଼ ଏଲଇଡି ପ୍ୟାନେଲ ଓ ତଥାକଥିତ ଡ୍ରୋନର ମଧ୍ୟ ସଦୁପଯୋଗ ହୋଇପାରିନାହିଁ ।

ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ସକାଶେ ଯେଉଁ ଆଡ଼ମ୍ବରପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ଯେ ମିଛ ହାୱା ଏହା ପ୍ରମାଣିତ ହୋଇଛି ତଦନ୍ତ ରିପୋର୍ଟରୁ । ସରକାରଙ୍କୁ ମଧ୍ୟ ଏଥିରୁ ଶିକ୍ଷା ମିଳିଛି । ପଦାଧିକାରୀଙ୍କ ମିଛ ପ୍ରତିଶ୍ରୁତି ଉପରେ ନିର୍ଭର ନ କରି ତାହାର ଠିକଣା ଭାବେ ତଦାରଖ ନକଲେ ନିନ୍ଦା ଓ ଅପଯଶ ମୁଣ୍ଡାଇବାକୁ ପଡ଼ିବ । ●

## ନିଆଁ ସହ ଖେଳୁଛି ବାଂଲାଦେଶ



ତୀବ୍ର ଜନଆନ୍ଦୋଳନ ଓ ବିଦ୍ରୋହର ପୃଷ୍ଠଭୂମିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦେଶାନ୍ତର ପରେ ବାଂଲାଦେଶରେ ସୃଷ୍ଟ ଅରାଜକତାକୁ ଦୂର କରିବାରେ ନୋବେଲ୍ ପୁରସ୍କାର ପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ କାମଚଳା ସରକାର ଏ ପର୍ଯ୍ୟନ୍ତ ଆଶାନୁରୂପ ଅଗ୍ରଗତି ପରିପାରିନାହିଁ । ଏହାର ଫାଇଦା ଆମେରିକା ଓ ଚୀନ୍ ନେବାକୁ ଯେ ଚାହିଁ ବସିଛନ୍ତି ଏହା ୟୁନୁସ୍ ବୋଧହୁଏ ବୁଝିପାରୁନାହାନ୍ତି କିମ୍ବା ତାଙ୍କ ଭଳି ବିଜ୍ଞ ବୁଦ୍ଧିଜୀବୀଙ୍କ ପକ୍ଷରେ ମୌଳବାଦୀ ରାଜନୀତିର ଜଟିଳ ଅଙ୍କ ବୁଝିବା ସହଜ ହେଉନାହିଁ । ସେ ତାଙ୍କ ଜାଣ ଅଜାଣତରେ ବାଂଲାଦେଶର ଭବିଷ୍ୟତକୁ ଏକପ୍ରକାର ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେଉଛନ୍ତି । ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରଚ୍ଛନ୍ନ ଧମକ ହେଉ କିମ୍ବା ଚିକେନ୍ ନେକ୍ ଉପରେ ଆକ୍ରମଣ ଚେତାବନୀ ହେଉ କିମ୍ବା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଭାରତର ମୂଳଭୂଖଣ୍ଡଠାରୁ ସ୍ୱାଧୀନ କରିବା ଏବଂ ବଙ୍ଗୋପସାଗରରେ କେବଳ ଚୀନ୍‌ର ଅଧିକାର ରହିଛି ବୋଲି ୟୁନୁସ୍‌ଙ୍କ ବିବାଦୀୟ ମନ୍ତବ୍ୟ ହେଉ - ସେଥିରୁ ସେଠାକାର କାମଚଳା ସରକାରର ଭାରତ ବିରୋଧୀ ମନୋଭାବ ଓ ଚୀନ୍-ପାକିସ୍ତାନ ପ୍ରତି ବଶମ୍ବଦତା ପ୍ରମାଣିତ ହୋଇଛି । ଇସ୍‌ଲାମ୍ ମୌଳବାଦୀଙ୍କ ସଖିକଣ୍ଢେଇ ସାଜିଥିବା ବାଂଲାଦେଶର କାମଚଳା ସରକାରର ଏଭଳି ଅପକର୍ମ ଓ ଅଯୋଗ୍ୟତା ପାଇଁ ଖୁବ୍‌ଶୀଘ୍ର ବାଂଲାଦେଶକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ ।

ୟୁନୁସ୍ ଅପରିଣାଦର୍ଶୀ ଭାବେ ସାମରିକ ଓ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବାଂଲାଦେଶର ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେବାରେ କୁଣ୍ଠା ପ୍ରକାଶ କରୁ ନଥିବା ବେଳେ ନିକଟରେ ପାକିସ୍ତାନର ଏକ ଯୁଦ୍ଧଜାହାଜ ବଙ୍ଗୋପସାଗର ଉପକୂଳ ପାରି ହୋଇ ବାଂଲାଦେଶର ଚଟ୍ଟଗାଁରେ ପହଞ୍ଚିଛି । ଏଥିସହିତ ପାକିସ୍ତାନ ନୌସେନାର ଅନେକ ଉଚ୍ଚ ଅଧିକାରୀ ବାଂଲାଦେଶ ଆସିଛନ୍ତି । ବାଂଲାଦେଶର ନୌସେନା ଚୀନ୍ ନିର୍ମିତ ଏହି ଯୁଦ୍ଧଜାହାଜକୁ ବିପୁଳ ସ୍ୱାଗତ କରିଛି । ପ୍ରାୟ ୫୦ ବର୍ଷ ପରେ ପାକିସ୍ତାନ ସହିତ ଏଭଳି ସାମରିକ ସମ୍ପର୍କ ବୃଦ୍ଧି ଜରିଆରେ ବାଂଲାଦେଶ ଭାରତକୁ ପରାଭବ ଦେବା ପାଇଁ ଷଡ଼ଯନ୍ତ୍ର କରିପାରୁଥାଇପାରେ । କିନ୍ତୁ ନିଆଁ ସହିତ ଖେଳିଲେ ପରାଭବ କ'ଣ ହୁଏ ତାହା ବୋଧହୁଏ ୟୁନୁସ୍‌ଙ୍କୁ ୧୯୭୧ ମସିହାରେ ପାକିସ୍ତାନ ସେନାର ବର୍ବରତା ବିଷୟରେ ବିଶ୍ୱ ସମୁଦାୟ ସ୍ମରଣ କରିବା ଆବଶ୍ୟକ ନୁହେଁ । ପାକିସ୍ତାନ-ବାଂଲାଦେଶ ବନ୍ଧୁତ୍ୱକୁ ତ୍ୱରାନ୍ୱିତ କରିବା ଏହାପଛର କାରଣ ବୋଲି ବାଂଲାଦେଶ ପକ୍ଷରୁ କୁହାଯାଉଥିଲେ ହେଁ ପ୍ରଚ୍ଛନ୍ନ କାରଣ ବିଷୟରେ ପ୍ରାୟ ବିଶ୍ୱବାସୀ ଜାଣିଛନ୍ତି । ଭାରତକୁ ପରାଭବ ଦେବା ଲକ୍ଷ୍ୟରେ ବାଂଲାଦେଶର ଚୀନ୍ ଓ ପାକିସ୍ତାନକୁ ଏଭଳି ଅକୁଣ୍ଠ ସମର୍ଥନ ନିଆଁ ସହିତ ଖେଳିବା ଭଳି । ଏହା ୟୁନୁସ୍ ଯେତେଶୀଘ୍ର ବୁଝିବେ ତାହା ତାଙ୍କ ଦେଶ ସହିତ ଭାରତ ପାଇଁ ଶୁଭଙ୍କର । ବାଂଲାଦେଶ ପୁଣି ପୂର୍ବ-ପାକିସ୍ତାନ ନାମ ଫେରି ପାଇବା ପୂର୍ବରୁ ୟୁନୁସ୍‌ଙ୍କ ଚେତନା ଉଦୟ ହେବା ଆବଶ୍ୟକ ।

ଭୂ-ରାଜନୈତିକ ଦୃଷ୍ଟିକୋଣରୁ ଦକ୍ଷିଣ-ଏସିଆ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ବାଂଲାଦେଶର ଭୌଗୋଳିକ ଅବସ୍ଥିତି ଆମେରିକା ପାଇଁ ଗୁରୁତ୍ୱପୂର୍ଣ୍ଣ । ସେଠାରେ ନୌସେନା ଘାଟି ସ୍ଥାପନ କରି ଦକ୍ଷିଣ-ଚୀନ୍ ସାଗର ଓ ତାଇୱାନ୍ ଉପରେ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବାକୁ ଆମେରିକା ସଦା ଚେଷ୍ଟିତ । ଏଥିପାଇଁ ଆମେରିକା ଦେଇଥିବା ପ୍ରସ୍ତାବକୁ ଯଦି ହସିନା ଗ୍ରହଣ କରି ନେଇଥା'ନ୍ତେ ତେବେ ତାଙ୍କୁ ଗାଦିଚ୍ୟୁତ ହେବାକୁ ପଡ଼ି ନଥା'ନ୍ତା । ବାଂଲାଦେଶର ଅସ୍ଥିରତା ଓ ଏଥିରେ ଆମେରିକା-ପାକିସ୍ତାନର ପ୍ରଚ୍ଛନ୍ନ ଭୂମିକା ପୃଷ୍ଠଭୂମିରେ ଚୀନ୍ ମଧ୍ୟ ବାଂଲାଦେଶକୁ ହାତଛଡ଼ା କରିବାକୁ ଚାହୁଁନାହିଁ । ଇତିମଧ୍ୟରେ ଚୀନ୍ ସହିତ ଆମେରିକାର ବାଣିଜ୍ୟ ଯୁଦ୍ଧ ପ୍ରମଶିତ ହେବା ସ୍ଥିତିକୁ ଆସିଯାଇଛି । ତେଣୁ ଆମେରିକା-ଚୀନ୍-ପାକିସ୍ତାନ ବାଂଲାଦେଶକୁ ସାମରିକ ଉପନିବେଶ କରିବାର ସମ୍ଭାବନା ଉଜ୍ଜ୍ୱଳ ।

କାମଚଳା ଶାସନ ମୁଖ୍ୟ ୟୁନୁସ୍ ଜଣେ ଭଦ୍ର ଓ ଜ୍ଞାନୀ ବ୍ୟକ୍ତି । କିନ୍ତୁ ବୁଦ୍ଧିଜୀବୀର ଦୁନିଆ ରାଜନୀତିର ଦୁନିଆଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ସେ ଖୁବ୍‌ଶୀଘ୍ର ଆମେରିକା, ଚୀନ୍ ଓ ପାକିସ୍ତାନର ଜାଲରେ ଫସିଗଲେ । ତେଣୁ ୟୁନୁସ୍ ଯେ ଆଗାମୀ ଦିନରେ ବାଂଲାଦେଶରେ ଢାଞ୍ଚାଗତ ସଂସ୍କାର ଏବଂ ନୀତି ନିର୍ଦ୍ଧାରଣରେ ଅନେକ ସମସ୍ୟାର ସମ୍ମୁଖୀନ ହେବେ ଏହା ଏବେଠାରୁ ଜଳଜଳ ଦିଶିଲାଣି । ବାଂଲାଦେଶରେ ଯାହା ଘଟୁଛି ତାହା ସେହି ଦେଶର ଆଭ୍ୟନ୍ତରୀଣ ବ୍ୟାପର; କିନ୍ତୁ ତା'ର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ଯାହା ଘଟିବାକୁ ଯାଉଛି ତାହା ଭାରତ ପାଇଁ ଆଦୌ ଶୁଭଙ୍କର ନୁହେଁ ।

ପ୍ରଥମତଃ, ଭାରତ ସହିତ ବାଂଲାଦେଶ ସୀମାନ୍ତ ସବୁଠାରୁ ଦୀର୍ଘ ୪୦୯୬ କିମି, ଯାହା ଉନ୍ମୁକ୍ତ । ଏଣୁ ସେଠାରେ ଯେକୌଣସି ଅଶାନ୍ତି, ଅସ୍ଥିରତା, ଅରାଜକତା ସୃଷ୍ଟି ହେଲେ ଅନୁପ୍ରବେଶକାରୀଙ୍କ ସମେତ ବିଭିନ୍ନ ସଶସ୍ତ୍ର ଉଗ୍ରବାଦୀ ସଂଗଠନର କାର୍ଯ୍ୟକଳାପ ଭାରତରେ ବୃଦ୍ଧି ପାଇବା ନିଶ୍ଚିତ । ଭୌଗୋଳିକ ଅବସ୍ଥିତି ଦୃଷ୍ଟିକୋଣରୁ ବାଂଲାଦେଶ ବାତ୍ୟା, ମରୁଡ଼ି, ଚାଷଜମିରେ ଲୁଣା ମାଡ଼ିଯିବା ଆଦି ପ୍ରାକୃତିକ ଦୁର୍ବିପାକରେ ଗୁରୁତର ପ୍ରଭାବିତ ଦେଶ । ତେଣୁ ସେଠାରେ ସାମାନ୍ୟତମ ବିପର୍ଯ୍ୟୟରେ ଭାରତ ଉପରେ ଅନୁପ୍ରବେଶ ସମସ୍ୟା ବୋଝ ଆହୁରି ବଢ଼ିବ । ଭାରତ ବିରୋଧୀ ଆଭିମୁଖ୍ୟରେ ଚୀନ୍ ଓ ପାକିସ୍ତାନ ବାଂଲାଦେଶର ମୌଳବାଦୀ ଉଗ୍ର ସଂଗଠନଗୁଡ଼ିକୁ ଆର୍ଥିକ ଓ ସାମରିକ ସହାୟତା ଓ ସମର୍ଥନ ଯୋଗାଇ ଆସୁଛନ୍ତି । ବାଂଲାଦେଶର ଅର୍ଥନୀତି ଗୁରୁତର ଚାପରେ ରହିଛି । କୃଷି, ଶିଳ୍ପ ଗୁରୁତର ପ୍ରଭାବିତ ହୋଇଥିବାରୁ ବେକାରୀ ସମସ୍ୟା ଉତ୍କଟ ହୋଇଛି । ଏଥିରୁ ଚୀନ୍ ଫାଇଦା ଉଠାଇବା ବିଚିତ୍ର ନୁହେଁ ।

ବାଂଲାଦେଶର ଅସ୍ଥିରତା ଭାରତକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଭୂରାଜନୈତିକ, କୂଟନୈତିକ, ଅର୍ଥନୈତିକ, ଆଭ୍ୟନ୍ତରୀଣ ସୁରକ୍ଷା, ସାର୍ବଭୌମ ଓ ଅଖଣ୍ଡତା ଦୃଷ୍ଟିରୁ ପ୍ରଭାବିତ କରିବା ନିଶ୍ଚିତ । ଉତ୍ତର-ପୂର୍ବ ଭାରତୀୟ ରାଜ୍ୟ ସହିତ ମୂଳ ଭୂଖଣ୍ଡକୁ ସଂଯୋଗ ପଥ(ଚିକେନ୍ ନେକ୍)ଅଧିକ ବିପଦସଂକୁଳ ହୋଇପଡ଼ିବ । ଏହାଦ୍ୱାରା ଉତ୍ତର-ପୂର୍ବ ରାଜ୍ୟ ମଣିପୁର, ତ୍ରିପୁରା, ମେଘାଳୟ ଓ ଆସାମ ସୀମା ଦେଇ ଆତଙ୍କବାଦୀ, ଡ୍ରଗ୍ସ, କଳା ଟଙ୍କା ଓ ବେଆଇନ କାରବାର ଭାରତରେ ବଢ଼ିବାର ଆଶଙ୍କା ଅଧିକ । ଯଦି ସେଠାରେ ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ବିଏନ୍‌ପି ନେତ୍ରୀ ଖଲିଦା ଜିଆ କିମ୍ବା ଜମାତ୍ ଏ ଇସ୍‌ଲାମ୍ ନେତା ସଫିକ୍ ଉର ରହମାନ୍ ଶାସନ କ୍ଷମତାକୁ ଆସନ୍ତି ତେବେ ସେମାନେ ଯଥାକ୍ରମେ ଚୀନ୍ ଓ ପାକିସ୍ତାନର ଇଙ୍ଗିତରେ ଭାରତରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବାର ଆଶଙ୍କା ରହିଥିବା ବେଳେ ବାଂଲାଦେଶର ଶାନ୍ତି ଓ ସ୍ଥିରତା ମଧ୍ୟ ବ୍ୟାଘାତ ହେବ ।

ଏବେ ୟୁନୁସ୍‌ଙ୍କ ଆଗରେ ମୁଖ୍ୟ ଆହ୍ୱାନ ରହିଛି ସେ ଦେଶରେ ନୀତିଗତ ସଂସ୍କାର ଏବଂ ଗଣତାନ୍ତ୍ରିକ ସରକାରର ପ୍ରତିଷ୍ଠା । ପାକିସ୍ତାନ ଓ ଚୀନ୍ କୋଳରେ ବସିଲେ ତାହା ଆଦୌ ସମ୍ଭବ ନୁହେଁ । କିନ୍ତୁ ଏ କଥା ୟୁନୁସ୍‌ଙ୍କୁ ବୁଝାଇବ କିଏ? ଓଡ଼ିଆରେ ଗୋଟେ ଢଗ ଅଛି - ନିଆଁ ଗିଳିଲେ ଅଙ୍ଗାର ବାହାରିବ । ଏବେ ପାକିସ୍ତାନ ରୂପୀ ଯେଉଁ ନିଆଁକୁ ୟୁନୁସ୍ ଗଳାହାର କରିଛନ୍ତି ତାହାର ପରାଭବ ବୁଝିବା ବେଳକୁ ବାଂଲାଦେଶର ରାଜନୀତି, ଅର୍ଥନୀତି, ଶାନ୍ତି, ସ୍ଥିରତା, ଗଣତନ୍ତ୍ର ଅଙ୍ଗାର ପାଲଟି ଯାଇଥିବ । ●

(ସକାଳ ମିଡିଆ ସର୍ଭିସ୍)

## କ୍ୱାଣ୍ଟମ୍ କମ୍ପ୍ୟୁଟିଂ: ଆଶା ଓ ଆହ୍ୱାନ

ଡ. ଗୌରୀ ଶଙ୍କର ତ୍ରିପାଠୀ

୨୦୨୫ କ୍ୱାଣ୍ଟମ୍ ମେକାନିକ୍ସର ପ୍ରଥମ ୧୦୦ ବର୍ଷ । ଏକ ବିରାଟ ମାଇଲଖୁଣ୍ଟ । କ୍ୱାଣ୍ଟମ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଅନ୍ତର୍ଜାତୀୟ ବର୍ଷ (ଆଇୱାଇକ୍ୟୁ) ରେ ବହୁତ କିଛି ଲେଖାଯାଇଛି । ତଥାପି ମୁଁ କ୍ୱାଣ୍ଟମ୍ ପ୍ରଯୁକ୍ତିର ଏକ ନିର୍ଦ୍ଦିଷ୍ଟ ଅଂଶ, ଅର୍ଥାତ୍ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଉପରେ ଏହି ଆଲେଖ୍ୟରେ କିଞ୍ଚିତ ଆଲୋଚନା କରିବାକୁ ଚାହେଁ ।

ଲୋକମାନେ ନିଶ୍ଚିତ ଭାବରେ କ୍ୱାଣ୍ଟମ୍ କମ୍ପ୍ୟୁଟରକୁ ଭଲ କାମ କରିବା ପାଇଁ ବ୍ୟବହାର କରୁଛନ୍ତି ଏବଂ ନିଶ୍ଚିତ ଭାବରେ ଏଗୁଡ଼ିକ ଖୁବ୍‌ଶୀଘ୍ର ଶାସ୍ତ୍ରୀୟ କମ୍ପ୍ୟୁଟର ପରି ସାଧାରଣ ହୋଇଯିବ । କିନ୍ତୁ ପ୍ରକୃତରେ ଅବସ୍ଥା କ'ଣ, ତାହାର ଏକ ସ୍ପଷ୍ଟ ଚିତ୍ର ଏବେବି ଅସ୍ପଷ୍ଟ । ଆମେ ଏ କ୍ଷେତ୍ରରେ ଆହୁରି ଅଗ୍ରଗତି କରିବା ପୂର୍ବରୁ ମନେ ପକାଇବା ଉଚିତ ଯେ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଅନେକ ପ୍ରମୁଖ କ୍ୱାଣ୍ଟମ୍ ଗୁଣଧର୍ମ ଉପରେ ନିର୍ଭର କରେ, ଯେଉଁଥିରେ ସୁପରପୋଜିସନ୍ ଅନ୍ତର୍ଭୁକ୍ତ । ଏହା କ୍ୱାଣ୍ଟମ୍ ବିଟ୍ କିମ୍ବା କ୍ୟୁବିଟ୍ ସୃଷ୍ଟି କରେ । କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଡ଼ିତ ହେବାର ଧାରଣା (ଏନଟାଙ୍ଗଲମେଣ୍ଟ), ଯାହା ଦ୍ୱାରା ଦୁଇ କିମ୍ବା ଅଧିକ କ୍ୟୁବିଟ୍ ମଧ୍ୟରେ ସମନ୍ୱୟ ସ୍ଥାପନ ହୁଏ । ଏହା କ୍ୟୁବିଟ୍‌ଗୁଡ଼ିକୁ କ୍ୱାଣ୍ଟମ୍ ସୂଚନା ପ୍ରଣାଳୀକୁ ଅନ୍ତର୍ଭୁକ୍ତ କରେ ।

ଏକ ଅତ୍ୟନ୍ତ ସହବନ୍ଧିତ ବ୍ୟବସ୍ଥାରେ କ୍ୱାଣ୍ଟମ୍ କମ୍ପ୍ୟୁଟର ଏକକାଳୀନ ଅନେକ ପଥ ଅନୁସନ୍ଧାନ କରିପାରିବ । ଏହି ବୃହଦାକାର ସମାନ୍ତରାଳ ପ୍ରକ୍ରିୟାକରଣ ଦ୍ୱାରା କ୍ୱାଣ୍ଟମ୍ କମ୍ପ୍ୟୁଟର ଏକ ଶାସ୍ତ୍ରୀୟ କମ୍ପ୍ୟୁଟର ଅପେକ୍ଷା କିଛି ସମସ୍ୟାକୁ ଅତି ଦ୍ରୁତ ଗତିରେ ସମାଧାନ କରିପାରେ । କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ଅନ୍ୟ ଏକ ପ୍ରମୁଖ ପ୍ରଣାଳୀ ହେଉଛି କ୍ୱାଣ୍ଟମ୍ ହସ୍ତକ୍ଷେପ (ଇଣ୍ଟରଫେରେନ୍ସ) । କ୍ୱାଣ୍ଟମ୍ କମ୍ପ୍ୟୁଟିଂରେ କ୍ୱାଣ୍ଟମ୍ ହସ୍ତକ୍ଷେପ ଗୁରୁତ୍ୱପୂର୍ଣ୍ଣ । କାରଣ ଏହା କ୍ୱାଣ୍ଟମ୍ ଆଲଗୋରିଦମରେ ସଠିକ୍ ଉତ୍ତରର ସମ୍ଭାବନାକୁ ବୃଦ୍ଧି କରେ ଏବଂ ଭୁଲ ଉତ୍ତରଗୁଡ଼ିକୁ ଦମନ କରେ, ଯାହା ଗଣନାକୁ ବହୁତ ଦ୍ରୁତ କରିଥାଏ । ସୁପରପୋଜିସନ୍ ଓ ଜଡ଼ିତ କରିବା ସହିତ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଏକାଥରେ ବିପୁଳ ସଂଖ୍ୟକ ସମ୍ଭାବନାକୁ ପ୍ରକ୍ରିୟାକରଣ ଓ ସଂରକ୍ଷଣ କରିପାରିବ । ସର୍ବୋତ୍ତମ ସୁପର କମ୍ପ୍ୟୁଟର ପକ୍ଷରେ ମଧ୍ୟ ଏହା ସମ୍ଭବ ନୁହେଁ ।

ଯଦିଓ ଏହି ସବୁ ଉତ୍ସାହଜନକ ଲାଗୁଛି, ଏପର୍ଯ୍ୟନ୍ତ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକର ସଫଳତା ଅସ୍ପଷ୍ଟ । ଏହା ସ୍ପଷ୍ଟ ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ବାସ୍ତବ ଦୁନିଆରେ ନିୟୋଜିତ ହେବା ପାଇଁ ପ୍ରସ୍ତୁତ ନୁହନ୍ତି । ସମ୍ପୂର୍ଣ୍ଣ ଉପଲବ୍ଧ ହେବା ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିବାକୁ ପଡ଼ିବ । ତଥାପି ଏହା ଦେଖାଯାଉଛି ଯେ କ୍ୱାଣ୍ଟମ୍ କମ୍ପ୍ୟୁଟିଂର ଦୃଢ଼ତା ହେଉଛି ଏହାର ଦୁର୍ବଳତା । ଯୋଉ କ୍ୱାଣ୍ଟମ୍ ଗୁଣଗୁଡ଼ିକ ଯଥା ସୁପରପୋଜିସନ୍, ଏନଟାଙ୍ଗଲମେଣ୍ଟ ଏବଂ ଇଣ୍ଟରଫେରେନ୍ସ- ଏହାକୁ ଏତେ ଶକ୍ତିଶାଳୀ କରେ, ସେମାନଙ୍କ ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ କରିବା ମଧ୍ୟ ଅତ୍ୟନ୍ତ କଷ୍ଟକର । କ୍ୟୁବିଟ୍‌ଗୁଡ଼ିକ ସେମାନଙ୍କର ପାରିପାର୍ଶ୍ୱିକ ପରିବେଶ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ । ସେଥିପାଇଁ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକୁ ସଠିକ୍ ଗଣନା ପାଇଁ ଆବଶ୍ୟକ କ୍ୱାଣ୍ଟମ୍ ଅବସ୍ଥା ବଜାୟ ରଖିବା ପାଇଁ ବିଶେଷ ଏବଂ ପ୍ରାୟତଃ କ୍ରାୟୋଜେନିକାଲି-ନିୟନ୍ତ୍ରିତ ପରିବେଶ ଆବଶ୍ୟକ । ତେଣୁ ଅନେକ ପରସ୍ପର ସହିତ ଜଡ଼ିତ କ୍ୟୁବିଟ୍ ସହିତ ଏକ କ୍ୱାଣ୍ଟମ୍ ସିଷ୍ଟମ୍ ନିର୍ମାଣ କରିବା ଏକ ମହଙ୍ଗା ଏବଂ ଜଟିଳ ଯାନ୍ତ୍ରିକ ଆହ୍ୱାନ । କ୍ୱାଣ୍ଟମ୍ ସିଷ୍ଟମ୍ ପାଇଁ ସଫ୍ଟୱେର୍ ଏବଂ ଆଲଗୋରିଦମର ବିକାଶ ନିମନ୍ତେ ଆବଶ୍ୟକ ଉପକରଣ ଓ ଫ୍ରେମୱାର୍କର ଅତ୍ୟନ୍ତ ଅଭାବ ଅଛି ।

ଏତେ ବିପୁଳ ପରିମାଣର କାମର ଆବଶ୍ୟକତା ସତ୍ତ୍ୱେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ପୂର୍ବରୁ କିଛି ଆଶ୍ଚର୍ଯ୍ୟଜନକ ସମ୍ଭାବନା ପ୍ରଦର୍ଶନ କରିସାରିଛନ୍ତି । ଉଦାହରଣ ସ୍ୱରୂପ, ଆମେରିକୀୟ ଫାର୍ମ ଡି-ୱେଭ୍ ଏହି ବର୍ଷ ଆରମ୍ଭରେ ଦାବି କରିଥିଲା ଯେ ସେମାନେ କ୍ୱାଣ୍ଟମ୍ ଚୁମ୍ବକୀୟ ପର୍ଯ୍ୟାୟ ପରିବର୍ତ୍ତନ(କ୍ୱାଣ୍ଟମ ମାଗ୍ନେଟିକ ଫେଜ ଟ୍ରାଞ୍ଜିସନ)ର ସିମୁଲେସନ୍ କରିଛନ୍ତି, ଯାହା ସବୁଠାରୁ ଶକ୍ତିଶାଳୀ ଶାସ୍ତ୍ରୀୟ ଡିଭାଇସ୍ ଦ୍ୱାରା ସମ୍ଭବ ହେବ ନାହିଁ । ଯଦି ସତ୍ୟ, ତେବେ ଏହା ପ୍ରଥମ ଥର ପାଇଁ ଏକ କ୍ୱାଣ୍ଟମ୍ କମ୍ପ୍ୟୁଟରର ଏକ ବ୍ୟବହାରିକ ସଫଳତା ବୋଲି ଧରା ହେବ । କ୍ୟୁବିଟ୍ ସ୍ଥିରତା ସମସ୍ୟାର ସମାଧାନ ପାଇଁ ସାରା ବିଶ୍ୱରେ ବହୁତ ଗବେଷଣା ଓ ବିକାଶ ଚାଲିଛି । କୌଣସି ପର୍ଯ୍ୟାୟରେ ଦୃଢ଼ ଓ ନିର୍ଭରଯୋଗ୍ୟ କ୍ୱାଣ୍ଟମ୍ କମ୍ପ୍ୟୁଟର ସ୍ଥାପତ୍ୟ ପାଇଁ ଏକ ଯୁଗାନ୍ତକାରୀ ଡିଜାଇନ୍ ହେବାର ସମ୍ଭାବନା ଅଛି । ପ୍ରଚ୍ଛଦପଟରେ ବର୍ତ୍ତମାନ ବହୁତ ବୈଷୟିକ ଉନ୍ନତି ଘଟୁଛି ।

ବିଶ୍ୱାସ କରାଯାଉଛି ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଶାସ୍ତ୍ରୀୟ କମ୍ପ୍ୟୁଟରଗୁଡ଼ିକୁ ବଦଳାଇବ ନାହିଁ, ଅତି କମରେ ପ୍ରାରମ୍ଭିକ ଭାବରେ ନୁହେଁ, ବରଂ ସେମାନଙ୍କ ସହିତ କାମ କରିବ । କାରଣ ପ୍ରତ୍ୟେକର ନିଜସ୍ୱ ଆପେକ୍ଷିକ ଶକ୍ତି ଅଛି । କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଔଷଧ ଆବିଷ୍କାର, ସାମଗ୍ରୀ ବିଜ୍ଞାନ, ଆର୍ଥିକ ମଡେଲିଂ, ଜଟିଳ ଅପ୍ଟିମାଇଜେସନ୍ ସମସ୍ୟା ଏବଂ ବର୍ଦ୍ଧିତ ବଡ଼ କୃତ୍ରିମ ବୁଦ୍ଧିମତ୍ତା ଏବଂ ମେସିନ୍-ଶିକ୍ଷଣ ମଡେଲ ଭଳି ନିର୍ଦ୍ଦିଷ୍ଟ ଏବଂ ଅତ୍ୟନ୍ତ ଦାବିପୂର୍ଣ୍ଣ (ଡିମାଣ୍ଡିଙ୍ଗ ) କମ୍ପ୍ୟୁଟେସନାଲ କାର୍ଯ୍ୟ ପାଇଁ ଉପଯୁକ୍ତ ହେବ । ଏଗୁଡ଼ିକ ସମସ୍ତ ଶାସ୍ତ୍ରୀୟ କମ୍ପ୍ୟୁଟର ସମ୍ବଳର ସୀମା ବାହାରେ । ଶାସ୍ତ୍ରୀୟ କମ୍ପ୍ୟୁଟରଗୁଡ଼ିକ ୱେବ୍ ବ୍ରାଉଜିଂ, ୱାର୍ଡ ପ୍ରୋସେସିଂ ଏବଂ ଡାଟାବେସ୍ ପରିଚାଳନା ଭଳି ଦୈନନ୍ଦିନ କାର୍ଯ୍ୟ ପାଇଁ ପ୍ରାସଙ୍ଗିକ ରହିବ ଏବଂ କ୍ୱାଣ୍ଟମ୍ ସିଷ୍ଟମ ଦ୍ୱାରା ଆବଶ୍ୟକ ତଥ୍ୟ ପ୍ରସ୍ତୁତି, ଭିଜୁଆଲାଇଜେସନ୍ ଏବଂ ତ୍ରୁଟି ସଂଶୋଧନ ପରିଚାଳନା ପାଇଁ ଅତ୍ୟାବଶ୍ୟକ ହେବ ।

ଶେଷରେ, ଏଠାରେ ଉଲ୍ଲେଖ କରିବା ପାଇଁ ଗୋଟିଏ ବିଶେଷ କଥା ରହିଛି । ତାହା ହେଉଛି ସାଇବର ସୁରକ୍ଷା । କ୍ୱାଣ୍ଟମ୍ କମ୍ପ୍ୟୁଟିଂ ବର୍ତ୍ତମାନର ଏନକ୍ରିପ୍ସନ୍ ପଦ୍ଧତି ପାଇଁ ଏକ ବଡ଼ ବିପଦ ସୃଷ୍ଟି କରେ, ଯାହା ବହୁଳ ଭାବରେ ବ୍ୟବହୃତ ପବ୍ଲିକ୍-କୀ କ୍ରିପ୍ଟୋଗ୍ରାଫିକୁ ଦୁର୍ବଳ କରିବାର ଆଶଙ୍କା ରଖେ । ଏହା ଚିନ୍ତାର ବିଷୟ ଯେ ଆଜିକାଲି ହ୍ୟାକର୍ସମାନେ ଭବିଷ୍ୟତର କ୍ୱାଣ୍ଟମ୍ ଡିକ୍ରିପ୍ସନ୍ ଆଶାରେ ସେମାନଙ୍କର ଚୋରି ହୋଇଥିବା ତଥ୍ୟ ସଂରକ୍ଷଣ କରୁଛନ୍ତି । ଏହା ସତ୍ତ୍ୱେ ଆମେ ଆଶା କରିପାରିବା ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରର ଭବିଷ୍ୟତ ଉଜ୍ଜ୍ୱଳ । ●

(ପୂର୍ବତନ ପ୍ରାଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

## ମାଇକ୍ରୋଓଏଭ ଚୁଲିର ଭଲ-ମନ୍ଦ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ବିଶେଷ କରି ସହରାଞ୍ଚଳମାନଙ୍କରେ ମାଇକ୍ରୋଓଏଭ ଚୁଲି ପ୍ରାୟ ଘରେ ଘରେ ବ୍ୟବହାର ହେଉଛି । ଦିନକୁ ଦିନ ଏହାର ଚାହିଦା ବଢ଼ିବାରେ ଲାଗିଛି । ଏଥିରେ ରନ୍ଧନ ସହଜ ଓ ପରିଷ୍କାର ରହୁଥିବାରୁ ଆଦର ବଢ଼ୁଚି । କିନ୍ତୁ ଏହାର ଭଲ ଗୁଣ ଯେତିକି, ମନ୍ଦ ଗୁଣ ତା'ଠାରୁ ନିହାତି କମ ନୁହେଁ ବୋଲି ବୈଜ୍ଞାନିକମାନେ ମତ ଦେଲେଣି ।

ମାଇକ୍ରୋଓଏଭ ଚୁଲିର ଉଦ୍ଭାବନ କରିଥିଲେ ଆମେରିକାର ପ୍ରସିଦ୍ଧ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତ ଓ ଯୋଗାଣକାରୀ କମ୍ପାନୀର ପ୍ରଯୁକ୍ତି ବିଜ୍ଞାନୀ ପର୍ସି ସ୍ପେନସର । ତପ୍ରରେ ଏ କମ୍ପାନୀ ୧୯୪୬ ମସିହାରେ ମାଇକ୍ରୋଓଏଭ ରନ୍ଧନ ପଦ୍ଧତିକୁ ସ୍ୱାଧିକାର ଭୁକ୍ତ (ପାଟେଣ୍ଟ) କଲା ଏବଂ ୧୯୪୭ ଦଶକର ପ୍ରାରମ୍ଭରେ ଲିଟନ୍ ନାମକ ଅନ୍ୟ ଏକ କମ୍ପାନୀ ଏହାର ସତ୍ତ୍ୱାଧିକାର କ୍ରୟ କରି ଆଧୁନିକ ମାଇକ୍ରୋଓଏଭ୍ ଚୁଲିମାନ ତିଆରି କରି ବଜାରକୁ ଛାଡ଼ିଲା । ଏ ଚୁଲିରେ ରନ୍ଧନ ଆନେକ ଦୃଷ୍ଟିରୁ ସୁବିଧାଜନକ । ପ୍ରଥମତଃ, ଏହା ପାରମ୍ପରିକ ପଦ୍ଧତିଗୁଡ଼ିକ ଠାରୁ କମ୍ ସମୟ ନିଏ ଏବଂ ସେଥିପାଇଁ କମ୍ ଶକ୍ତି ଆବଶ୍ୟକ କରେ । ପୁନଶ୍ଚ ଏଥିରେ ପ୍ରସ୍ତୁତ ଖାଦ୍ୟରେ ଥିବା ବିବଧ ପୁଷ୍ଟିକର । ବିଶେଷକରି, ପ୍ରୋଟିନ ଓ ଭିଟାମିନ୍ ଏହିପ୍ରକାର ରନ୍ଧନ ପ୍ରଣାଳୀରେ ସୁରକ୍ଷିତ ରହେ । ଏପରିକି ଏଥିରେ ଖାଦ୍ୟକୁ ବାରମ୍ବାର ଗରମ କଲେ ମଧ୍ୟ ତାର ପୌଷ୍ଟିକମାନ ବିଶେଷ ପ୍ରଭାବିତ ହୁଏ ନାହିଁ ।

ତେବେ ଏ ରନ୍ଧନର କେତେକ ନକାରାତ୍ମକ ଦିଗ ଥିବା କଥା ବୈଜ୍ଞାନିକମାନେ ସୂଚୀତ କଲେଣି । ତଦନୁଯାୟୀ ଏଥିରେ ଖାଦ୍ୟ ଅଳ୍ପ ସମୟ ପାଇଁ ଗରମ କରାଯାଉଥିବାରୁ ତାହା ଅସମାନ ହୁଏ । ଅଧିକାଂଶ ସମୟରେ ଆମେ ଏଥିରେ ଆଗରୁ ପ୍ରସ୍ତୁତ ଖାଦ୍ୟକୁ ପୁନର୍ବାର ଗରମ କରି ଖାଇଥାଉ । ସେଥିରେ ଜୀବାଣୁ ସମେତ କିଛି ସୂକ୍ଷ୍ମଜୀବ ବଢ଼ି ପାରିଥା'ନ୍ତି । ଅସମାନ ଗରମ ସେଗୁଡ଼ିକୁ ମାରି ପାରେ ନାହିଁ । ପୁନଶ୍ଚ ମାଇକ୍ରୋଓଏଭ ଚୁଲିରେ ବାରମ୍ବାର ପ୍ରକ୍ରିୟାକରଣ ଖାଦ୍ୟରେ କିଛି ଅଜଣା ଉପଜାତ ପଦାର୍ଥ ସୃଷ୍ଟି କରିପାରେ ବୋଲି କୁହାଯାଉଛି । ଏଗୁଡିକୁ ଆମ ଚୟାପ୍ରନ (ମେଟାବୋଲିଜିମ୍) ପ୍ରକ୍ରିୟା ବିଭାଜିତ କରିପାରେ ନାହିଁ । ଏହା ଆମ ମସ୍ତିଷ୍କର ସ୍ନାୟୁତନ୍ତୁଗୁଡ଼ିକୁ କ୍ଷତି ପହଞ୍ଚାଇ ପାରନ୍ତି । ଏହାବ୍ୟତୀତ ଏଥିରେ ରନ୍ଧା ହେଲେ ପନିପରିବାରେ ଥିବା ଖଣିଜ ଲବଣଗୁଡ଼ିକ କର୍କଟ ରୋଗକାରୀ ମୁକ୍ତ ମୂଳକ (ଫ୍ରି-ରାଡିକାଲସ୍)ରେ ପରିଣତ ହୋଇପାରନ୍ତି । ସେହିପରି ଏତଦ୍ୱାରା ଖାଦ୍ୟର ଅନ୍ୟାନ୍ୟ ପୁଷ୍ଟିକାରକ ଅଣୁଗୁଡ଼ିକର ସଂରଚନା ବଦଳି ସେମାନେ ଭିନ୍ନ ରୂପ ନେଇପାରନ୍ତି, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ।

ତେବେ ବର୍ତ୍ତମାନ ମାଇକ୍ରୋଓଏଭ ଚୁଲି ଆମର ଏକ 'ଅତ୍ୟାବଶ୍ୟକ ହାନିକାରୀ'ରେ ପରିଣତ ହୋଇଛି । ଏଣୁ ଏହାକୁ ଆଉ ପରିତ୍ୟାଗ କରିବା ସମ୍ଭବପର ନୁହେଁ । ଏପରିସ୍ଥଳେ ତାହା ବ୍ୟବହାର କଲାବେଳେ କେତେକ ପ୍ରତିକାର ପଦକ୍ଷେପ ନିର୍ଦ୍ଧାରଣ କରାଯାଇଛି । ସେଗୁଡ଼ିକ ହେଲା ଖାଦ୍ୟ ପଦାର୍ଥଗୁଡ଼ିକୁ ସମାନଭାବେ ଛୋଟ ଛୋଟ କରି କାଟିଲେ ଏଥିଷର ଭଲ ରାନ୍ଧି ହୁଏ । କାରଣ ସେଥିମଧ୍ୟକୁ ମାଇକ୍ରୋଓଏଭ ତରଙ୍ଗ ସମାନ ଭାବେ ପ୍ରବେଶ କରେ । ଏଥିରୁ ଜୀବାଣୁ ନଷ୍ଟ ହୋଇଯାଆନ୍ତି । ଏଥିରେ ବ୍ୟବହୃତ ରନ୍ଧନ ପାତ୍ର କାଚ ବା ସେରାମିକ ହେବା ଦରକାର । ତାହା ଟେକା ବା ଗୋଲ ହୋଇଥିଲେ ତାହାର ଚାରିଆଡ଼େ ତାପମାତ୍ରା ସମାନ ହୁଏ । ଯେଉଁ ଖାଦ୍ୟ ଯେତିକି ସମୟ ରନ୍ଧାଯିବା କଥା ତା'କୁ ସେତିକି ସମୟ ରନ୍ଧିବା ଉଚିତ । ଏଥିରେ ମାଂସ, କୁକୁଡ଼ା ମାଂସ, ମାଛ କିମ୍ବା ଅଣ୍ଡା ରାନ୍ଧିଲେ ବିଶେଷ ସାବଧାନତା ଅବଲମ୍ବନ କରିବା ଦରକାର । ଯେତେଦୂର ସମ୍ଭବ, ଏଥିରେ ତାହା ନ ରାନ୍ଧିଲେ ଭଲ । ରାନ୍ଧିବା ଭିତରେ ଖାଦ୍ୟକୁ ଅନ୍ତତଃ ଥରେ ଘାଣ୍ଟିବା ଦରକାର । ନଚେତ୍ ତାହାକୁ ଚୁଲି ଭିତରୁ କାଢ଼ିବା ଆଗରୁ କିଛିସମୟ ରହିବାକୁ ଦେବା ଭଲ । ତା'ହେଲେ ତହିଁରେ ତାପମାତ୍ରା ସୁଷମ ରୂପେ ଆବଣ୍ଟନ ହେବା ସମ୍ଭବ ହେବ ।

ମାଇକ୍ରୋଓଏଭ ଚୁଲିରେ ପ୍ଲାଷ୍ଟିକ ବାସନ ବ୍ୟବହାର ଯେତେ କମ କରାଯିବ ସେତେ ଭଲ । କାରଣ ଏ ସମୟରେ ତହିଁରୁ ସୂକ୍ଷ୍ମ ପ୍ଲାଷ୍ଟିକ କଣିକା ନିର୍ଗତ ହୋଇ ଖାଦ୍ୟରେ ମିଶିପାରେ । ଏଥିପାଇଁ କିଛି ବିଶେଷ ଧରଣର ମାଇକ୍ରୋଓଏଭ ନିରାପଦ ରନ୍ଧନ ପାତ୍ର ରହିଛି । ତାହାର ବ୍ୟବହାର ନିରାପଦ ବୋଲି ମନେ କରାଯାଏ । ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିସ୍ଫୋରଣରେ ଥରିଲା...

ଜବତ ଘଟଣାକୁ ଏହା ସହ ଯୋଡ଼ି ଦେଖାଯାଉଛି । ଏହି ବିସ୍ଫୋରଣର ଭିଡିଓ ଭାଇରାଲ ହେବାରେ ଲାଗିଛି । ଏଥିରେ କାର୍‌ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଉଥିବା ଦେଖାଯାଉଛି ।ଭାରତର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ନିକଟରେ ଏଭଳି ବିସ୍ଫୋରଣ ହେବା ବଡ଼ ସୁରକ୍ଷା ଅବହେଳାକୁ ଦର୍ଶାଉଛି । ଦିଲ୍ଲୀ ପୁଲିସ ଡିଆଇଜି କହିଛନ୍ତି ଯେ ଆଜି ସନ୍ଧ୍ୟା ୬ଟାର ୫୦ ମିନିଟରେ ଏକ କାର ରେଡ ସିଗ୍ନାଲ ନିକଟରେ ଅଟକିବା ମାତ୍ରେ ଏଥିରେ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଯୋଗୁଁ ନିଆଁ ଆଖପାଖକୁ ବ୍ୟାପିଯାଇଥିଲା । ଏଥିରେ ଅନେକ କାର ଜଳିଯାଇଛି । ତେବେ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ । ଜଣେ ଆହତ ବ୍ୟକ୍ତି କହିଛନ୍ତି ଯେ ବିସ୍ଫୋରଣ ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ ସେ ତିନି ଥର ତଳେ ପଡ଼ି ଯାଇଥିଲେ । ଅନ୍ୟ ଜଣେ କହିଛନ୍ତି ଯେ ନିଆଁ ଗୋଳା ଉଠିବା ପରେ ସେ ଭୟରେ ଛାତରୁ ତଳକୁ ଚାଲି ଆସିଥିଲେ । କ'ଣ ହେଉଛି ଜାଣିବା ପାଇଁ ଚାହିଁଥିଲେ । ଏକାଧିକ କାର୍‌ରେ ବିସ୍ଫୋରଣ ହୋଇଥିବା ସେ କହିଥିଲେ । ଏହି ବିସ୍ଫୋରଣ ସ୍ଥଳଠାରୁ ଗୁରୁଦ୍ୱାର ସିସ୍ ଗଞ୍ଜ ସାହିବ କିଛି ଶହ ମିଟର ଦୂରରେ ଏବଂ ଜାମା ମସ୍‌ଜିଦ ଏକ କିମି ଦୂରରେ ରହିଛି ।

### ସବୁ ଦିଗରୁ...

ପୁଲିସ ମୁଖ୍ୟ ଏବଂ ସ୍ପେସିଆଲ ବ୍ରାଞ୍ଚର ପ୍ରଭାରୀଙ୍କ ସହ ଆଲୋଚନା କରିଛନ୍ତି । ଉଭୟେ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି । ବିସ୍ଫୋରଣର ପ୍ରତ୍ୟେକ ସମ୍ଭାବନାକୁ ଧ୍ୟାନରେ ରଖି ଯାଞ୍ଚ କରାଯିବ ବୋଲି ଶାହା କହିଛନ୍ତି । ସବୁ ବିକଳ୍ପ ଯାଞ୍ଚ କରାଯିବ ଏବଂ ଫଳାଫଳକୁ ଜନତାଙ୍କ ସାମ୍‌ନାରେ ରଖାଯିବ ।

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ...

ଏବଂ ଅନ୍ୟ ଅଧିକାରୀଙ୍କ ସହ କଥା ହୋଇ ସ୍ଥିତି ସମୀକ୍ଷା କରିଛନ୍ତି । ଏହି ବିସ୍ଫୋରଣ ସମ୍ପର୍କରେ ଅମିତ ଶାହା ମୋଦୀଙ୍କୁ ବିସ୍ତୃତ ସୂଚନା ଦେଇଛନ୍ତି । ଦିଲ୍ଲୀ ପୁଲିସ କମିଶନର, ଏନଆଇଏ ମୁଖ୍ୟ ଏବଂ ଗୁଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ନିୟମିତ ଭାବେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ସ୍ଥିତି ବିଷୟରେ ଅବଗତ କରାଉଛନ୍ତି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘଟଣାର କଡ଼ା ନିନ୍ଦା କହିଛନ୍ତି, ଏଭଳି ଅମାନବୀୟ ଘଟଣାକୁ ଭାରତ କେବେ ବରଦାସ୍ତ କରିନାହିଁ, କି କରିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ନିଶ୍ଚିତ ଭାବେ ଏ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀମାନଙ୍କୁ ଦଣ୍ଡବିଧାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ପୁଲିସ ମହାନିର୍ଦ୍ଦେଶକଙ୍କ ସହିତ ଟେଲିଫୋନ ଯୋଗେ ଆଲୋଚନା କରି ଓଡ଼ିଶାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଓଡ଼ିଶାରେ ବାଲିଯାତ୍ରା ପରି ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ, ପୁଲିସ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ରାଜ୍ୟର ପ୍ରମୁଖ ସହର ଏବଂ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

### ଆତଙ୍କବାଦର ନୂଆ...

ମିଳିଥିବା ସୂଚନା ଅନୁଯାୟୀ ଡାକ୍ତର ମୁଜାମ୍ମିଲ ଫରିଦାବାଦ୍‌ର ଅଲଫଲାହ ସ୍କୁଲ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ପଢ଼ାଉଥିଲା । ତାକୁ ଉତ୍ତରପ୍ରଦେଶର ସାହାରନପୁରରେ ପୁଲିସ ଗିରଫ କରାଯାଇଛି । ଏହାପୂର୍ବରୁ ନଭେମ୍ବର ୭ରେ ଜମ୍ମୁ-କଶ୍ମୀର ପୁଲିସ ଶାହାରନପୁରରେ ଡାକ୍ତର ଆଦିଲ ଅହମ୍ମଦକୁ ଗିରଫ କରିଥିଲା । ସେ କଶ୍ମୀର ଅନନ୍ତନାଗର ବାସିନ୍ଦା । ସେ ଅନନ୍ତନାଗର ସରକାରୀ ମେଡିକାଲ କଲେଜରେ ପ୍ରାକ୍ଟିସ କରୁଥିଲା । ୨୦୧୪ ସେ ଏଠାରେ ଇସ୍ତଫା ଦେବା ସହ ସାହାରନପୁରରେ ପ୍ରାକ୍ଟିସ କରୁଥିଲା । ମୁଜାମ୍ମିଲ ଫରିଦାବାଦ୍‌ର ଧୋଜ ଗାଁରେ ୩ ମାସ ତଳେ ଘରଭଡ଼ା ନେଇଥିଲା ।। ସେ ଏଠାରେ ରହୁ ନଥିଲେ ମଧ୍ୟ କେବଳ ଜିନିଷପତ୍ର ରଖୁଥିଲା । ଗତ ୧୫ ଦିନ ହେବ ଜମ୍ମୁ-କଶ୍ମୀର ଓ ହରିୟାଣା ପୁଲିସ ମିଳିତ ଭାବେ ଜଏଣ୍ଟ ଅପରେସନ କରିଥିଲେ । ନଭେମ୍ବର ୯ ରେ ଚଢ଼ାଉ କରାଯାଇ ମୁଜାମ୍ମିଲ ଘରେ ତଲାସି ନିଆଯାଇଥିଲା ବୋଲି ଫରିଦାବାଦ୍ ପୁଲିସ କମିଶନର ସତେନ୍ଦ୍ର କୁମାର ଗୁପ୍ତା କହିଛନ୍ତି । ଏଥିରେ ୩୬୦ କେଜିର ବିସ୍ଫୋରକ ଜବତ କରାଯାଇଥିଲା । ଏହା ଆମୋନିୟମ ନାଇଟ୍ରେଟ । କିନ୍ତୁ ଏହା ଆରଡିଏକ୍ସ ନୁହଁ ବୋଲି ସ୍ପଷ୍ଟ କରାଯାଇଛି । ଆତଙ୍କବାଦୀ ଗତିବିଧି ସହିତ ଜଡିତ ବହୁ ଜିନିଷପତ୍ର ମଧ୍ୟ ଜବଦ କରାଯାଇଥିଲା । ସେଗୁଡିକ ମଧ୍ୟରେ ୨୦ ଟାଇମର୍ସ, ବେଟୋରୀ ଓ ଅନ୍ୟ ଜିନିଷ ଜବତ କରାଯାଇଥିଲା । ସେହିପରି ଏକ ଆସଲ୍ଟ ରାଇଫଲ, ୩ ମ୍ୟାଗାଜିନ, ୮୩ ଗୁଳି, ଗୋଟିଏ ପିସ୍ତଲ ଓ ତା'ର ୮ ରାଉଣ୍ଡ ଗୁଳି, ୨ଟି ଖାଲି ଗୁଳି ଓ ଦୁଇଟି ଅତିରିକ୍ତ ମ୍ୟାଗାଜିନ ଜବତ କରାଯାଇଛି । ଜାତୀୟ ସୁରକ୍ଷା ଦୃଷ୍ଟିରେ ରଖି ଏ ନେଇ ଅଧିକ ସୂଚନା ଦେବାକୁ ମନା କରିଦିଆଯାଇଛି । ସେହିପରି ଆଦିଲକୁ ପଚରା ଉଚରା ଜାରି ରହିଛି । ବେଆଇନ୍ ତଥା ସଂଦୀଗ୍ଧ ଗତିବିଧି ନେଇ ୟୁଏପିଏ ଆଇନ୍ ଅନୁଯାଇ ମାମଲା ରୁଜୁ କରାଯାଇଛି ।

### ବିହାରରେ ଶେଷ...

ହୋଇଛି । ଏହି ପର୍ଯ୍ୟାୟରେ ମୁସଲିମ ବହୁଳ ସୀମାଞ୍ଚଳ ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ କ୍ଷେତ୍ର ପାଲଟି ଯାଇଛି । ପୂର୍ଣ୍ଣିଆ, ଅରରିଆ, କଟିହାର ଏବଂ କିଶନଗଞ୍ଜର ୨୪ ବିଧାନସଭା କ୍ଷେତ୍ରକୁ ବ୍ୟାପିଥିବା ଏହି ଅଞ୍ଚଳ ସରକାର ଗଠନ ପାଇଁ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହୋଇପାରେ । ଆରଜେଡି ନେତୃତ୍ୱାଧୀନ କଂଗ୍ରେସ ଏଠାରେ ମଜବୁତ ସ୍ଥିତିରେ ଥିବାବେଳେ ଚଳିତ ଥର ଏଆଇଏମଆଇଏମ ଏବଂ ଜନସୁରାଜ ଏହି ମହାମେଣ୍ଟ ପାଇଁ ସମସ୍ୟା ସୃଷ୍ଟି କରିଛି । ମୁସଲମାନ ଏବଂ ଯାଦବଙ୍କ ବହୁଳ ଏହି କ୍ଷେତ୍ରରେ ଏନ୍‌ଡିଏ ବ୍ୟାକ୍‌ଫୁଟରେ ଅଛି । ଗତ ନିର୍ବାଚନରେ ସୀମାଞ୍ଚଳର ୫ ଆସନରେ ଏଆଇଏମଆଇଏମ ବିଜୟୀ ହୋଇ ସମସ୍ତଙ୍କୁ ଚକିତ କରିଦେଇଥିଲା । ଚଳିତ ଥର ଅଧିକ ଆସନରେ ଜିତିବାକୁ ଏହି ଦଳ ଆଶାବାଦୀ ରହିଛି । କିନ୍ତୁ ଜନସୁରାଜ ଏଥିରେ କିଛି ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି ।

ସୂଚନାଯୋଗ୍ୟ ଯେ ଗତ ୬ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ମତଦାନରେ ୬୫ ପ୍ରତିଶତ ଭୋଟ୍ ରେକର୍ଡ କରାଯାଇଥିଲା । ଏଥିରେ ମହିଳାମାନେ ଅଧିକ ସଂଖ୍ୟାରେ ଭୋଟ୍ ଦେଇଥିଲେ । ଏମାନଙ୍କ ଭୋଟ୍ ନୂଆ ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି ।

### ଆଜି ନୂଆପଡ଼ା...

ଏଥିରେ ମୋଟ ୨ଲକ୍ଷ ୫୪ହଜାର ଭୋଟର ମତଦାନ କରିବେ । ଏଥିରେ ୧ଲକ୍ଷ ୨୪ହଜାର ୫୪୪ଜଣ ପୁରୁଷ ଭୋଟର ଥିବାବେଳେ ୧ଲକ୍ଷ ୨୯ ହଜାର ୯୩୨ଜଣ ମହିଳା ଭୋଟର ଏବଂ ୨୧ଜଣ ତୃତୀୟଲିଙ୍ଗୀ ମତଦାତା ନିଜର ମତଦାନ କରିବାକୁ ଯାଉଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ମତଦାନ ପ୍ରକ୍ରିୟାରେ ମୋଟ୧୫୮୪ଜଣ କର୍ମଚାରୀ ଭାଗ ନେଉଛନ୍ତି । ସେହିପରି ମତଦାନ ପ୍ରକ୍ରିୟା ପରିଚାଳନାରେ ନିର୍ବାଚନ ମଣ୍ଡଳୀରେ ମୋଟ ୧୫୮୪ଜଣ କର୍ମଚାରୀ ଅଂଶଗ୍ରହଣ କରିଛନ୍ତି । ମୋଟ ୩୫୮ଟି ବୁଥ୍‌ରେ ୧୫୫୨ଜଣ ପୁରୁଷ ଏବଂ ୩୨ଜଣ ମହିଳା କର୍ମଚାରୀ ନିୟୋଜିତ ହୋଇଛନ୍ତି । ମୋଟ୍ ବୁଥ ଗୁଡ଼ିକ ମଧ୍ୟରୁ ୬ଟି ସଖି(ପିଙ୍କ) ବୁଥ୍ ରହିଥିବାବେଳେ ଏଥି ସକାଶେ ୮ଟି ପାର୍ଟି ବ୍ୟବସ୍ଥା କରାଯାଇଛି । ମତଦାନକୁ ନିରପେକ୍ଷ ଏବଂ ଅବାଧ କରିବାକୁ ନୂଆପଡ଼ାକୁ ନିର୍ବାଚନ ମଣ୍ଡଳୀ ବାହାର ଅର୍ଥାତ ଖଡ଼ିଆଳ ନିର୍ବାଚନ ମଣ୍ଡଳୀରୁ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି । ଜିଲ୍ଲାରେ ମୋଟ ୩୫୮ଟି ବୁଥ୍‌ରେ ଭୋଟଗ୍ରହଣ କରାଯାଉଥିବାବେଳେ ଏଥିରୁ ୪୭ଟି ମାଓବାଦୀ ପ୍ରଭାବିତ ବୁଥ୍ ରହିଥିବା ତଥ୍ୟ ରହିଛି । ତନ୍ମଧ୍ୟରୁ ୮ଟି ବୁଥ ଦୁର୍ଗମ ଅଞ୍ଚଳରେ ଥିବା ଯଥା ୩୨୦ନମ୍ବର ବୁଥ୍ ସୋସେଙ୍ଗ ସେବାଶ୍ରମ, ସୋସେଙ୍ଗ-୨, ଦେଓସିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁନାବେଡା -୧, ସୁନାବେଡା ସେବାଶ୍ରମ ୧(କ), ଜାମଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗାତିବେଡା ଉଚ୍ଚପ୍ରାଥମିକ ବିଦ୍ୟାଳୟ-୧, ଗାତିବେଡା ୨ ପାଇଁ ହେଲିକପ୍ଟର ଯୋଗେ ପୋଲିଂ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ନିଆଯାଇଛି । ଏହାକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଏସପି ଅମ୍ରିତ ପାଲ ସିଂ ଉପସ୍ଥିତ ରହି ପ୍ରତ୍ୟକ୍ଷ ମାର୍ଗଦର୍ଶନ କରିଥିଲେ । ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ନିରପେକ୍ଷ କରିବାକୁ ବ୍ୟାପକ ପୁଲିସ ବଳ ନିୟୋଜିତ କରାଯାଇଛି । ଏଥିରେ ମୋଟ୍ ୧୨୩୧ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଜଣେ ଏସ୍‌ପି, ଏଏସ୍‌ପି, ୬ଜଣ ଡିଏସପି, ୯ଜଣ ଇନ୍ସପେକ୍ଟର, ୩୭ଜଣ ହାବିଲଦାର, ୧୨୩ଜଣ ଓଆର କନଷ୍ଟେବଲ, ୪୧ଜଣ ଏପିଆର କନ୍‌ଷ୍ଟେବଲ, ୩୭ଜଣ ଓଏପିଏଫ, ୫୭ଜଣ ହୋମଗାର୍ଡ ନିୟୋଜିତ ରହିଥିବା ଏକ ସୂତ୍ରରୁ ପ୍ରକାଶ । ଏହାବ୍ୟତୀତ ୧୪ କମ୍ପାନୀ ସିଏପିଫ, ୬ ପ୍ଲାଟୁନ ୨ସେକ୍ସନ ଏସପି ନିୟୋଜିତ ଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

### ସମ୍ବୋଧିତ କରିବେ...

ଏହାର ପରଦିନ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବ । ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟ ଦିବସ ଥିବାବେଳେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଦୃଷ୍ଟିରୁ ଅଧିବେଶନଟି ଐତିହାସିକ ହେବାକୁ ଯାଉଛି ।

ବିଜ୍ଞପ୍ତି ଅନୁଯାୟୀ ୨୮ ତାରିଖରେ ଅତିରିକ୍ତ ବଜେଟ ଆଗତ ହେବା ପରେ ଏହା ଉପରେ ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ । ଏହାପରେ ୭ ତାରିଖ ଛୁଟି ଥିବାବେଳେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ । ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ବିଧାନସଭାର ଏକ ଅଧିବେଶନକୁ କୌଣସି ଅଧିବେଶନକୁ ରାଷ୍ଟ୍ରପତି ସମ୍ବୋଧନ କରିବା ପ୍ରଥମ ଘଟଣା । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖାଯାଇ ବିଧାନସଭା ପରିସରକୁ ନୂଆ ରୂପ ଦିଆଯାଉଛି । ବିଶେଷକରି ରାଷ୍ଟ୍ରପତି ଓଡ଼ିଶା ବିଧାନସଭାର ସଦସ୍ୟ ତଥା ମନ୍ତ୍ରୀ ଥିବାବେଳେ ଯେଉଁ କୋଠରୀରେ ବସୁଥିଲେ, ତାହାର ନବୀକରଣ କରାଯାଉଛି । ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅତୀତରେ ରାଇରଙ୍ଗପୁର ବିଧାନସଭା ଆସନରୁ ବିଧାନସଭାକୁ ପ୍ରତିନିଧିତ୍ୱ କରିଥିବା ବେଳେ ବିଜେଡି-ବିଜେପି ମେଣ୍ଟ ସରକାର ସମୟରେ ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ ।

### ନିରବ ଅବଧିରେ...

ପରିଚାଳନା ଗଣତନ୍ତ୍ରର ପ୍ରକୃତ ପରିଚୟ । ଅତଏବ ନୂଆପଡ଼ା ଉପନିର୍ବାଚନର ବିଶ୍ୱସନୀୟତା ରକ୍ଷା ପାଇଁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଭାରତୀୟ ନିର୍ବାଚନ ଆୟୋଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନବୀନ ଅନୁରୋଧ କରିଛନ୍ତି ।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଭାରତୀୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶାବଳୀ ଅନୁସାରେ ସାଇଲେଣ୍ଟ ପିରିୟଡ ଆରମ୍ଭ ହେଲେ ବାହାର ଅଞ୍ଚଳର ରାଜନୈତିକ ନେତା ଓ ପ୍ରଚାରକମାନଙ୍କୁ ନିର୍ବାଚନମଣ୍ଡଳୀରୁ ବାହାରିବାକୁ ପଡ଼େ । ମାତ୍ର ବିଜେପିର ନିର୍ବାଚନମଣ୍ଡଳୀ ବାହାରର ମନ୍ତ୍ରୀ, ବିଧାୟକ ଏବଂ ନେତାମାନେ ନୂଆପଡ଼ାରେ ଅବାଧ ଭାବେ ଘୁରି ବୁଲୁଛନ୍ତି । ସେମାନେ ଅସତ୍ ଉପାୟରେ ଭୋଟ ଦାତାମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି । ବଡ଼ ଆଶ୍ଚର୍ଯ୍ୟର କଥା ଯେ ସ୍ଥାନୀୟ ବିଜେଡି ନେତାମାନେ ଯେତେବେଳେ ଏହାର ବିରୋଧରେ ସ୍ୱର ଉଠାଉଛନ୍ତି ସେମାନଙ୍କୁ ପୁଲିସ ଅଟକ ରଖୁଛି । ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ପୁଲିସ ଏକ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପରିବର୍ତ୍ତେ କିପରି ସରକାରୀ ଦଳର ସ୍ୱାର୍ଥ ପୂରଣ ପାଇଁ ପଡ଼ିଥିବା ଏଥିରୁ ସ୍ପଷ୍ଟ ସୂଚୀତ ହେଉଛି ।ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଏପରି ଘଟଣା ଆଘାତ ପହଞ୍ଚାଇବା ସହ ନିର୍ବାଚନ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ଥିବା ବିଶ୍ୱାସକୁ ମଳିନ କରୁଛି । ଏହା ଜାରି ରହିଲେ ନୂଆପଡ଼ା ଉପନିର୍ବାଚନର ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେବ । ତେଣୁ ଏହାକୁ ରୋକିବା ଦିଗରେ ଭାରତୀୟ ନିର୍ବାଚନ ଆୟୋଗ ତୁରନ୍ତ କେତେକ ପଦକ୍ଷେପ ନେବାକୁ ନବୀନ ଅନୁରୋଧ କରିଛନ୍ତି । ୩୬ ଘଣ୍ଟାର ମୌନ ପର୍ଯ୍ୟାୟକୁ କଡ଼ାକଡ଼ି ଲାଗୁ କରିବା ସହ ବିଜେପିର ମନ୍ତ୍ରୀ, ବିଧାୟକ ଓ ନେତାମାନେ ନିର୍ବାଚନ କ୍ଷେତ୍ର ଛାଡ଼ିବା ନିର୍ବାଚନ ଆଚରଣବିଧି ଅନୁଯାୟୀ ସୁନିଶ୍ଚିତ କରାଯାଉ । ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବା ପାଇଁ ନିରପେକ୍ଷ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲା ପ୍ରଶାସନ ଏବଂ ପୁଲିସକୁ ନିର୍ଦ୍ଦେଶ ଦିଆଯାଉ । ଏଥିସହ ବିଜେପି ଦ୍ୱାରା ହେରଫେର ହେବାର ଆଶଙ୍କା ନେଇ ବିଜେଡି ଏବଂ ଅନ୍ୟ ରାଜନୈତିକ ଦଳ ପକ୍ଷରୁ ତାଲିକାରେ ଦିଆଯାଇଥିବା ସମ୍ବେଦନଶୀଳ ବୁଥ୍ ଉପରେ ମଧ୍ୟ ସ୍ୱତନ୍ତ୍ର ନଜର ରଖାଯାଉ ବୋଲି ନବୀନ ନିଜ ଦାବି କରିଛନ୍ତି । ସେ କହିଛନ୍ତି ଯେ ପୂର୍ବଜମାନଙ୍କ ବହୁ ତ୍ୟାଗ ଓ ସଂଘର୍ଷ ବଳରେ ଆମେ ଭାରତର ଜନସାଧାରଣମାନେ ଏହି ଗଣତନ୍ତ୍ର ପାଇଛୁ । ଏହିପରି ସମୟରେ ପ୍ରତ୍ୟେକ ପ୍ରତିଷ୍ଠାନ, ବିଶେଷକରି ନିର୍ବାଚନ ଆୟୋଗ, ଗଣତନ୍ତ୍ରର ପବିତ୍ରତା ରକ୍ଷା କରିବା ଏବଂ ଏହାର ସୁରକ୍ଷା କରିବା ହେଉଛି ପ୍ରଧାନ କର୍ତ୍ତବ୍ୟ ବୋଲି ନବୀନ ନିଜ ଟୁଇଟରେ ଉଲ୍ଲେଖ କରିଛନ୍ତି ।

### ନକଲି ଘିଅ ଦେଇଥିଲା...

ଏବଂ ଲହୁଣୀ କିଣି ନ ଥିଲା । ଏହା ସତ୍ତ୍ୱେ ଘିଅ ଏବଂ ଲହୁଣୀ ଯୋଗାଣ କରୁଥିଲା । ଏହି କମ୍ପାନୀର ମାଲିକ ପମ୍ମିଲା ଜୈନ ଏବଂ ବିପିନ ଜୈନ ଜାଲ୍ ଘିଅ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଥିଲା । ଘିଅ ଏବଂ ଲହୁଣୀ କ୍ରୟ କରାଯାଇଥିବାର ନକଲି ବିଲ୍ ପ୍ରସ୍ତୁତ କରାଯାଇଥିଲା । ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଅଜୟ କୁମାର ସୁଗନ୍ଧକୁ ଜେରା କରାଯାଇଥିଲା । ସେ ମୋନୋଡିଗ୍ଲିସରାଇଡ୍‌ସ ଏବଂ ଏସିଟିକ ଏସିଡ ଏଷ୍ଟର ଭଳି କେମିକାଲ ଯୋଗାଣ କରୁଥିବା ସ୍ୱୀକାର କରିଛି । ଏହାକୁ ମିଶାଇ ନକଲି ଘିଅ ପ୍ରସ୍ତୁତ କରାଯାଉଥିଲା । ୨୦୨୨ରେ ଟିଟିଡିର ଅଭିଯୋଗ କ୍ରମେ ଏହି ଭୋଲେ ବାବା ଡାଏରୀକୁ କଳାତାଲିକାଭୁକ୍ତ କରାଯାଇଥିଲା । ପରେ ଏହି ଗ୍ରୁପ ଆଉ ଏକ କମ୍ପାନୀ ଗଠନ କରିଥିଲା ଏବଂ ମନ୍ଦିରକୁ ଘିଅ-ଲହୁଣୀ ଯୋଗାଣ ଜାରି ରଖିଥିଲା । ଏଥିରେ ବୈଷ୍ଣବୀ ଡାଏରୀ (ତିରୁପତି), ମାଲ ଗଙ୍ଗା ଡାଏରୀ (ଉତ୍ତର ପ୍ରଦେଶ) ଏବଂ ଏଆର ଡାଏରୀ ଫୁଡ୍‌ସ (ତାମିଲନାଡୁ) ସାମିଲ ରହିଛି ।

ସିବିଆଇ ଏବଂ ଏଫଏସଏସଏଆଇର ତଦନ୍ତରୁ ଜଣାପଡ଼ିଛି ଯେ ଘିଅରେ ପଶୁ ଚର୍ବି ମିଶା ଯାଉଥିଲା । ୨୦୨୪ ଜୁଲାଇରେ ଟିଟିଡି ଏଆର ଡାଏରୀର ଚାରୋଟି ଟ୍ୟାଙ୍କରକୁ ଗ୍ରହଣ କରି ନ ଥିଲା । କିନ୍ତୁ ଏହି ଟ୍ୟାଙ୍କରକୁ ଫେରାଇ ନେବା ପରିବର୍ତ୍ତେ ବୈଷ୍ଣବୀ ଡାଏରୀ ନାମରେ ପଠାଇ ଦିଆଯାଇଥିଲା । ଗୁଜରାଟରେ ଏକ ଲ୍ୟାବ୍ ରିପୋର୍ଟରେ ଜଣାପଡ଼ିଥିଲା ଯେ ଏଆର ଡାଏରୀର ଘିଅରେ ମାଛ ତେଲ, ଗୋଚର୍ବି, ଲାଲ ମିଶା ଯାଉଥିଲା । ଏଥିପାଇଁ ଲାଞ୍ଚ କାରବାର ହେଉଥିଲା । ଯାଞ୍ଚରୁ ଜଣାପଡ଼ିଛି ଯେ ୫୦ ଲକ୍ଷ ଟଙ୍କା ଲୁଚାଇ ଟ୍ରାନ୍ସଫର କରାଯାଇଥିଲା । ଏହି ରାଶି ୱାଇଏସଆର କଂଗ୍ରେସର ପୂର୍ବତନ ସାଂସଦ ତଥା ଟିଟିଡିର ପୂର୍ବତନ ଅଧ୍ୟକ୍ଷ ୱାଇଭି ସୁଭା ରେଡ୍ଡୀଙ୍କ ବ୍ୟକ୍ତିଗତ ସହାୟକ ଚିନ୍ନପନ୍ନାଙ୍କୁ ଦିଆଯାଇଥିଲା । ଦିଲ୍ଲୀର ଦୁଇଟି ଅଲଗା ଅଲଗା ଟ୍ରାଞ୍ଜାକ୍ସନରେ ଏଜେଣ୍ଟ ଅମନ ଗୁପ୍ତାଠାରୁ ୨୦ ଲକ୍ଷ ଟଙ୍କା ଏବଂ ବାକି ଟଙ୍କା ଏଗ୍ରି ଫୁଡ୍‌ସର ଅଧିକାରୀ ବିଜୟ ଗୁପ୍ତାଙ୍କଠାରୁ ମିଳିଥିଲା ।

ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦାବି କରିଥିଲେ ଯେ ପୂର୍ବତନ ଜଗନ ମୋହନ ରେଡ୍ଡୀଙ୍କ ସରକାରର ସମୟରେ ପଶୁ ଚର୍ବି ଥିବା ଘିଅ ଲଡୁ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିଲା । ଏହି ମାମଲା ସେତେବେଳେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା । ରାଜନୀତି ଏବଂ ଧର୍ମକୁ ମିଶାଇବା ଭୁଲ୍ ବୋଲି କୋର୍ଟ କହିଥିଲେ । ମାମଲାର ତଦନ୍ତ ପାଇଁ ସିବିଆଇ, ରାଜ୍ୟ ପୁଲିସ ଏବଂ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀଙ୍କୁ ନେଇ ମିଳିତ ଟିମ ଗଠନ କରିଥିଲେ ।

### ବିରାଦରୀ ପ୍ରୀତି...

ରଥଯାତ୍ରା ପରିଚାଳନା ପାଇଁ ୨୦ ବରିଷ୍ଠ ଆଇପିଏସ୍, ୪୫୦ ଓପିଏସ୍ ପାହ୍ୟାର ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଜିଲ୍ଲା ପ୍ରଶାସନ ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ଏଡ଼ିଜି, ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ଏଡିଜି (ମୁଖ୍ୟାଳୟ ଓ କମ୍ୟୁନିକେସନ)ଙ୍କୁ ରିପୋର୍ଟରେ କ୍ଲିନ୍‌ଚିଟ୍ ଦିଆଗଲା । ଅର୍ଥାତ୍ ରଥଯାତ୍ରାରେ ଯାହା ସବୁ ଘଟଣା ଘଟିଲା, କେବଳ ଏହି ସାତ ଜଣକ କନିଷ୍ଠ ଅଧିକାରୀଙ୍କ ପାଇଁ ଓ ଏଥିରେ ଅନ୍ୟମାନଙ୍କର କୌଣସି ଭୂମିକା ନାହିଁ ।

ରଥଯାତ୍ରାରେ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରଥମଥର ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ ସହ ଏଆଇ ସିସିଟିଭି କ୍ୟାମେରା ଲଗାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ୫ ମେଗାପିକ୍ସଲର ୨୮୨ଟି ଏଆଇ କ୍ୟାମେରା ଲଗାଯିବା ପାଇଁ ୮୮ ଲକ୍ଷ ଟଙ୍କା ବରାଦ ବି କରାଗଲା । ମାତ୍ର ୨୮୨ କ୍ୟାମେରା ବଦଳରେ ମାତ୍ର ୧୭୦ଟି କ୍ୟାମେରା ଲାଗିଲା ଓ ଯେଉଁ କ୍ୟାମେରା ଲଗାଗଲା, ତାହାର ମେଗାପିକ୍ସଲ ଓ ଫଟୋର ମାନ ଥିଲା ଅତ୍ୟନ୍ତ ଖରାପ । ୫ ମେଗାପିକ୍ସଲ ବଦଳରେ ୨ ମେଗାପିକ୍ସଲ କ୍ୟାମେରା ଲଗାଯାଇଥିବା ପରେ ଜଣାପଡ଼ିଲା । ମୋଟାମୋଟି ଦେଖିଲେ ଭିଡ଼, ଦଳାଚକଟା, ଶ୍ରଦ୍ଧାଳୁଙ୍କ ମୃତ୍ୟୁ ପଛରେ ଏଆଇ କ୍ୟାମେରା ପରିଚାଳନାରେ ଦାୟିତ୍ୱହୀନତା ପ୍ରମୁଖ କାରଣ ହୋଇଥିଲେ ବି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତଦନ୍ତ ରିପୋର୍ଟରେ ଏକପ୍ରକାର କ୍ଲିନ୍‌ଚିଟ୍ ଦିଆଯାଇଥିବା ଅଭିଯୋଗ ହୋଇଛି । କାହିଁକି କମ୍ କ୍ୟାମେରା ଲାଗିଲା, କ୍ୟାମେରାର ମେଗାପିକ୍ସଲ କିଏ ଓ କାହିଁକି ପରିବର୍ତ୍ତନ କଲେ, କ୍ୟାମେରା ଲଗାଇଥିବା ସମ୍ପୃକ୍ତ ଠିକା ସଂସ୍ଥାକୁ ବାଛିଥିବା ଅଧିକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ସୁପାରିସ ହେଲା ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସିସିଟିଭି ଲଗାଇବା ନିମନ୍ତେ ଠିକା ସଂସ୍ଥା ଚୟନ ଦାୟିତ୍ୱରେ ଥିବା ତତ୍କାଳୀନ ପୁଲିସ ଏଡିଜି (ହେଡ଼କ୍ୱାର୍ଟର ଓ କମ୍ୟୁନିକେସନ)ଙ୍କୁ ଏ ସମ୍ପର୍କରେ ପ୍ରଶ୍ନଟିଏ ବି କରାଯାଇ ନାହିଁ । କନିଷ୍ଠ ପୁଲିସ କର୍ମଚାରୀଙ୍କୁ ବଳି ଦେଇ ତାଙ୍କୁ ପୂରା ଦୋଷମୁକ୍ତ କରି ଦିଆଯାଇଛି । ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ବିରାଦରୀ ପ୍ରୀତି ଯୋଗୁଁ ରିପୋର୍ଟ ନିରପେକ୍ଷତାର ଊର୍ଦ୍ଧ୍ୱକୁ ଉଠି ପାରି ନ ଥିବା ଅଭିଯୋଗ ହୋଇଛି ।

ଅନୁରୂପ ଭାବରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରୀତିନୀତି ପରିଚାଳନାରେ ହୋଇଥିବା ଅବ୍ୟବସ୍ଥା ଓ ପହୁଡ଼ ବେଳେ ଉପଯୁକ୍ତ ପରିମାଣର ପୁଲିସ ମୁତୟନ କରା ନ ଯିବା ମଧ୍ୟ ଦର୍ଶନ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି କରିଥିଲା । ସବୁଠାରୁ ସ୍ପର୍ଶକାତର ଘଟଣାଟି ଘଟିଥିଲା ଶରଧାବାଲିରେ । ରଥଯାତ୍ରା ଦିନ ରାତିରେ ଶୋଇଥିବାବେଳେ ଶରଧାବାଲିରେ ଦଳାଚକଟା ଘଟି ୩ ଜଣଙ୍କ ମୃତ୍ୟୁ ଘଟଣାକୁ ସମ୍ପୂର୍ଣ୍ଣ ଗୁରୁତ୍ୱହୀନ କରି ଦିଆଯାଇଛି । କାହିଁକି ସେଠାରେ ଭିଡ଼ ଏକାଠି ହେବାକୁ ଦିଆଗଲା, ଦାୟିତ୍ୱରେ ଥିବା ପ୍ରଶାସନିକ ଓ ପୁଲିସ ଅଧିକାରୀମାନେ କ'ଣ କରୁଥିଲେ, ଏଆଇ କ୍ୟାମେରାର ଭୂମିକା ଏଠାରେ କ'ଣ ଥିଲା ଏବଂ ଦଳାଚକଟା ସମୟରେ ଓ ଦଳାଚକଟା ପରେ ଦାୟିତ୍ୱରେ ଥିବା ଅଧିକାରୀମାନେ କୁଆଡ଼େ ଯାଇଥିଲେ ତାହାର ଉତ୍ତର କାହାରି ପାଖରେ ନାହିଁ । ତଦନ୍ତ ରିପୋର୍ଟରେ ଏଥିପାଇଁ କେବଳ କେଇଜଣ କନିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟୀ କରାଯାଇଛି । ଯେଉଁ ବରିଷ୍ଠ ଅଧିକାରୀମାନେ ଦାୟିତ୍ୱରେ ଥିଲେ, ସେମାନେ କାହିଁକି ଉତ୍ତରଦାୟୀ କରାଯାଇ ନାହିଁ; ସେ ସମ୍ପର୍କରେ ସ୍ୱାଭାବିକ ପ୍ରଶ୍ନ ଉଠିଛି ।


**JOB VACANCY**

Advertisement Ref no- BWFPC/2025-26/026
Marketing Manager (01 no's): Experienced; Graduate (Age limit 40)
**Rs- 15,000/- to 16,000/-**
Accountant (01 no's): Experienced; Graduate in Commerce (Age limit40)
**Rs-8,000/- to 10,000/-.**
Send CVs through Email Id- **bonaigadawomenfpc@gmail.com** or Postal through registered office address C/c - Jaimati Kisan, At/Po Sarsara Bolang, Block Bonaigarha Dist-Sundargarh Postal - 770051 Contact No - 7606999010, 8260444056)
**Deadline for receiving applications: 25.11.2025, 5:00 PM.**



**DARWIN MEMORIAL HIGHER SECONDARY SCHOOL, KUDUMULUGUMMA, MALKANGIRI**

**WALK-IN-INTERVIEW**

A walk-in-interview for **Matron (contractual basis)** in Girls Hostel will be conducted on **19th November 2025 (Wednesday) at 10.00 A.M.** Interested candidates having necessary eligibility and documents be as follows:

1. She must be a graduate.
2. Residence certificate by competent authority.
3. NOC from concerned police station/police verification report.
4. Character certificate by any Gazetted officer.
5. Age must be 18 years as on 01.01.2025. No TA/DA is admissible.

The authority reserves the right to cancel or reject the Walk-in-Interview for any reason thereof.

**Sd/-Principal-cum-Secretary**
**Darwin Memorial H.S.S., Kudumulugumma**


**Government of India**
**Ministry of Environment, Forest & Climate Change**
**Regional Office, Bhubaneswar, Odisha**

**Online Proposal No.: FP/OR/RAIL/438606/2023** **Dated: 07/10/2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023, wherein prior approval of the Ministry of Environment, Forest & Climate Change for non-forestry use of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd., was sought in accordance with Section-2 (1)(ii) of the Van (Sanrakshan Evam Samvardhan) Adhiniyam, 1980. After due consideration of the proposal by the Ministry of Environment, Forest & Climate Change, the in-principle approval for diversion of the said forest land was accorded by Ministry vide this office letter of even number dated 24.01.2025, subject to fulfillment of certain conditions. The State Government has furnished the compliance report in respect of the conditions stipulated in the in-principle approval and has requested to grant final approval of the proposal.

2. In this connection, I am directed to say that on the basis of the compliance report furnished by the Addl. PCCF & Nodal Officer (FCA), Odisha vide their letter No.19249/9F (Rail)-391/2023 dated 15.09.2025 and submission of the compliance report by the State Govt. in Parivesh web portal on 26.09.2025, Stage-II/final approval of the Ministry of Environment, Forest & Climate Change is hereby granted under Section 2 (1)(ii) of the Van (Sanrakshan Evam Samvardhan) Adhiniyam, 1980 for non-forestry use of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions:-

**1. General Conditions**

| S. No | Conditions |
|---|---|
| 1.1 | The State Govt. shall ensure that the legal status of diverted forest land shall remain unchanged. |
| 1.2 | The State Govt. shall ensure that the user agency shall pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.3 | The State Govt. should ensure that the non-forest land proposed for CA shall be notified as PF under Section 29 of the IFA, 1927 or local Act before handing over of the diverted forest land to the user agency and after notification of such non-forest land, the Nodal Officer, Odisha shall upload a copy of said notification on the PARIVESH portal. |
| 1.4 | The State Govt. shall ensure the compliance on FRA, 2006 as per Van (Sanrakshan Evam Samvardhan) Rules and guidelines issued from time to time before handing over of the diverted forest land to user agency. |
| 1.5 | The State Govt. shall ensure that the KML files of the area to be diverted, CA and Addl. CA areas shall be uploaded on the e-Green watch portal with all requisite details before handing over of the diverted forest land to the user agency. |
| 1.6 | The State Govt. shall ensure that the boundary of the diverted forest land shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.7 | The State Govt. shall ensure that the State Forest Department will raise compensatory afforestation over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.8 | The State Govt. shall ensure that the State Forest Department will raise additional compensatory afforestation over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.9 | The State Govt. shall ensure that the species to be planted in the CA and Addl. CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.10 | The State Govt. shall ensure that State Forest Department shall implement the Site Specific Wildlife Conservation Plan duly approved by Chief Wildlife Warden, Odisha the project cost. |
| 1.11 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLW of the State Govt. There should be regular communication with the local forest department to know the presence/movement of elephant near the track. |
| 1.12 | The State Govt. and User Agency shall ensure that speed regulating signage will be erected along the railway line at regular intervals in Protected Areas/Forest Areas. |
| 1.13 | The State Govt. and the User Agency shall ensure that the designing of new culverts/bridges, if any, over the natural streams/ rivers/canals should be done in such a manner that it does not hamper the natural course of water, does not give rise to water-logging, so that it does not hamper movement of wild animals. |
| 1.14 | The State Govt. and the User Agency shall ensure that the reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed. |
| 1.15 | The State Govt. shall ensure that the user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.16 | The State Govt. shall ensure that the user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.17 | The State Govt. shall ensure that the period of diversion under this approval shall be co-terminus with the period of lease granted in favour of user agency or the project life, whichever is less. |
| 1.18 | The State Govt. shall ensure that no labour camp shall be established on the forest land and the user agency shall provide fuels preferably alternate fuels to the labourers and staff working at the site so as to avoid any damage and pressure on the nearby forest areas. |
| 1.19 | The State Govt. and user agency shall ensure that while executing works, the user agency shall not fell any tree or damage forest growth in the surrounding forest area in any manner. |
| 1.20 | The State Govt. and user agency shall ensure that earth or any material shall neither be brought from nor the debris resulting during construction be disposed of in the adjoining forest area by the user agency. |
| 1.21 | The State Govt. and user agency shall ensure that the layout plan of the proposal shall not be changed without prior approval of the Ministry of Environment, Forest & Climate Change. |
| 1.22 | The State Govt. shall ensure that the forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without prior approval of the Ministry of Environment, Forest & Climate Change. |
| 1.23 | The State Govt. shall ensure that no damage to the flora and fauna of the adjoining area shall be caused. |
| 1.24 | The State Govt. shall ensure that the DFO concerned will monitor and take necessary mitigative measures to ensure that there is no adverse impact on the forests in surrounding area. |
| 1.25 | The State Govt. shall ensure that the user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and Integrated Regional Office of this Ministry by the end of March every year regularly. |
| 1.26 | The State Govt. shall ensure that any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency. |
| 1.27 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.28 | Any other direction issued by the Ministry as a result of Hon'ble Supreme Court order will have bearing on this approval. |
| 1.29 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**

**3. Specific Conditions**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Sujoy Dutta)**
**Assistant Commissioner (Forestry)**


**NOTICE**

By virtue of an affidavit sworn before Executive Magistrate, Banpur, Vide No.- 4068, dated-06/11/2025 I, Adeitya Baghasingh, Address:- S/o- Prasanna Baghasingh, At- Paladhuapalli, Po.- Ayatpur, Ps.- Nachuni, Dist.- Khordha, Odisha, Pin- 752035, declare that I have changed my name from **Ajita Baghasingh** to **Adeitya Baghasingh**. Henceforth, I shall be known as **Adeitya Baghasingh** for all purposes.
Adeitya Baghasingh

**AFFIDAVIT**

**I, Sri Rajesh Kumar Behera, S/o- Sri Chandra Sekhar Behera, R/o At/PO- Bijabandali, PS- Ambadola, Dist.- Rayagada declare that from now onwards my wife named Kshirodara shall be known as KSHIRODRA for all legal purposes by an affidavit No.384 sworn on Dt.09.06.2025.**

**AFFIDAVIT**

I, Rajib Lochan Ratha, S/o- Niranjan Ratha, resident of Po/Ps-Bhanjpur, Baripada, Mayurbhanj, Pin-757002, Odisha declare by this affidavit No. 1373 dtd-31/10/25 that I will be known and signed as Rajib Lochan Ratha for all future purpose instead of Rajib Lachan Ratha, that reflects in my Matric Certificate.

**AFFIDAVIT**

I, Hasamtun Nisha, aged about 42 years, W/o- Fazle Karim, resident of At- Mahemudabad, Po- Kerang, Ps/Dist- Khurda, Odisha, Pin- 752055 declare by this affidavit No. 2281, dtd- 10/11/2025, that now onwards I shall be known as **HASMATUN NISHA** for all future purposes.

**AFFIDAVIT**

By virtue of an affidavit (CF No. 8003, date- 04/11/2025 sworn before the Executive Magistrate, Jharsuguda. I, **Basanti Nayak,** W/o- Keshab Parida, permanent resident of At- A.N. Guhalane, Laxmi Narayan Lane, PO: Budharaja, PS: Town, Dist: Sambalpur, PIN- 768004, Odisha declare that I have changed my minor daughter's name from **Nivedita Parida** (old name) to **Siddhi Parida** (new name). Henceforth, she shall be known as **Siddhi Parida** (new name) for all purposes.
**Basanti Nayak**

**AFFIDAVIT**

By virtue of an affidavit sworn before The Executive Magistrate, Panposh, Uditnagar, Rourkela , date- 23/05/2025. I, **Santosh Kumar Mohanty,** permanent resident of Qr No. D-418, Koelnagar, PO: Saktinagar, PS: Jhirpani, Rourkela, Dist: Dundargarh, PIN: 769014 Odisha declare that I have changed my minor son's name from **Rohan Mohnaty** to **Swarit Mohanty**. Henceforth, he shall be known as **Swarit Mohanty** (new name) for all purposes.
**Santosh Kumar Mohanty**

**AFFIDAVIT**

By virtue of an affidavit sworn before The Executive Magistrate, Deogarh, date- 31/10/2025. I, **Prema Manjari Acharya,** W/o Sribatsha Kumar Acharya, resident of Deogarh Town, Panda Sahi, New Colony, Ward No.2, PO/PS: Deogarh, Tahasil/Dist: Deogarh, Pin: 768108, Odisha declare that I have changed my name from **Premalata Acharya to Prema Manjari Acharya.** Henceforth, I shall be known as **Prema Manjari Acharya** (new name) for all purposes.
**Prema Manjari Acharya**

**AFFIDAVIT**

By virtue of an Affidavit No.6588 dt.04.07.2025 before the Executive Magistrate, Bhadrak I, Balaram Rout, aged 34 years, S/o-Nirmal Rout, At- Ajimatpur, Po-Ananda Bazar, Ps-Dhamnagar, Dist- Bhadrak have declare that my previous nick name was Deepak Kumar Jena S/o-Antaryami Jena and accordingly in my service documents at ATG Tyre Pvt. Ltd. has maintained, but my real name is Balaram Rout S/o-Nirmal Rout. Aadhaar No.6892 3027 4597 and both Deepak Kumar Jena S/o- Antaryami Jena is one and same person and both the names are belong to the deponent and I am known as Balaram Rout S/o-Nirmal Rout for all future purposes.
**Sd/- Balaram Rout**

## ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଶୋଚନୀୟ

# ୯ ବର୍ଷ ହେଲା ମାଟି ମୁଠାଏ ପଡ଼ିନି



- ମସ୍କୁଲା-ରାବଡି ରାସ୍ତାର ରକ୍ଷଣାବେକ୍ଷଣ ନାହିଁ
- ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ
- ସବୁ ଦେଖି ଜାଣି ମଧ୍ୟ ସ୍ଥାନୀୟ ଜନପ୍ରତିନିଧି ଚୁପ୍

**ଶଗଡା,୧୦।୧୧(ସମିସ)**

କଣ୍ଠାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ମସ୍କୁଲାରୁ ରାବଡି ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି। ୨୦୧୬ ମସିହାରେ ପ୍ରାୟ ୬୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ନିର୍ମାଣରୁ ୯ ବର୍ଷ ବିତି ଯାଇଥିଲେ ହେଁ ଏହାର ମରାମତି କରାଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାରୁ ପିଚୁ ଉଠି ଗଲାଣି। ରାସ୍ତା ସାରା ଖାଲଖମା। ଲୋକେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଏଭଳି ଅବସ୍ଥା ଯୋଗୁ ଅନେକ ଦୁର୍ଘଟଣା ଘଟୁଥିବା ଲୋକେ ଅଭିଯୋଗ କରିଛନ୍ତି। ବିଶେଷ କରି ଦୁଇ ଚକିଆରେ ଯାଉଥିବା ଲୋକେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଥରେ ଯିଏ ଏହି ରାସ୍ତାରେ ପଡି ଖଣ୍ଡିଆଖାବରା ହେଉଛି ଦ୍ୱିତୀୟ ଥର ଏହି ରାସ୍ତାରେ ଯିବା ବେଳକୁ ଭାବୁଛି। ଅନେକ ଲୋକ ବିକଳ୍ପ ରାସ୍ତାରେ ଯାଉଛନ୍ତି। ଆଉ କିଛି ଲୋକେ ବାଧ୍ୟ ହୋଇ ଏହି ରାସ୍ତାରେ ଯିବା ଆସିବା କରୁଛନ୍ତି। ତେବେ ସରକାର ଗ୍ରାମାଞ୍ଚଳର ରାସ୍ତାର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ରାସ୍ତାର ରକ୍ଷଣାବେକ୍ଷଣ ନେଇ କିନ୍ତୁ ବିଭାଗୀୟ ଅଧିକାରୀ ଆଗ୍ରହ ଦେଖା ନାହାନ୍ତି। ସ୍ଥାନୀୟ ଜନ ପ୍ରତିନିଧି ମଧ୍ୟ ଚୁପ୍। ଏଣୁ ସାଧାରଣ ଲୋକ ହଇରାଣ ହେଉଛନ୍ତି। ଜରୁରିକାଳୀନ ସମୟରେ ଏହି ରାସ୍ତାରେ ଆମ୍ବୁଲାନ୍ସ କିମ୍ବା ଦମକଳ ଯିବା ଆସିବା ବଡ଼ ବଡ଼ ସମସ୍ୟା ସୃଷ୍ଟି ହେଉଛି। ଏ ସଂପର୍କରେ ମନମୁଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ରାସ୍ତାକୁ ନେଇ ଉଚ୍ଚ ନ୍ୟାୟଳୟରେ ମାମଲା ଚାଲିଛି। ମାମଲା ସରିଲେ ଶୀଘ୍ର ଟେଣ୍ଡର ହୋଇ ରାସ୍ତା ନିର୍ମାଣ ଆରମ୍ଭ କରାଯିବ ବୋଲି କହିଛନ୍ତି।

# ଡୁଙ୍ଗୁରିପାଲିରେ ଅଭିଯୋଗ ଶୁଣାଣି



**ଡୁଙ୍ଗୁରିପାଲି,୧୦।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଇଚ୍ଛାପୁର ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ନାରାୟଣ ନାଏକ ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୧୨୨ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତନ୍ମଧ୍ୟରୁ ୧୦୯ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବାବେଳେ ୧୨ ଗୋଟି ସାମୁହିକ ଦରଖାସ୍ତ, ଗୋଟିଏ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୬ ଗୋଟି ଅଭିଯୋଗର ତୁରନ୍ତ ଶୁଣାଣି କରି ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ ଦିଲୀପ କୁମାର ବାଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲ୍ଲାପାଳ ସୁମ୍ୟାରୁପା ରଥ, ଇଚ୍ଛାପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ତହସିଲଦାର ବିମଳ କିଶୋର ପତ୍ର ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ଓ ଉପଶମ ଶିବିରରେ ଚାରି ଜଣ ଭିନ୍ନକ୍ଷମ ହିତାଧିକାରୀ ସନଫଟାମୁଣ୍ଡାର ଯଶୋବନ୍ତି ଭୁଏ, ସାହଜ ବହାଲର ବୁଧୁ ପଟେଲ, ପିଙ୍କି ସାହୁ, ଶାନ ଫଟାମୁଣ୍ଡାର ପୁରୁଷୋତ୍ତମ ଅଦାବର ପ୍ରମୁଖଙ୍କୁ ଜିଲ୍ଲାପାଳ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ପରେ ମଧୁବାବୁ ପେନସନ ଯୋଜନରେ ଦୁଇ ଜଣ ଭିନ୍ନକ୍ଷମ ହିତାଧିକାରୀ କନ୍ଧମୁଣ୍ଡା ଶାନ୍ତି ପଟେଲ, ସାହାଜ ବାହାଲର ଆୟୁଷ୍ମୀ ଦୀପ ଓ କର୍ଲାଜୁରି ଗ୍ରାମ ପଞ୍ଚାୟତ ମହୁଲ ପାଲି ଗ୍ରାମର ଦ୍ରୌପଦୀ ବିଶିଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା।

# ପ୍ରାତଃଭ୍ରମଣବେଳେ ଭାଲୁ ଆକ୍ରମଣ

**ପଲଶାଗୋରା,୧୦।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ମନମୁଣ୍ଡା ଥାନା ପଲଶାଗୋରା ଗ୍ରାମର ଜଣେ ବ୍ୟକ୍ତି ଭାଲୁ କାମୁଡ଼ାରେ ଗୁରୁତର ହୋଇଛନ୍ତି। ଏହି ବ୍ୟକ୍ତି ଜଣକ ହେଲେ ପୀତବାସ ପ୍ରଧାନ (୪୩)। ସେ ପ୍ରାତଃ ଭ୍ରମଣରେ ଯାଇଥିବା ବେଳେ ୪୧ ନମ୍ବର ରାଜ୍ୟ ରାଜପଥ ଧାନଖଣ୍ଡି ଛକ ନିକଟ ପାଣିଟାଙ୍କିଠାରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସବୁଦିନ ଭଳି ସୋମବାର ଭୋର ସାଢେ ୫ଟାରେ ସେ ନିଜ ଘରୁ ରୁଣ୍ଡିମହୁଲ ପଟକୁ ଯାଉଥିଲେ। ଏତିକିବେଳେ ହଠାତ୍ ଏକ ଭାଲୁ ତାଙ୍କ ନିକଟକୁ ମାଡି ଆସି ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ବାମ ଗୋଡକୁ କାମୁଡି କିଛି ବାଟ ଟାଣି ନେଇଥିଲା ଉକ୍ତ ଭାଲୁ। ପୀତବାସ ସାହସ ଜୁଟାଇ ଭାଲୁ ମୁହଁକୁ ଧରି ତଳେ ଘଷି ଦେବାରୁ ଭାଲୁଟି ତାଙ୍କୁ ଛାଡି ପଳାଇଥିଲା। ଏହାଫଳରେ ଅଳ୍ପକେ ସେ ବର୍ତ୍ତି ଯାଇଛନ୍ତି।

# ଧନୁଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ



**ବୀରମହାରାଜପୁର,୧୦।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବାଗବାର ପଞ୍ଚାୟତର ଷଣ୍ଢା ଗ୍ରାମରେ କୁରାଳ ସମାଜ ତରଫରୁ ଆସନ୍ତା ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ କୁରାଳପଞ୍ଚାମୀ ଅବସରରେ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମାଜର ସଭାପତି ଜିବର୍ଦ୍ଧନ ରଣା, ସଂପାଦକ ଗୁପ୍ତେଶ୍ୱର ରଣା, ଉପଦେଷ୍ଟା ସୁରେଶ ରଣାଙ୍କ ସହ ଗ୍ରାମବାସୀ ଓ ଜିଲ୍ଲାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥର ଧନୁଯାତ୍ରାରେ ପଶ୍ଚିମ ଓଡିଶାର ମହାନ ଖଳନାୟକ ରାମପୁର ସାରସମାଲ ଗ୍ରାମର ମନୋରଞ୍ଜନ ଚିର୍ଗୁନ କଂସ ଭୂମିକାରେ ଅଭିନୟ କରିବେ। ଏଥିସହ ପ୍ରତ୍ୟେକ ଦିନ କୁରାଳ ପୁରାଣ ପଠନ ଓ ସନ୍ଧ୍ୟାରେ କଂସ ଦରବାର ସହ ମିନାବଜାର ଆୟୋଜିତ ହେବ ବୋଲି ଜଣାପଡ଼ିଛି।

# ମାତଙ୍ଗେଶ୍ୱର ମନ୍ଦିର ନିକଟ ପୂଜା ଭଣ୍ଡାରରୁ ଚୋରି

**ବୌଦ୍ଧ,୧୦।୧୧(ସମିସ):** ବୌଦ୍ଧ ସହର ମାତଙ୍ଗେଶ୍ୱର ଶିବମନ୍ଦିର ନିକଟ ପୂଜା ଭଣ୍ଡାରରୁ ବିଳମ୍ବିତ ରାତିରେ ତାଲା ଭାଙ୍ଗି ଚୋରି ହୋଇଛି।

ମନ୍ଦିର ନିକଟରେ ପୂଜା ଭଣ୍ଡାର ଦେଇଥିବା ଲୋକେଶ ବିଶ୍ୱନାଥ ମହାପାତ୍ରଙ୍କ ଦୋକାନର ତାଲା ଓ ହୁକ୍ ଖୋଲି ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଦୋକାନର କିଛି ସାମଗ୍ରୀ ଓ ନଗଦ ଟଙ୍କା ନେଇ ଯାଇଛନ୍ତି। ଏ ସମ୍ପର୍କରେ ବୌଦ୍ଧ ପୋଲିସକୁ ସୂଚନା ଦେବାପରେ ପିସିଆର ଆସି ପ୍ରାରମ୍ଭିକ ତଦନ୍ତ କରିଛି।

# ୩୬ ୟୁନିଟ୍ ରକ୍ତ ସଂଗ୍ରହ



**ବୌଦ୍ଧ,୧୦।୧୧(ସମିସ):** ବୌଦ୍ଧ ଜିଲ୍ଲା ରକ୍ତଭଣ୍ଡାରରେ ବଜରଙ୍ଗ ଦଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ଚକିତ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରକୁ ଜିଲ୍ଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଶମ୍ଭୁ ପ୍ରସାଦ ମିଶ୍ର, ରକ୍ତ ଭଣ୍ଡାରର ଡାକ୍ତର ନାରାୟଣ ପଶାୟତ, ବରିଷ୍ଠ ରକ୍ତଦାତା ଡ. ସଞ୍ଜୟ ପଣ୍ଡା, ଜୟନାରାୟଣ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ମୋଟ ୩୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ସାଲୁଙ୍କି ବାମ କେନାଲରେ ପାଣି ଛାଡ଼



ବୌଦ୍ଧ,୧୦।୧୧(ସମିସ): ସାଲୁଙ୍କି ବାମ କେନାଲରେ ପାଣି ଛାଡିବା ଦାବିରେ ବିଭିନ୍ନ ଗ୍ରାମର ଚାଷୀ ବୌଦ୍ଧ ଜଳସେଚନ ବିଭାଗ କାର୍ଯ୍ୟାଳୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରବି ଋତୁରେ ଡାଲୁଅ ଧାନ ସହ ବହୁ ଚାଷୀ ପନିପରିବା ଚାଷ କରନ୍ତି। ବିଗତ ବର୍ଷରେ ସାଲୁଙ୍କି ବାମ କେନାଲରେ ଜଳ ଯୋଗାଣ ବନ୍ଦ ହେତୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ତେଣୁ ଚଳିତବର୍ଷ ମୁଖ୍ୟ କେନାଲରେ ପାଣି ଛାଡିଲେ ସେମାନେ ଧାନ ଓ ପନିପରିବା ଚାଷ ପାଇଁ ପଦକ୍ଷେପ ନେବେ ବୋଲି ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ରବିନ୍ଦ୍ର ଦେଓଙ୍କ ନେତୃତ୍ୱରେ ବଡମାଲ୍, କୁଲୁତାଖଲି, ବଡ ଖଲିଗାଆଁ, ରାଉତ ବାହାଲ୍, କଳା ପଥର, ମୁଣ୍ଡି ପଦର, କନକପୁର ଆଦି ୮ଟି ଗ୍ରାମର ଚାଷୀ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ।

## ମା' ନାରାୟଣୀ କ୍ରିକେଟ୍ ପ୍ରତିଯୋଗିତା | ସାମସିଙ୍ଗା ଚାମ୍ପିଅନ୍



**ବୀରମହାରାଜପୁର,୧୦।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ମୃଷୁନ୍ଦୀ ଗ୍ରାମପଞ୍ଚାୟତ ଘଣ୍ଟପାଲି ପଡ଼ିଆରେ ଚାଲିଥିବା ମା' ନାରାୟଣୀ କ୍ରିକେଟ୍ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। କମିରା ଓ ସାମସିଂହା ମଧ୍ୟରେ ଫାଇନାଲ ମ୍ୟାଚ୍ ଦୁଇଟି ଫର୍ମାଟରେ ଖେଳାଯାଇଥିଲା। ୭ ଓଭର୍ ବିଶିଷ୍ଟ ପ୍ରଥମ ଫର୍ମାଟରେ କମିରା ଦଳ ବ୍ୟାଟିଙ୍ଗ କରି ସମସ୍ତ ଉଇକେଟ ହରାଇ ୪୭ ରନ୍ କରିଥିଲେ। ଜବାବରେ ସାମସିଂହା ଦଳ ୩.୫ ଓଭରରେ ୧ ଉଇକେଟ୍ ହାରାଇ ୪୮ ରନ୍ କରି ବିଜୟୀ ହୋଇଥିଲେ। ଦ୍ୱିତୀୟ ଫର୍ମାଟରେ କମିରା ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୯.୩ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୨୦ ରନ୍ କରିଥିଲେ। ଜବାବରେ ସାମସିଂହାଦଳ ୯.୪ ଓଭରରେ ୩ ଉଇକେଟ ହରାଇ ୧୨୪ ରନ୍ କରି ଚାମ୍ପିଅନ୍ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଆକାଶ ସାହୁ, ଶୁଭମ୍ ସାହୁ, ଲୁତୁରପଙ୍କ ପୂର୍ବତନ ସରପଞ୍ଚ ରାଧାମାଧବ ବେହେରା ଯୋଗଦେଇ ବିଜେତା ଓ ଉପବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ। ଧନମାଳି ହୋତା, ରୋସନ୍ ସାମଲ୍, ଖେଳ ପରିଚାଳନା କରିଥିଲେ। ଲିପୁନ ହୋତା ସ୍କୋରର, ମାନସ ଚାନ୍ଦ, ବେଣୁଧର ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଉମା ଶଙ୍କର ପୋଢ, ଗୌରାଙ୍ଗ ସାମଲ, ସୁନିଲ ପଧାନ, ଶିବୁଲ ପଧାନ, ବିଭୂତି ପଧାନ, ବୁଲୁ ପଧାନ, ରିଲନ ସାମଲ ଏହି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଜାନୁଆରୀ ୭ରୁ ସର୍ବ ଭାରତୀୟ ବରଗୋଛା କ୍ରିକେଟ କପ୍



**ମନମୁଣ୍ଡା,୧୦।୧୧(ସମିସ):** ଜାନୁଆରୀ ୭ରୁ ସର୍ବ ଭାରତୀୟ ବରଗୋଛା କ୍ରିକେଟ କପ୍ ଆରମ୍ଭ ହେବ। ବରଗୋଛା ଶ୍ରୀ ଜଗନ୍ନାଥ ପାଠାଗାର ଦ୍ୱାରା ଏହା ଆୟୋଜନ ହେବ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ସଭାପତି ଶାନ୍ତନୁ ଥାଟିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇ ଦଳ ଚୟନ କରାଯାଇଥିଲା। ପୂର୍ବ ବର୍ଷ ଅପେକ୍ଷା ପୁରସ୍କାର ରାଶି ବୃଦ୍ଧି କରାଯାଇଛି। ଅଧିକ ଆକର୍ଷଣୀୟ ପାଇଁ ଅନେକ ଯୋଜନା ହାତକୁ ନିଆଯାଇଥିବା ସଭାପତି ଶ୍ରୀ ଥାଟି କହିଛନ୍ତି।

ଏହି ୧୯ ତମ ସର୍ବଭାରତୀୟ ବରଗୋଛା କ୍ରିକେଟ କପ୍- ୨୦୨୬ ପାଇଁ ବିଜୟୀ ଦଳକୁ ୮୦ ହଜାର ଏବଂ ଉପ ବିଜେତା ଦଳକୁ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ। କମିଟିର ବରିଷ୍ଠ ସଭ୍ୟ ତନ୍ମୟ ସାହୁ ଓ ପୂର୍ଣ୍ଣଚନ୍ଦ୍ର ପରଡିଆଙ୍କ ନେତୃତ୍ୱ ଓ ପାଠାଗାର ସଭ୍ୟଙ୍କ ସହଯୋଗରେ ଆବେଦନ କରିଥିବା ଦଳଗୁଡ଼ିକୁ ନେଇ ସିଧା ପ୍ରସାରଣ ମାଧ୍ୟମରେ ଲଟରୀ ଜରିଆରେ ସିଆରଏନ୍ ୧୧ ତାଳଚେର, କମାଣ୍ଡୋ ୧୧ ଭୁବନେଶ୍ୱର, ଷ୍ଟାର ୧୧ ସିଉଲା ପୁରୀ, ସୁହାନି ୧୧ ୱେଷ୍ଟ ବେଙ୍ଗଲ, ଇମେଜ ୧୧ ଭଦ୍ରକ, ଏମ ଏସଟି ବଲାଙ୍ଗୀର, ଡିସିସି ସନ୍ଥପୁରା କେନ୍ଦ୍ରାପଡ଼ା, ମହାକାଳ ୧୧ ଝାରସୁଗୁଡାକୁ ଚୟନ କରାଯାଇଥିଲା।

କାହା ସାଙ୍ଗରେ କିଏ ଖେଳିବେ (ଫିକ୍‌ଚର) ମଧ୍ୟ ଲଟେରୀ ମାଧ୍ୟମରେ ନିଷ୍ପତ୍ତି ନିଆଯାଇଛି। ଅଭିଜ୍ଞ ଉଚିତ କୁମାର ଡାଙ୍ଗ ଓ ବିଶ୍ୱାମିତ୍ର ମହଲାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି।

# ବରପଦର ଶ୍ରୀରାମ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



**ପଲଶାଗୋରା,୧୦।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ପଞ୍ଚାୟତ ବରପଦର ଶ୍ରୀରାମ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରୁଣ୍ଡିମହୁଲ ସେବା ସମବାୟ ସମିତି ସଭାପତି ସୁଧୀର ଖଟୁଆ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଉଦ୍ଧବ ମହାଲିକ, ଶିକ୍ଷକ ନିବେଦନ ସାହୁ, ଶିକ୍ଷକ ଅକ୍ରୁର ପ୍ରଧାନ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ ବରପଦର (ବି) ଓ ବଡ଼ ଝାରମୁଣ୍ଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ବଡଝାରମୁଣ୍ଡା ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ରୁଣ୍ଡିମହୁଲ ଓ ଲୋକାପଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ରୁଣ୍ଡିମହୁଲ ଦଳ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ରୁଣ୍ଡିମହୁଲ ଓ ବଡ଼ ଝାରମୁଣ୍ଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ବଡ଼ ଝାରମୁଣ୍ଡା ଦଳ ବିଜୟୀ ହୋଇଥିଲା। ସଙ୍କେତ ସାହୁ ଓ ସଂଶିତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ସୁଧାଂଶୁ ଶେଖର ମହାକୁଡ଼ ଓ ସନ୍ତୋଷ ସାହୁ ଧାରବିବରଣୀ ଦେଇଥିବା ବେଳେ ସୌରଭ ଦଣ୍ଡିଆ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ସନ୍ତରଣରେ ବୌଦ୍ଧ ଶିଶୁ ମନ୍ଦିରର ସଫଳତା

**ବୌଦ୍ଧ,୧୦।୧୧(ସମିସ):** ସମ୍ବଲପୁରସ୍ଥିତ ଡା. ଝସକେତନ ସାହୁ ସନ୍ତରଣାଗାରରେ ଅନୁଷ୍ଠିତ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ବୌଦ୍ଧ ଜିଲ୍ଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଷଷ୍ଠ ଶ୍ରେଣୀର ଛାତ୍ର ଶ୍ରୀମାନ ପ୍ରୀୟାଂଶୁ ପତଙ୍ଗ ସଫଳତା ହାସଲ କରିଛନ୍ତି। ସେ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ୫୦ ମିଟର ବଟରଫ୍ଲାଏରେ ରୌପ୍ୟ ପଦକ ଲାଭ କରିଛନ୍ତି।



# ଦିଲ୍ଲୀରେ ବିସ୍ଫୋରଣ

# ସମ୍ବଲପୁରରେ ହାଇଆଲର୍ଟ

ଭୁବନେଶ୍ୱର, ୧୦।୧୧(ସମିସ): ନୂଆଦିଲ୍ଲୀର ଲାଲକିଲାରେ କାର୍ ବିସ୍ଫୋରଣରେ ୮ ଜଣଙ୍କ ମୃତ୍ୟୁ ହେବାପରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ହାଇଆଲର୍ଟ ଜାରି ହୋଇଛି। ବିଶେଷକରି ପୁରୀ ଓ ସମ୍ବଲପୁରକୁ ହାଇଆଲର୍ଟରେ ରଖାଯାଇଛି। ସେହିପରି ରାଜଧାନୀ ଭୁବନେଶ୍ୱର ସମେତ ପ୍ରାୟସବୁ ସହରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ବନ୍ଦର ସହର ଗୋପାଳପୁର ଏବଂ ପାରାଦୀପରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ରାଉରକେଲା, ସୁନ୍ଦରଗଡ଼, ବ୍ରହ୍ମପୁର ସମେତ ବିଭିନ୍ନ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବାକୁ ସମସ୍ତ ଜିଲ୍ଲାର ଏସ୍‌ପିମାନେ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସଂଧାରେ କମିସନରେଟ୍ ପୁଲିସ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ପୁଲିସ ଅଧିକାରୀମାନେ ସାମିଲ ହୋଇ ଆଲୋଚନା କରିଛନ୍ତି। ଗୁଇନ୍ଦା ବ୍ୟବସ୍ଥାକୁ ବଢ଼ାଇବା ସହ ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ଚେକିଂ, ବ୍ଲକିଂ କରିବାକୁ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ, ଭୁବନେଶ୍ୱରର ବିଭିନ୍ନ ଛକରେ ପୁଲିସ ପକ୍ଷରୁ କଡ଼ାକଡ଼ି ଚେକିଂ କରାଯାଉଛି। ଗା?ଗୁଡ଼ିକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ସେହିପରି ଭୁବନେଶ୍ୱର ବିମାନବନ୍ଦର, ରେଳଷ୍ଟେସନ୍, ପ୍ରବେଶପଥ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ ବ?ାଯାଇଛି। ଥାନାସ୍ତରରେ ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଗୋଟିଏ ହୋଟେଲରୁ ଅନ୍ୟ ହୋଟେଲକୁ ବୁଲିବୁଲି ଅତିଥିଙ୍କୁ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହିତ ରୁମ୍ ଯାଞ୍ଚ କରୁଛି। ସମ୍ବଲପୁରର ସମଲେଇ ମନ୍ଦିର ଏବଂ ହୀରାକୁଦ ଡ୍ୟାମ୍‌ର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏହାସହ ରାଉରକେଲାର ବିଭିନ୍ନ ହୋଟେଲରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି। ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

- ମା' ସମଲେଇ ମନ୍ଦିର ଓ ହୀରାକୁଦର ସୁରକ୍ଷା ବଢ଼ିଲା
- ବଢ଼ିଲା ଚେକିଂ, ବ୍ଲକିଂ; ହୋଟେଲ ଯାଞ୍ଚକୁ ଗୁରୁତ୍ୱ





## ଅଜିତ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଧାରଣା

ବୀରମହାରାଜପୁର,୧୦।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବାଘମାରୀ ଗାଁର ଅଜିତ ଖଣ୍ଡଗିରିଙ୍କୁ ନିକଟସ୍ଥ ମେଣ୍ଢାମାଳ ଗାଁରେ ଗତ ୨ ମାସ ତଳେ ହତ୍ୟା କରାଯାଇଛି। ଏହି ମାମଲାରେ ୪ଜଣ ଗିରଫ ହୋଇଛନ୍ତି। ଆଉ ୩ଜଣଙ୍କୁ ପୁଲିସ ଏ ପର୍ଯ୍ୟନ୍ତ ଗିରଫ କରିନି। ଏହାର ପ୍ରତିବାଦରେ ସୋମବାର ବୀରମହାରାଜପୁର ଆଦର୍ଶ ଥାନା ଆଗରେ ମୃତ ଅଜିତଙ୍କ ସ୍ତ୍ରୀଙ୍କ ସହ ଶତାଧିକ ଗ୍ରାମବାସୀ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ସେମାନଙ୍କ ଗୋଟିଏ ଜିଦ୍ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କର। ନ ହେଲେ ଆନ୍ଦୋଳନ ଜାରି ରହିବ। ଅଜିତଙ୍କ ବାପା ଭୁବନ ଖଣ୍ଡଗିରି, ମାଆ ଆରତୀ ଖଣ୍ଡଗିରି, ମାଈଁ ପ୍ରତିଭା ମହାକୁର, ଭଉଣୀ ରୁବିଙ୍କ ସମେତ ବାଘମାରି ଗ୍ରାମର ଶତାଧିକ ପୁରୁଷ ମହିଳା ସାମିଲ ହୋଇଥିଲେ। ଆନ୍ଦୋଳନକାରୀଙ୍କ ସହ ବୀରମହାରାଜପୁର ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ, ଏସଡିପିଓ ହେମନ୍ତ ରାଓ ଆଲୋଚନା କରିଥିଲେ। ତେବେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ପୁଲିସ କେବଳ ପ୍ରତିଶ୍ରୁତି ଦେଉଛି। ସେମାନଙ୍କୁ କିନ୍ତୁ ଗିରଫ କରୁନି। ଏଣୁ ତାଙ୍କ ପରିବାର ଓ ଗାଁ ଲୋକଙ୍କୁ ବୀରମହାରାଜପୁର ପୁଲିସ ଉପରୁ ବିଶ୍ୱାସ ତୁଟି ଯାଉଛି। ଅଭିଯୁକ୍ତଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ସେମାନେ ଅହୋ ରାତ୍ର ଧାରଣାରେ ବସିବେ ବୋଲି ଅଜିତ୍‌ଙ୍କ ସ୍ତ୍ରୀ କହିଛନ୍ତି। ଆହୁରି ମଧ୍ୟ ସେ କହିଛନ୍ତି ଯେ ଏହି ଧାରଣାରେ ବସିଥିବା ବେଳେ ଯାହା କ୍ଷୟକ୍ଷତି ହେବ ପୁଲିସ ଦାୟୀ ରହିବ। ସୂଚନାଯୋଗ୍ୟ, ଅଗଷ୍ଟ ୨୮ ରାତି ପ୍ରାୟ ସାଢେ ୯ଟାରେ ମେଣ୍ଢାମାଳଠାରେ ଏହି ହତ୍ୟାକାଣ୍ଡ ସଂଗଠିତ ହୋଇଥିଲା। ଏସଂକ୍ରାନ୍ତରେ ବୀରମହାରାଜପୁର ଥାନାରେ ଅଗଷ୍ଟ ୨୯ରେ ମାମଲା ରୁଜୁ ହୋଇଥିଲା।

## ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରତିବାଦ

କନ୍ଧମାଳ,୧୦।୧୧(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ପଞ୍ଚାୟତ କାର୍ଯ୍ୟାଳୟ ଡୁମାଲପାଲିକୁ ସ୍ଥାନାନ୍ତର କରିବାକୁ ପ୍ରତିବାଦ ଜୋର୍ ଧରିଛି। ଜନସାଧାରଣଙ୍କ ପକ୍ଷରୁ ଏଥିଲାଗି ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହେଇଥିଲା। କନ୍ଧମାଳ ତହସିଲଦାର ଓ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କନ୍ଧମାଳ ପଞ୍ଚାୟତର ପଞ୍ଚାୟତ ଭବନ ନିର୍ମାଣ ପାଇଁ ସରକାର ବର୍ତ୍ତମାନର ପଞ୍ଚାୟତ କାର୍ଯ୍ୟାଳୟଠାରୁ ୩ କିଲୋମିଟର ଦୂର ଡୁମାଲପାଲିଠାରେ ସ୍ଥାନ ନିରୂପଣ କରିଛନ୍ତି। ସେଠାରେ କନ୍ଧମାଳ ବିଡିଓ ଉଦ୍‌ଘାଟନ କରିଥିଲେ। ଏହି ଘଟଣାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ କନ୍ଧମାଳ ପଞ୍ଚାୟତର ୱାର୍ଡସଭ୍ୟ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନ ସାଧାରଣ ବର୍ତ୍ତମାନର ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ରହିଥିବା ସରକାରୀ ଜମିରେ ପଞ୍ଚାୟତ ଭବନ ନିର୍ମାଣ କରାଗଲେ ଲୋକଙ୍କ କାମରେ ଆସିବ ବୋଲି କହିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ, ନିର୍ବାଚିତ ପ୍ରତିନିଧି ଓ ସହସ୍ରାଧିକ ଜନସାଧାରଣଙ୍କ ସ୍ୱାକ୍ଷରିତ ଦାବିପତ୍ର ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ପୂର୍ବରୁ ପ୍ରଦାନ କରାଯାଇଛି। ସୋମବାର ଲୋକେ କନ୍ଧମାଳ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ପ୍ରସ୍ତାବିତ ସ୍ଥାନାନ୍ତରକୁ ବିରୋଧ କରି ତହସିଲଦାର ଓ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ହରଭଙ୍ଗାରେ ଅଭିଯୋଗ ଶୁଣାଣି

ପୁରୁଣା କଟକ/ହରଭଙ୍ଗା, ୧୦।୧୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ଓ ଅତିରିକ୍ତ ଏସ୍‌ପି ସାର୍ଥକ ରାୟ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୩ଟି ସାମୂହିକ ଏବଂ ୬୯ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ତେବେ ୩୪ଟି ଅଭିଯୋଗର ତତ୍କାଳୀନ ସମାଧାନ କରାଯାଇଥିଲା। ଏହି ଅବସରରେ ୬ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ହରଭଙ୍ଗା ବିଡ଼ିଓ ବିଜୟ ପ୍ରଧାନ ସଭାପତିତ୍ୱ କରିଥିଲେ।

## ଭିତ୍ତିଭୂମି ନ ଥାଇ ୟୁଏସ୍ ଲାଗୁକୁ ବିରୋଧ




ମନମୁଣ୍ଡା,୧୦।୧୧(ସମିସ):ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଭିତ୍ତିଭୂମି ନ ଥାଇ ୟୁଏସ୍ ଲାଗୁ କରିବାକୁ ବିରୋଧ କରାଯାଇଛି। ଏ ନେଇ ରାଜ୍ୟ ସଭାପତି ଅନିତା ମେହେର, ସଭାପତି ନୀଳାଚଳ ଭୋଇ, ସମ୍ପାଦକ ଶିଶିର ଖଟୁଆ, ଯୁଗ୍ମ ସମ୍ପାଦକ ଟଂକୁ ଅମାତ ପ୍ରମୁଖଙ୍କ ନେତୃତ୍ୱରେ କନ୍ଧମାଳ ବିଇଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକର ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସମସ୍ତ ଶିକ୍ଷକଙ୍କୁ ଗୋଟିଏ କ୍ୟାଡରଭୁକ୍ତ କରିବା, ସମସ୍ତ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ପୂରଣ କରିବା ସହ କେନ୍ଦ୍ରୀୟ ହାରରେ ସମସ୍ତ ଶିକ୍ଷକଙ୍କୁ ଦରମା ପ୍ରଦାନ କରିବା, ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ ଗୃହ, ୟୁଏସ୍ ପାଇଁ ଆବଶ୍ୟକ ନେଟ୍ ପାଇଁ ଖର୍ଚ୍ଚ, ସମସ୍ତଙ୍କୁ ମୋବାଇଲ ସେଟ୍ ଯୋଗାଇଦେବା ପରେ ୟୁଏସ୍ ଲାଗୁ କରିବାକୁ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷକ ସଂଘ କାର୍ଯ୍ୟକର୍ତ୍ତା କେଶବ ପ୍ରଧାନ, ନରେଶ କର୍ମି, ସୁଶୀଳ ପ୍ରଧାନ, ପ୍ରଜିନା ପାଢ଼ୀ, ହୃଦୟ ଦନ୍ତା, ସୁଶାନ୍ତ ଭୋଇ, ନିରଞ୍ଜନ ସାହୁ, ରାଜେନ୍ଦ୍ର ସାହୁ, ଇତିଲାଲ ମହାନ୍ତି, ମଦନ ମେହେର ପ୍ରମୁଖ ଯୋଗଦେଇ ଦାବିପତ୍ର ପ୍ରଦାନ କରିଥିଲେ।

## ବାଲି ବୋଝେଇ ହାଇୱା ଧକ୍କାରେ ଯୁବକ ମୃତ

ବୀରମହାରାଜପୁର,୧୦।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ପିତାମହୁଲ ପଞ୍ଚାୟତର ଦୁରଦୁରା ନିକଟରେ ଏକ ବାଲି ବୋଝାଇ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଲୁତୁରପଙ୍କ ଗ୍ରାମର ସୁରମଣି ସାହୁଙ୍କ ବଡ଼ ପୁଅ ଲାଭ ସାହୁ (୪୦)। ସୋମବାର ସେ ତାଙ୍କ ଶଶୁର ଘର ଖଟୁଆପଡା ଗ୍ରାମକୁ ଯାଇ ଏକୁଟିଆ ଘରକୁ ଫେରୁଥଲେ। ଦୁରଦୁରା ନିକଟରେ ଏକ ବାଲି ବୋଝେଇ ହାଇୱା ଧକ୍କା ଦେଇ ତାଙ୍କୁ ଚାପି ଦେଉଥିଲା। ଏହାଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ମୃତଦେହ ଜବତ କରି ବୀରମହାରାଜପୁର ଡାକ୍ତରଖାନାକୁ ନିଆଯାଇଛି। ତେବେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଶବ ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି। ଦୁର୍ଘଟଣା ଘଟାଇ ଥିବା ହାଇୱା ଘଟଣା ସ୍ଥଳରୁ ଫେରାର ହୋଇଛି। ଏନେଇ ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନଙ୍କୁ ପଚାରିବାରୁ କେମିତି ଦୁର୍ଘଟଣା ହେଲା ତାହାର ତଦନ୍ତ ଚାଲିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ପଦ୍ମଲାଭ ଜଣେ ଚାଷୀ। ତାଙ୍କ ସାନ ଭାଇଙ୍କ ମାସେ ପୂର୍ବରୁ କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଛି। ତେବେ ଏହି ଘଟଣା ପରେ ପଦ୍ମଲାଭଙ୍କ ୨ ପୁଅ, ଗୋଟିଏ ଝିଅ, ପତ୍ନୀଙ୍କ ସମେତ ଘର ଲୋକଙ୍କ କାନ୍ଦବୋବାଳି ପଡିଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ବଣାଇଁ,୧୦।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ବାବୁନୁଆଗାଁ ଛକ ନିକଟରେ ବାଇକ ଓ ସାଇକଲ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆଜି ସନ୍ଧ୍ୟା ସମୟରେ ଲହୁଣୀପଡ଼ା ପଟୁ ଦଲକି ଗ୍ରାମର ସମ୍ବିତ ହେମ୍ବ୍ରମ (୩୦) ଓ ତାଙ୍କ ଭାଉଜ ଜୟନ୍ତୀ ହେମ୍ବ୍ରମ(୩୨) ଏକ ବାଇକ ଯୋଗେ ଲହୁଣୀପଡା ଥାନା ଅନ୍ତର୍ଗତ ବାଜିନିଆ ଗ୍ରାମକୁ କୌଣସି କାମରେ ଆସି ସନ୍ଧ୍ୟାରେ ନିଜ ଗାଁ ଦଲକି ଫେରୁଥିବା ବେଳେ ବାବୁନୁଆଗାଁ ଛକ ନିକଟରେ ଏକ ସାଇକଲ୍ ଆରୋହୀଙ୍କ ସହ ଧକ୍କା ହୋଇଥିଲା। ଫଳରେ ବାଇକରେ ବସିଥିବା ସମ୍ବିତ ଓ ତାଙ୍କ ଭାଉଜ ଜୟନ୍ତୀ ଉଭୟ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସମ୍ବିତ ଗୁରୁତର ହୋଇଥିବା ବେଳେ ଭାଉଜ ଜୟନ୍ତୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଉଭୟଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ସମ୍ବିତକୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

## ସୁବର୍ଣ୍ଣରେଖା ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ରାଉରକେଲା,୧୦।୧୧(ସମିସ): ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ସୁବର୍ଣ୍ଣରେଖା ପରିବାର ତରଫରୁ ଚଳିତ ବର୍ଷର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଲାମାନଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ଚିତ୍ରକଳା, ମେଧା ପରୀକ୍ଷା, ବାଲତି ବଲ ଭଳି ଖେଳ ସବୁ ହୋଇଥିଲା। ମହିଳା ଓ ପୁରୁଷମାନଙ୍କ କ୍ଷେତ୍ରରେ ମ୍ୟୁଜିକ୍ ପିଲୋ, ବେଲୁନ ଫୁଟେଇବା ଇତ୍ୟାଦି ଖେଳାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଉଦ୍ୟୋଗପତି ସନ୍ଧ୍ୟାରାଣୀ ଦେଓ, ଗାୟତ୍ରୀ ଆର୍ଟ ଆଣ୍ଡ କ୍ରାଫ୍ଟ ରାଉରକେଲାର ଅଧ୍ୟକ୍ଷା ଡଃ ଶକ୍ତିପ୍ରଦା ଜେନା ଯୋଗଦେଇଥିଲେ। ଏହି କ୍ରୀଡ଼ା ଉତ୍ସବର ବିଭିନ୍ନ ବର୍ଗର ବିଜେତାମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ସଭାପତି ବନବିହାରି ରଣା, ସାଧାରଣ ସମ୍ପାଦକ କମଳାକାନ୍ତ ପ୍ରଧାନ ମଞ୍ଚାସୀନ ଥିଲେ। ଉପସଭାପତି ନିତ୍ୟାନନ୍ଦ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ମହିଳା ସମ୍ପାଦିକା ଆଇନଜୀବୀ ଗୀତାଞ୍ଜଳି ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କମଳଲୋଚନ ଗାରୁ, ହରିପଦ ମହାନ୍ତି, ବିଜୟ ମହାପାତ୍ର, କବୀନ୍ଦ୍ର ଦେଓ, ରାଧାକୃଷ୍ଣ ଦଳପତି, ପ୍ରଫୁଲ୍ଲ ସାହୁ, ରବୀନ୍ଦ୍ର ଜେନା, କରୁଣାକର ସାହୁ, ଆନନ୍ଦ ଗିରି, ଶ୍ରୀକାନ୍ତ ଦାସ ସହଯୋଗ କରିଥିଲେ।

## ଟ୍ରକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା

## କ୍ଷତିପୂରଣ ପରେ ହଟିଲା ରାସ୍ତା ଅବରୋଧ

ରାଉରକେଲା,୧୦।୧୧(ସମିସ) : ବଣାଇଁ ଥାନା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଟ୍ରକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକମାନେ ଟାୟାର ଜାଳି ୧୪୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ୪ ଘଣ୍ଟା ଧରି ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ପରେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ମାଲିକ ମଧ୍ୟ ୧ ଲକ୍ଷ ୮୦ ହଜାର ଟଙ୍କା କ୍ଷତି ପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଲୋକଙ୍କ ଆକ୍ରମଣରେ ଗୁରୁତର ଆହତ ଟ୍ରକ୍ ଡ୍ରାଇଭରଙ୍କୁ ଏବେ ରାଉରକେଲା ଅଣାଯାଇ ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ଟ୍ରକ୍ ଧକ୍କାରେ ସନ୍ତୋଷ ନନ୍ଦ ନାମକ ଜଣେ ଯୁବକଙ୍କ ମୃତ୍ୟୁ ପରେ ଉତ୍ୟକ୍ତ ଲୋକମାନେ ପୁଲିସ୍ ଗାଡ଼ି ଏବଂ ବନ ବିଭାଗ ଗାଡ଼ି ଭାଙ୍ଗି ଦେଇଥିଲେ। ସେଠାରେ ପ୍ରବଳ ଉତ୍ତେଜନା ଥିବାରୁ ରାଉରକେଲାରୁ ଅତିରିକ୍ତ ପୁଲିସ୍ ଫୋର୍ସ ଯାଇଥିଲେ। ନରେନ୍ଦ୍ର ଗୁରୁଣ୍ଡିଆ ରାସ୍ତାରେ ଭାରି ଯାନ ଚଳାଚଳ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁ ଥିବାରୁ ଏହା ଉପରେ ନିୟନ୍ତ୍ରଣ ରଖିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ଫୁଟବଲ ଚୟନ ପ୍ରତିଯୋଗିତା ଉଦ୍‌ଯାପିତ



କୁତ୍ରା,୧୦।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅନ୍ତର୍ଗତ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଫୁଟବଲ ଚୟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପିନାଥ ଖାଖା ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜେଏସଡବ୍ଲ୍ୟୁ ଅପରେସନ ମୁଖ୍ୟ ଅନିଲ ସିଂ, ଜେଏସଡବ୍ଲ୍ୟୁ ସିଏସଆରର ମୁଖ୍ୟ ସଂଗ୍ରାମ ରାଉତ, ଜେଏସଡବ୍ଲ୍ୟୁ ସିଏସଆରର ଅଧୀକ୍ଷକ ଅଲେଖ ଦଲାଇ, କୁତ୍ରା ବ୍ଲକ୍ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, କୁତ୍ରା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିଲି ସଞ୍ଜିତା ମିଞ୍ଜ, ଓଆଇଏସଏଲ ସିଇଓ ଜମୁନା ପ୍ରସାଦ ଯାଦବ, କୁତ୍ରା ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ, ବିଦ୍ୟାଳୟର ପ୍ରତିଷ୍ଠାତା ବଇଲୋ କିଶାନ, ଜିଲ୍ଲା ଶାରୀରିକ ଅଧିକାରୀ ଅଜୟ କୁମାର ପ୍ରଧାନ, ତୁନମୁରା ସରପଞ୍ଚ ତରଣୀ ସେନ ବରିହା ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ଼ଃ ଅମରେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଚୟନ ପ୍ରତିଯୋଗିତାଟି ଦୁଇ ଦିନ ଧରି ଚାଲିଥିଲା। ଏଥିରେ ବାଳକ ଦଳରେ ଲେଫ୍ରିପଡ଼ା ବ୍ଲକ୍ ଚାମ୍ପିଅନ୍ ହୋଇଥିବା ବେଳେ ରନର୍ସଅପ୍ ବିଶ୍ରା ବ୍ଲକ୍ ହୋଇଥିଲେ। ସେହିପରି ବାଳିକା ଦଳରେ ବିଶ୍ରା ବ୍ଲକ୍ ଚାମ୍ପିଅନ୍ ହୋଇଥିବା ବେଳେ ସୁନ୍ଦରଗଡ଼ ସଦର ବ୍ଲକ୍ ରନର୍ସଅପ ହୋଇଥିଲେ। ବିଜେତା ଦଳ ଓ ରନର୍ସଅପ ଦଳକୁ ଟ୍ରଫି ଓ ମାନପତ୍ର ଦିଆଯାଇଥିଲା। ଶେଷରେ କୁତ୍ରା ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ନିରଞ୍ଜନ ରାଉଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।

## ଆର୍‌ଏସ୍‌ପିରେ ବିଶ୍ୱ ଗୁଣବତ୍ତା ସପ୍ତାହ

ରାଉରକେଲା,୧୦।୧୧(ସମିସ): ପରିମାଣ ଅପେକ୍ଷା ଗୁଣବତ୍ତା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଅଧିକ ପରିମାଣ ଆଧାରିତ ନୁହେଁ, ବରଂ ଉତ୍କର୍ଷତା ଏବଂ ସ୍ଥିରତା ସହିତ ପ୍ରତ୍ୟେକ କାର୍ଯ୍ୟ କରିବା ଉପରେ ପର୍ଯ୍ୟବେଶିତ ବୋଲି ରାଉରକେଲା ଇସ୍ପାତ କାରଖାନା



ଆନୁକୂଲ୍ୟରେ ସୋମବାର ଆୟୋଜିତ ବିଶ୍ୱ ଗୁଣବତ୍ତା ସପ୍ତାହ ପାଳନ ଆରମ୍ଭ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଆରଏସପି ଓ ବିଏସଏଲର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଲ୍ଲେଖ କରିଛନ୍ତି। ଏହି କାର୍ଯ୍ୟକ୍ରମ କାରଖାନାର ମୁଖ୍ୟ ଗେଟ ନିକଟରେ ଥିବା 'ଶିଳ୍ପ କୋଣାର୍କ' ପରିସରର ସୁରକ୍ଷା, ଗୁଣବତ୍ତା ଏବଂ ପରିବେଶ କ୍ଷେତ୍ରରେ ଆୟୋଜିତ ହୋଇଥିଲା। ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ଶ୍ରୀ ବର୍ମା ଆରଏସପି ସାମୂହିକଙ୍କୁ ପାରସ୍ପରିକ ବିଶ୍ୱାସକୁ ସୁଦୃଢ଼ କରିବା ଏବଂ ପ୍ରତ୍ୟେକ ପ୍ରୟାସରେ ଉତ୍କର୍ଷତା ହାସଲ କରିବାକୁ ଅନୁପ୍ରେରିତ କରିଥିଲେ। ଏହାପୂର୍ବରୁ ଡିଆଇସି ଗୁଣବତ୍ତା ପତାକା ଉତ୍ତୋଳନ କରିଥିଲେ। ସମବେତ ଅଂଶଗ୍ରହଣକାରୀଙ୍କୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ ଓଡିଆରେ ଗୁଣବତ୍ତା ଶପଥ ପାଠ କରାଇଥିବାବେଳେ ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମପି ସିଂହ ଏବଂ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଯଥାକ୍ରମେ ହିନ୍ଦୀ ଏବଂ ଇଂରାଜୀରେ ଏହି ଶପଥ ପାଠ କରାଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ ଏବଂ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ପ୍ରତିଯୋଗିତାର ବିଚାରକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ ଆତିଶ ଚନ୍ଦ୍ର ସରକାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଇ, ଆଇଇଡି ଓ ଏଚଏ ବିଭାଗର ଜିଏମ୍ ଆରକେ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ବିଇ ବିଭାଗର ଡେପୁଟି ମ୍ୟାନେଜର ଆଦିତି ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଖଣି ବିକାଶ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ବହୁ ସିଜିଏମ୍, ବରିଷ୍ଠ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ।

## ସାମ୍ପ୍ରତିକ ସମୟରେ 'ଲକ୍ଷ୍ମୀ ପୁରାଣର ମହତ୍ତ୍ୱ' ସମ୍ପର୍କରେ ଆଲୋଚନାଚକ୍ର

ରାଉରକେଲା,୧୦।୧୧(ସମିସ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ଓ କେଶବନଗର ଶାଖାର ମିଳିତ ଆନୁକୂଲ୍ୟରେ ସାମ୍ପ୍ରତିକ ସମୟରେ ଲକ୍ଷ୍ମୀ ପୁରାଣର ମହତ୍ତ୍ୱ ସମ୍ପର୍କରେ ଏକ ଆଲୋଚନାଚକ୍ର ସେକ୍ଟର - ୬ ସ୍ଥିତ ଶାରଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାଗବତ ଶାଖାର ପ୍ରମୁଖ ଆବାହକ ପୁଷ୍ପଲତା ସାହୁଙ୍କ ଆବାହକତ୍ୱ, ଶାଖାର କାର୍ଯ୍ୟକାରୀ ସଭାପତି



ଜଗନ୍ନାଥ ରାଉତଙ୍କ ସଭାପତିତ୍ୱ ଓ ଲଳିତା ମୁଦାଲୀଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଷୟ ବିଶେଷଜ୍ଞ ଭାବେ ଶିକ୍ଷାବିତ ବ୍ରଜେନ୍ଦ୍ର ଦାଶ ଓ ବିଜୟିନୀ ଜେନା ଯୋଗଦେଇଥିଲେ। ଶ୍ରୀ ଦାଶ ନାରୀ ପାଖରେ ସମାଜ ପରିବର୍ତ୍ତନର ଧାରା ରହିଛି। ଅସାମାଜିକ କାର୍ଯ୍ୟକଳାପ ବିରୁଦ୍ଧରେ ନାରୀ ସ୍ୱର ଉତ୍ତୋଳନ କରିପାରେ ବୋଲି କହିଥିଲେ। ଅନ୍ୟତମ ଆଲୋଚିକା ଶ୍ରୀମତୀ ଜେନା ଅନ୍ତର୍ନିହିତ ଶକ୍ତି ହିଁ ଆମର ଆଧ୍ୟାତ୍ମିକତା ବୋଲି କହିବା ସହ ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀପୁରାଣରେ ନାରୀ ସଶକ୍ତିକରଣର ବାର୍ତ୍ତା ରହିଛି ବୋଲି କହିଥିଲେ। ଏହି ଅବସରରେ ଭବାନୀ ସାହୁ ମା' ଲକ୍ଷ୍ମୀଙ୍କ ସ୍ତୁତି ଗାନ କରିଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରବୀର କୁମାର ଦୁବେ ଓ ଗାଳ୍ପିକ କାଶୀନାଥ ନନ୍ଦୀ ଉପସ୍ଥିତ ଥିଲେ। ଶେଷରେ ପରିଷଦର ସଂଗଠନ ସମ୍ପାଦକ କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଲକ୍ଷ୍ମୀ ମହାରଣା, ଅନୁରାଧା ଦାସ, ମମିତା ନାହାକ, ବନମାଳ ପାତ୍ର, ଉର୍ମିଳା ରାଉତ, ଶକୁନ୍ତଳା ସାହୁ, ଉଷାରାଣୀ ବାରିକ, ମୋନାଲିସା ଗିରି, ଜୟଶ୍ରୀ ବିଶ୍ୱାଳ, ସାଜି ସୁନିଲ, ଅଞ୍ଜଳୀ ନାଥ, ପଙ୍କଜିନୀ ସେଠ, ଲିଲି ବେହେରା, ଗୀତାଞ୍ଜଳି ନନ୍ଦ, ଭବାନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ପୁଣିଥରେ ବିଧାୟକ ବାଛିବ ନୂଆପଡ଼ା

**ନୂଆପଡ଼ା, ୧୦।୧୧(ସମିସ)**

ବହୁ ପ୍ରତିକ୍ଷୀତ ନୂଆପଡ଼ା ବିଧାନସଭା -୭୧ ଉପନିର୍ବାଚନ ମଙ୍ଗଳବାର ଅର୍ଥାତ ୧୧ତାରିଖ ଦିନ ହେବ। ଏଥିପାଇଁ ପ୍ରଶାସନ ତରଫରୁ

## ବୁଥ୍‌ରେ ପହଞ୍ଚିଲେ ପୁଲିଂପାର୍ଟି

ସବୁ ପ୍ରକାର ପ୍ରସ୍ତୁତି ସରିଛି। ସୋମବାର ସଂନ୍ଧ୍ୟା ସୁଦ୍ଧା ପୋଲିଂ ଷ୍ଟେସନରେ ପୋଲିଂ ଟିମ ପହଞ୍ଚିଯାଇଥିବା ଜଣାପଡ଼ିଛି। ରିପୋର୍ଟ ମିଳିଛି। ନୂଆପଡ଼ା ଉପନିର୍ବାଚନ ମଙ୍ଗଳବାର ଅର୍ଥାତ ୧୧ତାରିଖ ଦିନ ହେବ। ଏଥିପାଇଁ ପ୍ରଶାସନ ତରଫରୁ ସବୁପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଯାଇଛି।

ନୂଆପଡ଼ା ଏବଂ କୋମନା, ଦୁଇଟି ଏନ୍‌ଏସି ଖରିଆରରୋଡ ଏବଂ ନୂଆପଡ଼ାରେ ଭୋଟ ଗ୍ରହଣ ହେବ। ଏଥିରେ ମୋଟ ୨ଲକ୍ଷ ୫୪ହଜାର ଭୋଟର ମତଦାନ କରିବେ। ଏଥିରେ ୧ଲକ୍ଷ ୨୪ହଜାର ୫୪୪ଜଣ ପୁରୁଷ ଭୋଟର ଥିବାବେଳେ ୧ଲକ୍ଷ ୨୯ ହଜାର ୯୩୨ଜଣ ମହିଳା ଭୋଟର ଏବଂ ୨୧ଜଣ ତୃତୀୟଲିଙ୍ଗି ମତଦାତା ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ସୂଚନା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

## ଛଅଟି ପିଙ୍କ୍ ବୁଥ୍ ପରିଚାଳନା କରିବେ ମହିଳା

ନୂଆପଡ଼ା ଜିଲ୍ଲା ସଦର ମହକୁମା ସମେତ ଖରିଆରରୋଡରେ ମୋଟ ୬ଟି ପିଙ୍କ୍ ବୁଥ ଅର୍ଥାତ ସଖୀ ବୁଥ୍ କରାଯାଇଛି। ଏଥିମଧ୍ୟରୁ ଖରିଆରରୋଡ ସରକାରୀ ହାଇସ୍କୁଲ ବୁଥ୍ ନମ୍ବର ୬୦, ବୁଥ୍ ନମ୍ବର ୬୧, ବୁଥ୍ ନମ୍ବର ୬୨, ନୂଆପଡ଼ା ନ୍ୟାସନାଲ ହାଇସ୍କୁଲ ବୁଥ୍ ନମ୍ବର ୧୨୧, ସରକାରୀ ବାଳିକା ହାଇସ୍କୁଲ ନୂଆପଡ଼ା ବୁଥ୍ ନମ୍ବର ୧୨୩, ନ୍ୟାସନାଲ ହାଇସ୍କୁଲ ବୁଥ୍ ନମ୍ବର ୧୨୭ରେ ସଖୀ ବୁଥ୍ ସ୍ଥାପନ କରାଯାଇଛି। ଏଠାରେ ସମସ୍ତ ମହିଳାକର୍ମଚାରୀ ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିବେ। ଏହି କେନ୍ଦ୍ର ଗୁଡ଼ିକୁ ପିଙ୍କ୍ ରଙ୍ଗରେ ସଜ୍ଜିତ କରାଯାଇଛି।

## କର୍ମଚାରୀଙ୍କୁ ଗୋଲାପ ଫୁଲ ବାଣ୍ଟିଲେ ଜିଲ୍ଲାପାଳ

ପୋଲିଂ ଟିମ୍ ଗୁଡ଼ିକୁ ଠିକ୍ ସମୟରେ ନିର୍ଦ୍ଧାରିତ ବୁଥରେ ପହଞ୍ଚାଇବାକୁ ବହୁ କସରତ କରିଥିଲା ପ୍ରଶାସନ। ଏଥିପାଇଁ ନୂଆପଡ଼ା ନ୍ୟାସନାଲ କଲେଜ ପରିସରରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏଠାରେ ସକାଳ ୭ଟାରେ ଯିଏ ପହଞ୍ଚିବ ତାଙ୍କୁ ଗୋଲାପ ଫୁଲ ଦିଆଯିବ ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ ଘୋଷଣା କରିଥିଲେ। ସେହି ମୁତାବକ ସକାଳେ ପୋଲିଂ ଟିମ୍ କର୍ମଚାରୀମାନଙ୍କୁ ନିର୍ବାଚନର ସିପାହି ଆଖ୍ୟା ଦେଇ ଗୋଲାପ ବାଣ୍ଟିଥିଲେ ଜିଲ୍ଲାପାଳ।















### ସିଇଓଙ୍କ ନିକଟରେ ବିଜେଡିର ତୀବ୍ର ପ୍ରତିବାଦ

# ଏକପାଖିଆ ଦମନଲୀଳା ଚଳାଇଛି ନୂଆପଡ଼ା ପୁଲିସ

**ଭୁବନେଶ୍ୱର /ନୂଆପଡ଼ା, ୧୦।୧୧(ସମିସ):** ନିର୍ବାଚନ ହାରିବା ଭୟରେ ବିଜେପି ଏବେ ପୁଲିସକୁ ବିଜେଡି ନେତାଙ୍କ ପଛରେ ଲଗାଇ ଦେଇଛି। ନୂଆପଡ଼ାରେ ପୁଲିସ ଯାହାକୁ ପାଉଛନ୍ତି ତାଙ୍କୁ ଗିରଫ କରିନେଉଛନ୍ତି। ପୁଲିସର ଏପରି କାର୍ଯ୍ୟକଳାପ ଅଗଣତାନ୍ତ୍ରିକ ଏବଂ ବେଆଇନ ଦର୍ଶାଇ ବିଜେଡି ନେତୃବୃନ୍ଦ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହାର ତୀବ୍ର ପ୍ରତିବାଦ କରିଛନ୍ତି।

**ଏନ୍‌ଏସି ଅଧ୍ୟକ୍ଷ ସୁବାସ ପଣ୍ଡା ଓ ବବ୍‌ଲୁ ଖାନ୍‌ଙ୍କୁ ଗିରଫ ନିନ୍ଦନୀୟ**

**ବିଜେପି ନିର୍ଦ୍ଦେଶରେ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ହେଉଛି**

ବିଜେଡି ପକ୍ଷରୁ କୁହାଯାଇଛି ଯେ ନୂଆପଡ଼ା ପୁଲିସ ଅବୈଧ ଭାବରେ ବିଜେଡି ଏନ୍‌ଏସି ଅଧ୍ୟକ୍ଷ ସୁବାସ ପଣ୍ଡା ଓ ବବ୍‌ଲୁ ଖାନ୍‌ଙ୍କୁ ଗିରଫ କରିବା ନିନ୍ଦନୀୟ ଘଟଣା। ଗତ ରାତିରେ ବିଜେପିର ଏଜେଣ୍ଟମାନେ ବିଶେଷକରି ପଡ଼ୋଶୀ ଛତିଶଗଡ଼ରୁ ଆସିଥିବା ଗୁଣ୍ଡା ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବିପୁଳ ପରିମାଣର ଟଙ୍କା ବାଣ୍ଟିଥିଲେ। ବିଜେଡିର ଉପରୋକ୍ତ ଦୁଇ ନେତା ଶାନ୍ତିପୂର୍ଣ୍ଣ ଭାବରେ ଏହି ବେଆଇନ୍ କାର୍ଯ୍ୟର ବିରୋଧ କରୁଥିବା ବେଳେ ତାଙ୍କୁ ପୁଲିସ ଗିରଫ କରିଛି। ବିଜେପି ନିର୍ଦ୍ଦେଶରେ ଆଦର୍ଶ ଆଚରଣ ବିଧିକୁ ଉଲ୍ଲଙ୍ଘନ କରାଯାଉଛି। ବିଜେଡି ଆହୁରି କହିଛି ଯେ ଜିଲ୍ଲା ପ୍ରଶାସନ ଏକତରଫା ଭାବେ କାର୍ଯ୍ୟାନୁଷ୍ଠାନ ନେଉଛି। ଯେଉଁମାନେ ନିର୍ବାଚନ ଆୟୋଗଙ୍କ ନିୟମକୁ ମାନୁନାହାନ୍ତି ସେମାନଙ୍କ ଦେହରେ ପ୍ରଶାସନ ହାତ ମାରିପାରୁ ନାହିଁ। କେବଳ ବିରୋଧୀଙ୍କ କଣ୍ଠରୋଧ କରିବା ପାଇଁ ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେଡି ନେତାଙ୍କୁ ଟାର୍ଗେଟ କରାଯାଉଛି। ପ୍ରତିପକ୍ଷ ନେତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି। ଶ୍ରୀ ପଣ୍ଡା ଓ ଶ୍ରୀ ଖାନ୍‌ଙ୍କୁ ବେଆଇନ୍ ଭାବେ ଗିରଫ କରି ଭୋଟ ଦାନ ପାଇଁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ବି କ୍ଷୁଣ୍ଣ କରାଯାଇଛି। ତେଣୁ ଏହି ପ୍ରସଙ୍ଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି।

### ନୂଆପଡ଼ାର ୩୨ଟି ଅତି ସମ୍ବେଦନଶୀଳ ବୁଥ୍‌କୁ ନେଇ ବିଜେଡିର ଚିନ୍ତା

# ସୁରକ୍ଷା କଡ଼ାକଡ଼ି ପାଇଁ ସିଇଓଙ୍କୁ ନିବେଦନ

**ଭୁବନେଶ୍ୱର, /ନୂଆପଡ଼ା ୧୦।୧୧(ସମିସ):** ନୂଆପଡ଼ାର ୩୨ଟି ଅତି ସମ୍ବେଦନଶୀଳ ବୁଥ୍‌କୁ ନେଇ ବିଜୁ ଜନତା ଦଳ ଚିନ୍ତାବ୍ୟକ୍ତ କରିଛି। ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନାରେ ହିଂସାକାଣ୍ଡ ହେବା ଆଶଙ୍କାରେ ସୁରକ୍ଷା ଯାଞ୍ଚ ଓ ଆନୁସଙ୍ଗିକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ବିଜେଡି ନିବେଦନ କରିଛି। ବିଜେଡି ପକ୍ଷରୁ ଦାଖଲ ସ୍ମାରକପତ୍ରରେ ନୂଆପଡ଼ାରେ ୧୭ଟି ବୁଥ୍ ଏବଂ କୋମନା ବ୍ଲକରେ ୧୫ଟି ବୁଥ୍ ଅତି ସମ୍ବେଦନଶୀଳ ଥିବାନେଇ ଦର୍ଶାଯାଇଛି।

**ଜିଲ୍ଲାପାଳ ଓ ଏସ୍‌ପିଙ୍କ ବହିଷ୍କାର ଦାବି**

ନୂଆପଡ଼ା ନିର୍ବାଚନମଣ୍ଡଳୀର ଲୋକମାନେ ସରଳ ଓ ଶାନ୍ତି ପ୍ରିୟ ହୋଇଥିବା ବେଳେ ବିଜେପି ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆ ଏବଂ ଅନ୍ୟ ବିଜେପି ନେତାଙ୍କ ନିର୍ଦ୍ଦେଶରେ ଏବେଠାରୁ ହିଂସାକାଣ୍ଡର ପଦଚିହ୍ନ ଦେଖିବାକୁ ମିଳିଲାଣି ବୋଲି ବିଜେଡି ଗୁରୁତର ଅଭିଯୋଗ ଆଣିଛି। ସାଇଲେଣ୍ଟ ପିରିୟଡରେ ମଧ୍ୟ ଶାସକ ବିଜେପି ଅନୈତିକ ଏବଂ ବେଆଇନ୍ ଭାବେ ପ୍ରଚାର କାମ ଜାରି ରଖିଛି। ଏପରିସ୍ଥଳେ ଉକ୍ତ ୩୨ଟି ଅତି ସମ୍ବେଦନଶୀଳ ବୁଥ୍ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ ବୋଲି ସିଇଓଙ୍କୁ ବିଜେଡି ନିବେଦନ କରିଛି। କଡ଼ା ସୁରକ୍ଷା ବ୍ୟବସ୍ଥା ଏବଂ ପ୍ରତ୍ୟେକ ସମ୍ବେଦନଶୀଳ ବୁଥ୍‌ରେ ପୁଲିସ ଓ କେନ୍ଦ୍ରୀୟ ଫୋର୍ସ ନିୟୋଜନ ସୁନିଶ୍ଚିତ କଲେ ଆସନ୍ତା କାଲି ନୂଆପଡ଼ାରେ ଭୋଟ ଗ୍ରହଣ ଶାନ୍ତିପୂର୍ଣ୍ଣ ହୋଇପାରିବ ବୋଲି ବିଜେଡି କହିଛି। ନୂଆପଡ଼ାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଶାସକ ବିଜେପି କଥାରେ ପରିଚାଳିତ ହୋଇ ସବୁ ନିୟମ କାନୁନକୁ ଜଳାଞ୍ଜଳି ଦେଉଛନ୍ତି। ସେମାନେ ବିଜେପିର ଏଜେଣ୍ଟ ଭଳି କାମ କରୁଛନ୍ତି। ତେଣୁ ସେମାନଙ୍କୁ ତତକ୍ଷଣାତ୍ ନିର୍ବାଚନ ଦାୟିତ୍ୱରୁ ଅପସାରଣ କରାଯାଉ ବୋଲି ଦଳ ଦାବି କରିଛି। ବିଜେଡି ପ୍ରତିନିଧି ଦଳରେ ସୁଲତା ଦେଓ, ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ଇପ୍ସିତା ଶାହୁ, ମିହିର ରାୟ, ନାରାୟଣ ଜେନା, ଇଲ୍ଲା ସ୍ୱାଇଁ, ଅଂଶୁ ତ୍ରିପାଠୀ, ସୋଫିଆ ଆଲମ୍, ଜ୍ୟୋସ୍ନା ପରିଡ଼ା, ରିତାଞ୍ଜଳି ପ୍ରଧାନ ଓ ମୀନତି ବେହେରା ସାମିଲ ଥିଲେ।

**ସଙ୍ଗୀନ ଅଭିଯୋଗ ଆଣିଲା ବିଜେଡି**

# ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଆଇନ ଭାଙ୍ଗୁଛି ବିଜେପି

**ଭୁବନେଶ୍ୱର/ନୂଆପଡ଼ା,୧୦।୧୧(ସମିସ):** ରାତି ପାହିଲେ ନୂଆପଡ଼ା ଉପନିର୍ବାଚନ ପାଇଁ ମତଦାନ ହେବ। ଏହା ପୂର୍ବରୁ ଶାସକ ବିଜେପି ବିରୋଧରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚାରିଟି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ପତ୍ର ଦାଖଲ କରିଛି। ଏଥିରେ ଆଦର୍ଶ ଆଚରଣ ବିଧି ଓ ନିର୍ବାଚନ ନିୟମର ଉଲ୍ଲଂଘନ ଭଳି ଗମ୍ଭୀର ଅଭିଯୋଗ ରହିଛି। ନିର୍ବାଚନ ପୂର୍ବରୁ ୪୮ ଘଣ୍ଟାର ସାଇଲେଣ୍ଟ ପିରିୟଡ ମଧ୍ୟରେ ବିଜେପି ଓ ତାଙ୍କ ପ୍ରାର୍ଥୀ ଜୟ ଢୋଲକିଆ ନିଜ ମାଆ କଳ୍ପନା ଢୋଲକିଆଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ ନିର୍ବାଚନ ପ୍ରଚାର ଭିଡ଼ିଓ ପୋଷ୍ଟ କରିଛନ୍ତି। ଏହି ଭିଡ଼ିଓରେ ସେମାନେ ବିଜେପିକୁ ଭୋଟ ଦେବା ପାଇଁ ଲୋକଙ୍କୁ ଆହ୍ୱାନ କରୁଛନ୍ତି। ନିଜ ପରିବାରର ପ୍ରତି ସମବେଦନା ଜୁଟାଇବା ପାଇଁ ଜୟ ପ୍ରୟାସ କରିଛନ୍ତି। ଏଥିରେ ବିଜେପି ଦଳର ସଂକେତ ମଧ୍ୟ ସ୍ପଷ୍ଟ ଦୃଶ୍ୟମାନ ହେଉଛି।

**ନିୟମ ଭାଙ୍ଗି ସମବେଦନା ଗୋଟାଉଛନ୍ତି ଜୟ ଢୋଲକିଆ**

**ବିଜେପିର ଏଜେଣ୍ଟଙ୍କ ପରି କାମ କରୁଛନ୍ତି ଜିଲ୍ଲାପାଳ ଓ ଏସ୍‌ପି**

**ଘୂରି ବୁଲୁଛନ୍ତି ବିଜେପି ନେତାମାନଙ୍କ ସହ ଛତିଶଗଡ଼ ଗୁଣ୍ଡା**

ବିଜେଡିର ଅଭିଯୋଗ ଅନୁଯାୟୀ ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡଜେନା, ବିଜେପି ଅଠାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ନୂଆପଡା ନିର୍ବାଚନମଣ୍ଡଳୀରେ ଗାଡ଼ି ଧରି ପ୍ରଚାର ଚଳାଇଛନ୍ତି। ବିଜେପି କାର୍ଯ୍ୟକର୍ତ୍ତା ଓ ଛତିଶଗଡ଼ରୁ ଆସିଥିବା ଲୋକମାନେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ସଂଗଠିତ ଭାବରେ ଟଙ୍କା ବଣ୍ଟନ କରୁଛନ୍ତି। ଏହାର ପ୍ରମାଣସ୍ୱରୂପ ବିଜେଡି ଏହାର ଭିଡିଓ ସିଇଓଙ୍କୁ ପ୍ରଦାନ କରିଛି। ସେହିପରି ନୂଆପଡ଼ାର ଜିଲ୍ଲାପାଳ ଓ ଏସପି ପକ୍ଷପାତିତାରେ ମାତିଛନ୍ତି। ରାଜନୈତିକ କର୍ମୀ ଭଳି ବିଜେପିକୁ ସୁହାଇବା ଭଳି କାର୍ଯ୍ୟରେ ଦୁଇ ବରିଷ୍ଠ ଅଧିକାରୀ ଲିପ୍ତ ରହିଛନ୍ତି। ତାଙ୍କ ସୁରକ୍ଷାରେ ବିଜେପି ଉପନିର୍ବାଚନରେ ଜନମତକୁ ପ୍ରଭାବିତ କରିବା ଲାଗି ଦିନ ରାତି ଉଦ୍ୟମ ଚଳାଇଛନ୍ତି। ଏପରିସ୍ଥଳେ ନୂଆପଡ଼ାରେ ପ୍ରଚାର ସାମଗ୍ରୀ, ଅନଧିକୃତ ଗାଡ଼ି ଓ ବ୍ୟକ୍ତିମାନଙ୍କୁ ତୁରନ୍ତ ନିର୍ବାଚନୀ ଅଞ୍ଚଳରୁ ବାହାର କରିବା ସହିତ ପକ୍ଷପାତ କରୁଥିବା ଅଧିକାରୀଙ୍କୁ ଦାୟିତ୍ୱରୁ ଦୂରେଇ ରଖିବା ପାଇଁ ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ସୁଲତା ଦେଓ, ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ଇପ୍ସିତା ସାହୁ, ମିହିର ରାୟ, ନାରାୟଣ ଜେନା, ଇଲ୍ଲା ସ୍ୱାଇଁ, ଅଂଶୁ ତ୍ରିପାଠୀ, ସୋଫିଆ ଆଲମ୍, ଜ୍ୟୋସ୍ନା ପରିଡ଼ା, ରିତାଞ୍ଜଳି ପ୍ରଧାନ ଓ ମୀନତି ବେହେରା ସାମିଲ ଥିଲେ।

# ଓଡ଼ିଶାରେ ପକ୍କା; ଛତିଶଗଡ଼ରେ କଚା

**ସିନାପାଲି, ୧୦।୧୧(ସମିସ):** ନୂଆପଡ଼ା ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟରେ ବିଜେପି ଓ କଂଗ୍ରେସ ଦୀର୍ଘ ବର୍ଷ ଧରି ଶାସନ କରି ଆସୁଥିବାବେଳେ ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରୁଥିବା ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ରହିଛନ୍ତି। ଯେଉଁଭଳି ବିକାଶ ହେବା କଥା ସେଭଳି ବିକାଶ ହୋଇ ନାହିଁ। ଯାହା ସାଧାରଣ ଜନତାଙ୍କ ପାଇଁ ଭଲ ରାସ୍ତା ଟିଏ ହୋଇ ପାରିନାହିଁ। ଯାହା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଓଡ଼ିଶାର ନବୀନ ସରକାରଙ୍କ ଅମଳର ରାସ୍ତା କହୁଛି ବିକାଶର ଚିତ୍ର ବୋଲି ସ୍ଥାନୀୟ ସୀମାନ୍ତ ଛତିଶଗଡ଼ ବାସୀ ପ୍ରକାଶ କରିଛନ୍ତି। ନୂଆପଡ଼ା ଜିଲ୍ଲା ସୀମାନ୍ତକୁ ଲାଗି ରହିଥିବା ସିନାପାଲି ଅଞ୍ଚଳ ସଂଲଗ୍ନରେ ରହିଛି ଛତିଶଗଡ଼ ରାଜ୍ୟର ଦେଭୋଗ ବ୍ଲକ। ଯେଉଁଠାରେ ଆଜିବି ଅନେକ ରାସ୍ତା ମରଣଯନ୍ତା ପାଲଟିଛି। ଓଡ଼ିଶାରୁ ଛତିଶଗଡ଼ ପ୍ରବେଶ ମାତ୍ର କେ ରାସ୍ତାର ଅବ୍ୟବସ୍ଥା। ଲୋକେ ଯିବା ଆସିବା ସମୟରେ କହୁଛନ୍ତି ଯେତେ ଯାହା ହେଲେ ବି ଓଡ଼ିଶା ର ନବୀନ। ଓଡ଼ିଶା ର ଯେଉଁଠି କୁ ଯାଆନ୍ତୁ ରାସ୍ତା ପକ୍କା ହେଲେ ଛତିଶଗଡ଼ ରାସ୍ତା କଚା ବୋଲି ଲୋକେ ପ୍ରକାଶ କରିଛନ୍ତି। ଦେଭୋଗ ଅଞ୍ଚଳରୁ ସିନାପାଲି ଅଞ୍ଚଳକୁ ଯୋଗାଯୋଗ କରୁଥିବା ଅନେକ




ରାସ୍ତା ବିପର୍ଯ୍ୟସ୍ତ ହୋଇ ରହିଛି। ସେହିଭଳି ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକ ଅଞ୍ଚଳକୁ ଯୋଗାଯୋଗ କରୁଥିବା ରାସ୍ତା ଅବସ୍ଥା ନ କହିବା ଭଲ। ରାସ୍ତା ର ଅବସ୍ଥା ଦେଖି ପୂର୍ବତନ ମନ୍ତ୍ରୀ ରମେଶ ମାଝୀ ମଧ୍ୟ ଛତିଶଗଡ଼ ପ୍ରଶାସନ ସହିତ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। କାହିଁକି ନା ଏହି ରାସ୍ତା ଦେଇ ତାଙ୍କର ନିଜ ଗ୍ରାମ ଦଣ୍ଡାମୁଣ୍ଡା ଗ୍ରାମକୁ ଯିବାକୁ ପଡ଼େ। ଏପରିକି ଏହି ରାସ୍ତା ଦେଇ ଚନ୍ଦାହାଣ୍ଡି ଅଞ୍ଚଳର ଲୋକେ ବିଭିନ୍ନ କାର୍ଯ୍ୟେ ପାଇଁ କଳାହାଣ୍ଡି ଅଞ୍ଚଳକୁ ଆସିବାକୁ ପଡ଼ିଥାଏ। ସେହିପରି କଳାହାଣ୍ଡି ଅଞ୍ଚଳର ଧର୍ମଗଡ଼ ଓ କୋକସରା ଅଞ୍ଚଳକୁ ସଂଯୋଗ କରିଥିବା ଛତିଶଗଡ଼ ରାସ୍ତା ବେହାଲ ହୋଇ ରହିଛି। ହେଲେ ଏଭଳି ଆବଶ୍ୟକତା ପୂରଣ କରୁଥିବା ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ରହି ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀ ସମେତ ଅନେକ ବିଭାଗୀୟ ମନ୍ତ୍ରୀ ନୂଆପଡ଼ା ଉପନିର୍ବାଚନରେ ଦଳୀୟ ବିଜେପି ପାଇଁ ଭୋଟ ମାଗି ବିକାଶ ଯେଉଁ କଥା କହି ବାହାସ୍ୱଟ ମାରିଛନ୍ତି। ତାହାକୁ ନେଇ ନୂଆପଡ଼ା ନିର୍ବାଚନମଣ୍ଡଳୀ ତଥା ସୀମାନ୍ତବାସୀ ନାପସନ୍ଦ କରିଛନ୍ତି।

# ତୃତୀୟ ଦିନରେ ମହାବୀର ମହୋତ୍ସବ



**ଭବାନୀପାଟଣା, ୧୦।୧୧(ସମିସ):** ମହାବୀର ମହୋତ୍ସବର ତୃତୀୟ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ମଧ୍ୟାହ୍ନରେ ମହିଳାଙ୍କୁ ନେଇ କ୍ଷୁଦ୍ର କବିତା ଓ ଗଳ୍ପ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ୯ରୁ ୧୪ ବର୍ଷ ବୟସର ଛାତ୍ରଛାତ୍ରୀଙ୍କୁ ନେଇ ଶିଶୁନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିବସର ସଭା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି କୃଷ୍ଣାବତାର ଦେଓ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଚିଣ୍ଟୁ ପ୍ରସାଦ ନାଏକ ଯୋଗ ଦେଇଥିଲେ। ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ସଞ୍ଜୟ କୁମାର, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ, ନାଟ୍ୟ ସମ୍ପାଦକ ସୁଶାନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ସଞ୍ଜୀବ ସିଂହ ସଭା ପରିଚାଳନା କରିଥିଲେ ଓ ଉପସଭାପତି ଶ୍ରୀକୁମାର ଧନ୍ୟବାଦ ଅର୍ପଣ କରିଥିଲେ।

### ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା 'ଭଏସ୍ ଅଫ୍ କଳାହାଣ୍ଡି'

# ସରିଲା ପ୍ରଥମ ସେମିଫାଇନାଲ ପ୍ରତିଯୋଗିତା

**ଭବାନୀପାଟଣା, ୧୦।୧୧(ସମିସ)**

କଳାହାଣ୍ଡିର ଲୁକ୍କାୟିତ ପ୍ରତିଭାମାନଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ଏକ ରାଜ୍ୟସ୍ତରୀୟ ମଞ୍ଚ ପ୍ରଦାନ ଓ ସେମାନଙ୍କ ପ୍ରତିଭାର ବିକାଶ କରିବା ଦିଗରେ ଭଏସ୍ ଅଫ୍ କଳାହାଣ୍ଡି ସଠିକ ସୁଯୋଗ ପ୍ରଦାନ କରିଆସୁଛି। ଗତ ସାତବର୍ଷ ହେଲା ଜିଲ୍ଲାର କୋଣଅନୁକୋଣରୁ କଳାକାରମାନଙ୍କୁ ଖୋଜିଆଣି ସୁଯୋଗ ଦେବାରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଭଏସ୍ ଅଫ୍ କଳାହାଣ୍ଡି ଏକ ମାଇଲଖୁଣ୍ଟ ଭାବେ ଉଭା ହୋଇଛି। ଚଳିତବର୍ଷ ୬୧ତମ ମହାବୀର ମହୋତ୍ସବ ଅବସରରେ ଆୟୋଜିତ ଭଏସ ଅଫ୍ କଳାହାଣ୍ଡିରେ ଜିଲ୍ଲା ବ୍ୟାପି ୧୪ ପ୍ରତିଯୋଗୀ ଭାଗ ନେଇଥିଲେ। ହାଇଟେକ୍ ପବ୍ଲିକ ସ୍କୁଲ ଓ ଫ୍ରେଣ୍ଡସ ଆସୋସିଏସନର ମିଳିତ ପ୍ରଯୋଜନାରେ ଆୟୋଜିତ ଏହି ରିୟଲିଟି ସୋ ରେ ବିରଞ୍ଚି ନାରାୟଣ ସାହୁ, ତରଙ୍ଗ ନାଗ, ନେହା ହରପାଲ, ଗାୟତ୍ରୀ




ସୁନାନୀ, ଡଲି ନାଏକ, ହସିନା ମାଝୀ, ରାଜେଶ୍ୱରୀ ମାଝୀ, ଶ୍ରୀୟାଞ୍ଜଳି ବେହେରା, ସୁଦର୍ଶନ ପାଢ଼ୀ, ଦୀକ୍ଷିତ ବେହେରା, ସ୍ନେହା ପ୍ରିୟଦର୍ଶିନୀ, ଆୟୁଷ ମିଶ୍ର, ଦିବ୍ୟାନନ୍ଦ କର ପ୍ରମୁଖ ପ୍ରତିଯୋଗୀ ଭାବେ ସାମିଲ ହୋଇଛନ୍ତି। ଇତିମଧ୍ୟରେ ଭଏସ ଅଫ କଳାହାଣ୍ଡିର ସ୍କ୍ରିନିଂ ଓ ପ୍ରଥମ ସେମି ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବିଚାରକ ଭାବେ ଗୀତିକାର ଓ ସଙ୍ଗୀତଜ୍ଞ ଶୁଭେନ୍ଦୁ ପାଢ଼ୀ, ରୋଜାଲିନ ତ୍ରିପାଠୀ ଓ ସଂଗ୍ରାମ ସରାଫ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ବାଦ୍ୟଯନ୍ତ୍ର ଅର୍ଗାନରେ ଦିବ୍ୟାନନ୍ଦ କର, ଅକ୍ଟୋପେଡରେ ପ୍ରକାଶ ସିଂହ, ତବଲାରେ ଦେବେନ୍ଦ୍ର ବାଗ, ଟ୍ରାଙ୍ଗୋରେ ପ୍ରଶାନ୍ତ ମିଶ୍ର, ଗୀତାରରେ ମେହମୁଦ ମହମ୍ମଦ ସହଯୋଗ କରୁଛନ୍ତି। ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପସଭାପତି ସଞ୍ଜୟ କୁମାର, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ, ନାଟ୍ୟ ସମ୍ପାଦକ ସୁଶାନ୍ତ ସିଂହ, କୋଷାଧ୍ୟକ୍ଷ ପ୍ରଦୀପ ସିଂହ, ସକ୍ରିୟ କର୍ମକର୍ତ୍ତା କାର୍ତ୍ତିକ ପଣ୍ଡା, ରାଜେନ୍ଦ୍ର ବେହେରା, ମହମ୍ମଦ ବୁରହାନ, ସୁରୁ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ସିଂହ ମଞ୍ଚ ପରିଚାଳନା କରିଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ସମସ୍ୟା ଦେଖା ଦେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟାର ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ଅଚାନକ ସମସ୍ୟାରେ ପଡ଼ିପାରନ୍ତି। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେଇପାରେ। ପିଲାମାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଯୋଜନା କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ। ଦାନ ଧର୍ମ କରିବେ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିପାରନ୍ତି। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସହିତ ହସ ଖୁସିରେ ସମୟ ବିତାଇବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ। ଆୟ ଅନୁସାରେ ଖର୍ଚ୍ଚ କରିବେ।


**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୮୯- ୱାଶିଂଟନ୍‌କୁ ଆମେରିକାର ୪୨ ତମ ପ୍ରାନ୍ତ ଘୋଷଣା କରାଗଲା।
- ୧୯୫୬- ରାଜଧାନୀ ଦିଲ୍ଲୀ କେନ୍ଦ୍ରଶାସିତ ଅଞ୍ଚଳ ହେଲା।
- ୧୯୬୬- ନାସା ମହାକାଶ ଯାନ 'ଜେମିନି-୧୨' ଲଞ୍ଚ୍ କଲା।
- ୧୯୭୩- ପ୍ରଥମ ଅନ୍ତରାଷ୍ଟ୍ରୀୟ ଡାକଟିକଟ ପ୍ରଦର୍ଶନୀ ନୂଆଦିଲ୍ଲୀରେ ଆରମ୍ଭ ହେଲା।
- ୧୯୮୨- ଇସ୍ରାଏଲର ସେନା ମୁଖ୍ୟାଳୟରେ ଗ୍ୟାସ୍ ବିସ୍ଫୋରଣ ଯୋଗୁଁ ପାଖାପାଖି ୬୦ ଲୋକଙ୍କ ମୃତ୍ୟୁ।
- ୨୦୦୧-ଦୋହା ବୈଠକରେ ଡବ୍ଲୁଟିଓ ଭାରତର ସମର୍ଥନ କଲା।

## ଜାତୀୟ ଶିକ୍ଷା ଦିବସ

ଦେଶର ବିକାଶରେ ମାନବ ସମ୍ବଳର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ। ଦକ୍ଷ ମାନବ ସମ୍ବଳ ପାଇଁ ଉପଯୁକ୍ତ ଶିକ୍ଷା ଅପରିହାର୍ଯ୍ୟ। ମଣିଷ ଜୀବନରେ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୧କୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି। ଶିକ୍ଷା ହେଉଛି ଏକ ଶକ୍ତିଶାଳୀ ସାଧନ ଯାହା ମାଧ୍ୟମରେ ଆମେ ଆମ ଜୀବନକୁ ଉନ୍ନତ କରିପାରିବା। ଏହା ଆମକୁ ଜ୍ଞାନ, କୌଶଳ, ଏବଂ ଦକ୍ଷତା ପ୍ରଦାନ କରିବା ସହ ଆମ ଲକ୍ଷ୍ୟ ପୂରଣ କରିବାରେ ଏବଂ ବିଶ୍ୱର ଉନ୍ନତି କରିବାରେ ସାହାଯ୍ୟ କରିଥାଏ। ଏହିଦିନ ଭାରତର ପ୍ରଥମ ଶିକ୍ଷା ମନ୍ତ୍ରୀ ତଥା ଭାରତ ରତ୍ନ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମ ଦିବସ। ମୌଲାନା ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ଓ ଲେଖକ ଥିଲେ। ସେ ୧୮୮୮ ମସିହା ଆଜିର ଦିନରେ ଆରବର ମକ୍କା ସହରରେ ଜନ୍ମଗ୍ରହଣ କରିଥିଲେ। ମୌଲାନା ତାଙ୍କୁ ପ୍ରଦତ୍ତ ଏକ ସମ୍ମାନସ୍ୱଦ ଉପାଧି ଥିଲା। ପରବର୍ତ୍ତୀ ସମୟରେ ସେ ତାଙ୍କ ନାମରେ ଆଜାଦ ଯୋଡ଼ିଥିଲେ, ଯାହାର ଅର୍ଥ ମୁକ୍ତି। ୧୫ ଅଗଷ୍ଟ ୧୯୪୭ରୁ ଫେବୃଆରୀ ୨, ୧୯୫୮ ପର୍ଯ୍ୟନ୍ତ ସେ ଭାରତର ଶିକ୍ଷା ମନ୍ତ୍ରୀ



ଥିଲେ। ମୌଲାନାଙ୍କ ଅନୁସାରେ, ବିଦ୍ୟାଳୟ ଏପରି ଏକ ପ୍ରୟୋଗଶାଳା, ଯେଉଁଠାରେ ରାଷ୍ଟ୍ରର ଭବିଷ୍ୟତ ପିଢ଼ିଙ୍କ ବିକାଶ ହୋଇଥାଏ। ଭାରତରେ ପ୍ରତିଷ୍ଠିତ ବିଭିନ୍ନ ଆଇଆଇଟିଗୁଡ଼ିକର ଶ୍ରେୟ ତାଙ୍କୁ ଦିଆଯାଏ। ସ୍ୱାଧୀନତା ସଂଗ୍ରାମ ସମୟରେ ସେ ଭାରତୀୟ ଜାତୀୟ କଂଗ୍ରେସର ବରିଷ୍ଠ ନେତାମାନଙ୍କ ମଧ୍ୟରୁ ଜଣେ ଥିଲେ। ଶିକ୍ଷା ମନ୍ତ୍ରୀ ଥିବା ସମୟରେ ସେ ଜାତୀୟ ଶିକ୍ଷା ନୀତିର ସ୍ଥାପନା କାରିଥିଲେ। ପ୍ରାଥମିକ ଶିକ୍ଷାର ଅଗ୍ରଗତି ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ୧୯୯୨ ମସିହାରେ ତାଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦେଶ ସ୍ୱାଧୀନ ହେବା ପରେ ସେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ର ସ୍ଥାପନା କରିଥିଲେ। ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ରୂପରେଖ ଦେବାରେ ତାଙ୍କର ଅବଦାନକୁ ଚିରସ୍ମରଣୀୟ କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରୁ ନଭେମ୍ବର ୧୧ ତାରିଖକୁ 'ଜାତୀୟ ଶିକ୍ଷା ଦିବସ' ଭାବେ ପାଳନ କରାଯାଇ ଆସୁଛି। ଶିକ୍ଷା ବିଷୟରେ ଲୋକଙ୍କୁ ସଚେତନ କରିବା ତଥା ଲୋକଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ କରାଯାଏ। ବିଦ୍ୟାଳୟ, କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା, ପୁସ୍ତକ ମେଳାର ଆୟୋଜନ କରାଯାଇଥାଏ।

## ଟଙ୍କା ଦେଇ ୱେଟର ସାଜନ୍ତି ଗ୍ରାହକ

ରେସ୍ତୋରାଁଗୁଡ଼ିକ ବିଭିନ୍ନ ଉପାୟ ଅବଲମ୍ବନ କରି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଯୋଜନା କରନ୍ତି। ଏହି କ୍ରମରେ ଜାପାନରେ ଏମିତି ଏକ ରେସ୍ତୋରାଁ ରହିଛି ଯେଉଁଠି ଗ୍ରାହକ ୱେଟର୍ ଅନୁଭୂତି ପାଇବାକୁ ରେସ୍ତୋରାଁ ଆସନ୍ତି। ଆଉ ଟଙ୍କା ଦେଇ ୱେଟର୍ ସାଜନ୍ତି। ଜାପାନର ଏକ ଲୋକପ୍ରିୟ ରେସ୍ତୋରାଁରେ ଗ୍ରାହକ ଟଙ୍କା ଦେଇ ୱେଟର୍ ସାଜିବା ଅନୁଭୂତି ନେଉଛନ୍ତି। ଏଥିପାଇଁ ରେସ୍ତୋରାଁ ପକ୍ଷରୁ ଗ୍ରାହକଙ୍କୁ ୱେଟର୍‌ଙ୍କ ପୋଷାକ ଦିଆଯାଏ। ତେବେ ସାମାଜିକ ଗଣମାଧ୍ୟମରେ ରେସ୍ତୋରାଁର ଏହି ନିୟମ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ପପ୍-ଅପ୍ ଆଉଟଲେଟରେ କିଛି ଗ୍ରାହକ ଖାଦ୍ୟ ଖାଇବା ସହ ୱେଟର୍ ସାଜିବା ସଉକ ପୂରା କରିବାକୁ ଆସିଥାନ୍ତି। ରେସ୍ତୋରାଁରେ ଗ୍ରାହକ ୱେଟର୍ ପୋଷାକ ପିନ୍ଧି ରେସ୍ତୋରାଁର କର୍ମଚାରୀମାନଙ୍କୁ ଖାଦ୍ୟ ପରଷନ୍ତି। ଅବଶ୍ୟ ଗ୍ରାହକଙ୍କୁ ଏଭଳି ସଉକ ପୂରଣ କରିବା ପାଇଁ ୯୦ ମିନିଟ୍‌କୁ ଭାରତୀୟ ମୂଦ୍ରାରେ ୨,୨୯୮ ଟଙ୍କା ଦେବାକୁ ପଡ଼େ। ଏହାଦ୍ୱାରା ଗ୍ରାହକ କିଛି ସମୟ ପାଇଁ ନିଜକୁ ୱେଟର୍ ଭାବିଥାନ୍ତି। କିଛି ଲୋକ ୱେଟର୍‌ଙ୍କ ଭଳି ପୂରା ପୋଷାକ ନ ପିନ୍ଧି କେବଳ ପୋଷାକ ଉପରେ ତାକୁ ଗଳାଇ ଦେଇଥାନ୍ତି।



## ବିବାହ ପରେ ବିଦା ହୁଏ ବର

ସାଧାରଣତଃ ବିବାହକୁ ନେଇ ବିଭିନ୍ନ ସ୍ଥାନରେ ଭିନ୍ନ ରୀତିନୀତି ସଂସ୍କୃତି, ପ୍ରଥା, ପରମ୍ପରା ଆଦି ଦେଖିବାକୁ ମିଳିଥାଏ। ଏହିକ୍ରମରେ ମେଘାଳୟର ଖାସୀ ଜନଜାତିରେ ମଧ୍ୟ ବିବାହକୁ ନେଇ ଅଜବ ପରମ୍ପରା ଦେଖିବାକୁ ମିଳିଥାଏ। ଏଠାରେ ବିବାହ ପରେ କନିଆ ବଦଳରେ ବର ବିଦା ହୋଇଥାଏ। ତେବେ ଏହି ଜନଜାତିରେ ମହିଳାମାନଙ୍କର ରାଜୁତି ଚାଲେ। ଏଥିସହ ସମାଜରେ ସେମାନଙ୍କ ଭୂମିକା ସର୍ବୋଚ୍ଚ ବୋଲି କୁହାଯାଏ। ଏହି ପରମ୍ପରା ବର୍ଷ ବର୍ଷ ଧରି ଏଠାରେ ପାଳିତ ହୋଇ ଆସୁଛି। ଏଠାକାର ସମାଜ ମାତୃକେନ୍ଦ୍ରିକ। ଏଠାରେ ପରିବାର ମୁଖ୍ୟ ଘରର ମହିଳା ହୋଇଥାନ୍ତି। ଘରର ସମ୍ପତ୍ତି, ଉପନାମ ସହ ଘରର ସମସ୍ତ ଦାୟିତ୍ୱ ଝିଅ ନେଇଥାଏ। ସେହିପରି ବିଶେଷ କଥା ହେଉଛି ପରିବାରର ସବୁଠୁ ସାନ ଝିଅଙ୍କୁ ମାଆବାପାଙ୍କ ଦେଖାଶୁଣା ଦାୟିତ୍ୱ ଦିଆଯାଏ। ପୁରୁଷମାନେ ଏଠି ମହିଳାମାନଙ୍କୁ ନିଷ୍ପତ୍ତି ନେବାରେ ସାହାଯ୍ୟ କରନ୍ତି। ଶେଷ ନିଷ୍ପତ୍ତି କିନ୍ତୁ ମହିଳାଙ୍କ ଦ୍ୱାରା ହିଁ ନିଆଯାଇଥାଏ। ଏହି ନିଆରା ପରମ୍ପରା ମହିଳାଙ୍କ ସ୍ୱାଧୀନ ଚିନ୍ତାଧାରା ପ୍ରତୀକ। ଖାସି ଜନଜାତିର ସବୁଠୁ ରୋଚକୀୟ କଥା ହେଉଛି ବିବାହ ପରେ ବର ଶ୍ୱଶୁର ଘରକୁ ଯାଇଥାଏ। ବର ଶ୍ୱଶୁର ଘରକୁ ଯାଇ କନିଆ ପରିବାର ସହ ମିଶି ଜୀବନ ଅତିବାହିତ କରିଥାଏ। ଏହି ପରମ୍ପରା ଜନଜାତିଙ୍କ ପାଇଁ ଗର୍ବର ବିଷୟ ଭାବେ ଜଣାଯାଏ। ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ଲୋକବିଶ୍ୱାସ ଅନୁଯାୟୀ, ଏହାଦ୍ୱାରା ପରିବାର ମଜଭୁତ ରହିବା ସହ ମହିଳାଙ୍କୁ ସାମାଜିକ ସମାନତା ମିଳିଥାଏ। ନିକଟରେ ଏହାକୁ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ସଭିଙ୍କ ଧ୍ୟାନ ଆକର୍ଷଣ କରିଥିଲା।



## 'ବର୍ଡର ୨'
# ଆସିଲା ବରୁଣଙ୍କ ଲୁକ୍

ଅନୁରାଗ ସିଂହଙ୍କ ନିର୍ଦ୍ଦେଶିତ 'ବର୍ଡର ୨' ଫିଲ୍ମରୁ ବରୁଣ ଧୱନଙ୍କ ଲୁକ୍ ସାମ୍ନାକୁ ଆସିଛି। ଏହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେଉଛି। ଏହାପୂର୍ବରୁ ଫିଲ୍ମରୁ ସନ୍ନି ଦେଓ୍ୱଲଙ୍କ ଲୁକ୍ ଭାଇରାଲ ହୋଇଥିଲା। ଜାନୁଆରୀ ୨୩, ୨୦୨୬ରେ ଏହା ପରଦାକୁ ଆସିବ। ସାମାଜିକ ଗଣମାଧ୍ୟମରେ ବରୁଣ ଫିଲ୍ମର ପୋଷ୍ଟର ସେୟାର୍ କରି ଲେଖିଛନ୍ତି- 'ଦେଶର ସିପାହୀ ପିବିସି ହୋସିଆର ସିଂହ ଦହିଆ।' ପୋଷ୍ଟର୍‌ରେ ବରୁଣ ସେନା ପୋଷାକରେ ବନ୍ଧୁକ ଧରିଥିବାର ଦେଖାଯାଇଛନ୍ତି। ତାଙ୍କ ଆଖପାଖରେ କିଛି ସୈନିକ ମଧ୍ୟ ଅଛନ୍ତି। ତନ୍ମଧ୍ୟରୁ କିଛି ଜଣ ଆହତ ହୋଇଥିବାବେଳେ ଆଉ କିଛି ଲଢୁଥିବାର ଦେଖାଯାଇଛନ୍ତି। ବରୁଣଙ୍କ ଆଖିରେ ଶତ୍ରୁପକ୍ଷ ପ୍ରତି ଆକ୍ରୋଶ ସ୍ପଷ୍ଟ ବାରି ହୋଇ ପଡୁଛି। ଏଥିରେ ବରୁଣଙ୍କ ସହ ସନ୍ନି ଦେଓ୍ୱଲ, ଦିଲଜିତ୍ ଦୋସାଞ୍ଜ,ଅହାନ୍ ସେଟ୍ଟୀ, ମେଘା ରାଣା, ମୋନା ସିଂହ, ସୋନମ୍ ବାଜୱା ପ୍ରମୁଖ ନଜର ଆସିବେ। ସେହିଭଳି ଭୂଷଣ କୁମାର, କୃଷ୍ଣ କୁମାର, ଜେପି ଦତ୍ତା, ନିଧି ଦତ୍ତା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏଠାରେ ପ୍ରକାଶ ଥାଉ କି, 'ବର୍ଡର ୨' ୧୯୯୭ରେ ଆସିଥିବା ଜେପି ଦତ୍ତାଙ୍କ ନିର୍ଦ୍ଦେଶିତ 'ବର୍ଡର'ର ସିକ୍ୱେଲ।






## କୁକୁଡ଼ା ବସନ୍ତ

**ବର୍ତ୍ତମାନ ଆମ ରାଜ୍ୟର ଅଧିକାଂଶ ଜିଲ୍ଲାରେ କୁକୁଡ଼ା ବସନ୍ତ ରୋଗ ଦେଖାଯାଉଛି। ଏହା ଏକ ଭୂତାଣୁଜନିତ ରୋଗ। ଶୀତଋତୁରେ ଆର୍ଦ୍ର ବାତାବରଣ ଯୋଗୁଁ କୁକୁଡ଼ା ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି। ଏହି ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସକଙ୍କ ପରାମର୍ଶରେ ଚିକିତ୍ସା ଯୋଗାଇଦେବା ଆବଶ୍ୟକ।**



କୁକୁଡ଼ା ବସନ୍ତ ରୋଗରେ ଆକ୍ରାନ୍ତ କୁକୁଡ଼ାଙ୍କ ମୁଣ୍ଡ, ପାଟି, ଆଖି ଆଦି ସ୍ଥାନରେ ଘା' ହୋଇଯାଏ। ଆଖି ବନ୍ଦ ହୋଇଯିବାରୁ ସେମାନେ ଦେଖିପାରନ୍ତିନି। ପ୍ରାୟତଃ ଅନ୍ଧ ହୋଇଯାଆନ୍ତି। ଚୂଳ, ଥଣ୍ଟ, ବେକ ଆଦି ସ୍ଥାନରେ ବସନ୍ତ ହୋଇ ଫୋଟକା ସୃଷ୍ଟି ହୁଏ। ଏହି ରୋଗରେ ଆକ୍ରାନ୍ତ କୁକୁଡ଼ା ଖାଇବା ପିଇବା ବନ୍ଦ କରିଥାନ୍ତି। ଗମ୍ଭୀରସ୍ଥିତିରେ କୁକୁଡ଼ା ମୃତ୍ୟୁବରଣ କରିଥାନ୍ତି। ତେବେ ଆକ୍ରାନ୍ତ କୁକୁଡ଼ାଠାରୁ ଅନ୍ୟକୁକୁଡ଼ାଙ୍କୁ ଏହି ରୋଗ ବହୁତ ଜୋରରେ ବ୍ୟାପୁଥିବାରୁ ରୋଗର ଲକ୍ଷଣ ଦେଖିବାମାତ୍ରେ ଡାକ୍ତରଙ୍କ ପରାମର୍ଶରେ ଯତ୍ନ ନେବା ଜରୁରି। ରୋଗର ନିରାକରଣ ପାଇଁ ବଡ଼ କୁକୁଡ଼ା ଓ ଛୋଟ କୁକୁଡ଼ାଙ୍କୁ ଟିକା କରଣ କରାଯାଏ। କୁକୁଡାର ପର ତଳେ ୦.୧ ମିଲି ଟିକା ଦିଆଯାଇଥାଏ। ସେହିପରି ଘା' ଗୁଡ଼ିକୁ ପଟାସ ପାଣିରେ ଧୋଇବା ଜରୁରି। ଯଦି ଟିକା ଉପଲବ୍ଧ ନ ଥାଏ, ହୋମିଓପାଥି ଉପଚାର କରି ପାରିବେ। ପାଣିରେ ହୋମିଓପାଥି ଔଷଧ ପକାଇ କୁକୁଡ଼ାଙ୍କୁ ଦେଲେ ରୋଗର ତୀବ୍ରତା କମିଥାଏ। ତେବେ ସଂକ୍ରମିତ କୁକୁଡ଼ାଙ୍କୁ ସୁସ୍ଥ କୁକୁଡ଼ାଙ୍କଠାରୁ ଦୂରେଇ ରଖନ୍ତୁ।

## ଏମାସର ଚାଷ

**ଆମ ରାଜ୍ୟର ପ୍ରାୟତଃ ଚାଷୀ ଧାନ ଚାଷ ସହିତ ବିଭିନ୍ନ ପ୍ରକାର ପରିବା ଚାଷ କରିଥାନ୍ତି। ତେଣୁ ନଭେମ୍ବର ମାସରେ ପରିବା ଚାଷ କରୁଥିଲେ; କିଛି କଥାକୁ ଧ୍ୟାନ ଦେବା ଜରୁରି।**



ଚାଷ ପୂର୍ବରୁ ଜମିରେ ମାଟିକୁ ଗୁଣ୍ଡ କରି ଏକର ପ୍ରତି ୧୦ କ୍ୱିଣ୍ଟାଲ ସଢ଼ା ଗୋବର ଖତ ପ୍ରୟୋଗ କରି ମାଟିକୁ ସମତଳ କରିଦିଅନ୍ତୁ। ନଭେମ୍ବର ମାସରେ ଆଳୁ, ଗାଜର, ମୂଳା, ବିଟ୍, କୋବି ଓ ଟମାଟୋ ଆଦି ପନିପରିବା ଚାଷ କରିପାରିବେ। ମୁଖ୍ୟତଃ ଏହି ଦିନେ ତାପମାତ୍ରା କମ୍ ରୁହେ, ତେଣୁ ଗଛ ମୂଳରେ ଅଧିକ ମାତ୍ରାର ପାଣି ଦେବା ଅନୁଚିତ। ଏହାଦ୍ୱାରା ଗଛ ମୂଳ ସଢ଼ିଯାଇଥାଏ। ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ଗଛ ଲଗାଇବା ଭଲ। ଜମିରେ ବୁଣାକାମ ପୂର୍ବରୁ ମାଟିରେ ଖତ ମିଶାଇ ଦିଅନ୍ତୁ। ଗଛରେ ଯବକ୍ଷାରଜାନ ଓ ପଟାସ ଆଦି ଉପଯୋଗ କରିପାରିବେ। ଯଦି ଚାହିଁବେ ଜୈବିକ ପ୍ରଣାଳୀରେ ଚାଷ କରିପାରିବେ।

ଗଛ ଲଗାଇବା ପରେ ସପ୍ତାହ ଅନ୍ତରରେ ୪ରୁ ୫ ଥର ଜଳ ସିଞ୍ଚନ କରିବାକୁ ଭୁଲନ୍ତୁନି। ଏକମାସ ପରେ ଚାଷଜମିରେ କୋଡାଖୋସା କରିବା ଆବଶ୍ୟକ। ଘାସ ନିୟନ୍ତ୍ରଣ କରି ଜୈବିକ ସାର ପ୍ରୟୋଗ କଲେ ଫସଲ ସୁରକ୍ଷିତ ରୁହେ। ୪୫ ଦିନରେ ୩ରୁ ୪ କ୍ୱିଣ୍ଟାଲ ପ୍ରତି ଏକର ପିଛା ଜିଆ ଖତ ପ୍ରୟୋଗ କରିପାରିବେ।

## ନଡ଼ା ସଫା ଯନ୍ତ୍ର



ଅଧିକାଂଶ ଚାଷୀ ଫସଲ ଅମଳ ପରେ ସେହି ଜମିରେ ଅନ୍ୟ ଫସଲ ଚାଷ କରିଥାନ୍ତି। ପ୍ରତ୍ୟେକ ଚାଷକାର୍ଯ୍ୟ ଆରମ୍ଭରୁ ମାଟିକୁ ଭଲ ଭାବେ ଗୁଣ୍ଡ କରି ଜମି ପ୍ରସ୍ତୁତ କରାଯାଏ। ତେବେ ପ୍ରଥମ ଫସଲ ଯଥା ଧାନ, ଗହମ କିମ୍ବା ଅନ୍ୟାନ୍ୟ ଫସଲ ଅମଳ ପରେ ଜମିରେ ଏହାର ଅବଶିଷ୍ଟାଂଶ ରହିଥାଏ। ଏନେଇ ଅଧିକାଂଶ ଲୋକ ଚାଷ ପୂର୍ବରୁ ପୁରୁଣା ଫସଲର ଅବଶିଷ୍ଟାଂଶକୁ ପୋଡ଼ିଥାନ୍ତି। ଏହା ଯୋଗୁଁ ଜମିରେ ଉପଯୋଗୀ ଜୀବାଣୁ ନଷ୍ଟ ହୋଇଯାଇଥାନ୍ତି। ମାଟି ଟାଣ ହେବା ସହ ଜଳଧାରଣା କ୍ଷମତା କମିଯାଏ। ତେଣୁ ଏବେ ଏହି ସମସ୍ୟାକୁ ଦୂର କରିବ ସୁପର ସିଡର। ଏହି କୃଷି ଯନ୍ତ୍ରଟି ଗହମ, ଧାନ ତଥା ଅନ୍ୟ ଫସଲ କାଟିବା ପରେ ଜମିରେ ବଳକା ଥିବା କୁଟା, ନଡ଼ା, କାଠି ଆଦିକୁ ସିଧାସଳଖ ମାଟିରେ ମିଶାଇ ଦିଏ। ଏହାଦ୍ୱାରା ଚାଷୀଙ୍କୁ ଆଉ ଫସଲ ବର୍ଜ୍ୟକୁ ପୋଡିବାକୁ ପଡ଼ି ନ ଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ଦ୍ୱାରା ଜମିର ବର୍ଜ୍ୟ ମାଟିରେ ମିଶି ଫସଲରେ ଖତ ପରି କାମ ଦିଏ। ଏହି କୃଷି ଯନ୍ତ୍ରର ମୂଲ୍ୟ ପାଖାପାଖି ୨.୪୦ଲକ୍ଷରୁ ୩ ଲକ୍ଷ ଟଙ୍କା ହେବ। ଏହି ଯନ୍ତ୍ରଟିକୁ ଟ୍ରାକ୍ଟର ସହିତ ଫିଟ୍ କରି ଜମିରେ ବ୍ୟବହାର କରିବାକୁ ପଡ଼େ। ଫଳରେ ଚାଷୀମାନେ ସହଜ ଓ ସ୍ୱଳ୍ପ ମୂଲ୍ୟରେ ହଳ ସହିତ ବୁଣା କାମ କରିପାରନ୍ତି।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନକେଣ୍ଡାରେ ଶତକଡ଼ା ୮୫ ଭାଗ ପାଚି ଯାଇଥିଲେ କାଟି ନିଅନ୍ତୁ। ବେଙ୍ଗଳା ପରେ ଧାନକୁ ଭଲ ଭାବେ ଖରାରେ ଶୁଖାଇ ସାଇତି ରଖନ୍ତୁ।
- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଓ ଶସ୍ୟଜାତୀୟ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଅମଳକ୍ଷମ ପିଆଜର କିସମ ଗୁଡିକ ହେଲା- ଆଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆଗ୍ରିଫାଉଣ୍ଡ ଡାର୍କ ରେଡ୍, ଭୀମ ଶକ୍ତି, ଭୀମ ସୁପର ଇତ୍ୟାଦି।
- ଉଚ୍ଚ-ମଧ୍ୟମ ଜମିରେ ବତର ଦେଖି ରବି ଫସଲ ଯଥା ମୁଗ, ବିରି, ଝୁଡ଼ଙ୍ଗ, ମଟର, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଚାଷ କରନ୍ତୁ।
- ଲଙ୍କାରେ ଉକୁଣିଆ ପୋକର ପରିଚାଳନା ପାଇଁ ଏକର ପିଛା ୮ଟି ଅଠାଳିଆ ଯନ୍ତା ଲଗାନ୍ତୁ।
- ଶୀତଋତୁରେ ମାଛମାନଙ୍କ ଦେହରେ କବକ ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ। ଏହି ରୋଗମାନଙ୍କର ନିରାକରଣ ପାଇଁ ଶୀତଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ ୪୦୦ ମିଲି କିମ୍ବା ପଟାସିୟମ ପରମାଙ୍ଗାନେଟ୍ ୧ ରୁ ୨ କେଜି କିମ୍ବା ଚୂନ ୫୦ରୁ ୧୦୦ କେଜି ମିଶାଇ ବିଶୋଧନ କରନ୍ତୁ।



## କୁଣ୍ଡରେ ମଟର ଅମଳ

ଶୀତଦିନେ ମଟରର ଚାହିଦା ଅଧିକ ଥାଏ। ତେଣୁ ବାଲ୍‌କୋନି କିମ୍ବା ଘରେ କୁଣ୍ଡରେ ମଟର ଚାଷ ସମ୍ଭବ। ମଟର ଚାଷ କରିବାକୁ ୧୦ରୁ ୧୨ ଇଞ୍ଚ ଗଭୀର କୁଣ୍ଡ ଆବଶ୍ୟକ ହୋଇଥାଏ। କୁଣ୍ଡ ତଳପାର୍ଶ୍ୱରେ ବାୟୁ ଚଳାଚଳ ପାଇଁ ଛୋଟ କଣା ରହିଥିବା ଜରୁରି। ମାଟି, ସଢ଼ାଗୋବର, ଖତ ବାଲି ଆଦିକୁ ମିଶାଇ କୁଣ୍ଡ ଭର୍ତ୍ତି କରି ସେଥିରେ ଗଛ ଲଗାଯାଏ। ମାଟିରେ ବାୟୁ ଚଳାଚଳ ଯେପରି ହୋଇପାରିବ ସେନେଇ ଧ୍ୟାନ ଦେବା ଆବଶ୍ୟକ। କୁଣ୍ଡରେ ମଞ୍ଜିକୁ ୩ରୁ ୪ ସେମି ଗଭୀରରେ ପୋତି ଗଛକୁ ଗଛ ୧୦ରୁ ୧୫ ସେମି ଦୂରରେ ରଖାଯାଏ।



ସେହିପରି ଗଛକୁ ଯେପରି ୬ଘଣ୍ଟା ସୂର୍ଯ୍ୟକିରଣ ମିଳିପାରିବ ତାହାକୁ ଧ୍ୟାନ ଦେବା ଆବଶ୍ୟକ। ମଟର ଗଛର ଲତା ବଢ଼ିଲେ ଏହାକୁ ସାହାରା ଦେବାକୁ ରଞ୍ଜା (ବାଉଁଶ, ଜାଲି) ବନ୍ଦୋବସ୍ତ କରିପାରିବେ। ସମୟେ ସମୟେ ଘାସ ନିୟନ୍ତ୍ରଣ କରିବାକୁ ଭୁଲନ୍ତୁନି। ଗଛରେ ରୋଗପୋକ ଦେଖାଦେଲେ, କୃଷି ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଔଷଧ ସିଞ୍ଚନ କରନ୍ତୁ। ଏହାଦ୍ୱାରା ଗଛରେ ଶୀଘ୍ର ଫଳ ଆସିଥାଏ। ମଟର ଫଳିବାକୁ ପାଖାପାଖି ଦୁଇରୁ ଅଢ଼େଇ ମାସ ସମୟ ଲାଗେ। ମଟର ଛୁଇଁ ପରିପକ୍ୱ ହୋଇଥିଲେ ଏହାକୁ ତୋଳି ପାରିବେ।

● ଆଇପିଏଲ୍-୨୦୨୬

## ସିଏସ୍‌କେରୁ ଖେଳିପାରନ୍ତି ସାମସନ, ରାଜସ୍ଥାନରୁ ଜାଡ଼େଜା

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଆସନ୍ତାବର୍ଷ ଖେଳାଯିବାକୁ ଥିବା ଆଇପିଏଲ୍-୧୯ ର ନିଲାମ ଏଥର ମଧ୍ୟ ବିଦେଶରେ ହେବ। ବିସିସିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଡିସେମ୍ବର ୧୫ କିମ୍ବା ୧୬ରେ ଏହି ମିନି ନିଲାମ ଆବୁଧାବିରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଗତ ଦୁଇବର୍ଷ ହେଲା ଏହା ଯଥାକ୍ରମେ ଜେଦ୍ଦା, ସାଉଦି ଆରବ ଓ ଦୁବାଇରେ ଆୟୋଜିତ ହୋଇଥିଲା। ନଭେମ୍ବର ୧୫ ସୁଦ୍ଧା ଖେଳାଳି ରିଟେନସନ ତାଲିକା ବିସିସିଆଇର ହସ୍ତଗତ ହେଲେ ନିଲାମ ତାରିଖ ଘୋଷଣା କରାଯିବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ମହିଳା ପ୍ରିମିୟର ଲିଗ୍ ଲାଗି ନିଲାମ ନୂଆଦିଲ୍ଲୀରେ ନଭେମ୍ବର ୨୭ରେ ଅନୁଷ୍ଠିତ ହେବ ବୋଲି ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ଜଣାଇଦିଆଯାଇଛି। ଏହା ମଧ୍ୟରେ ଆଉ ଏକ ଘଟଣାକ୍ରମରେ ସଞ୍ଜୁ ସାମସନ ଏଥର ଚେନ୍ନାଇ ସୁପରକିଙ୍ଗ୍‌ସ (ସିଏସ୍‌କେ) ପକ୍ଷରୁ ଏବଂ ରବୀନ୍ଦ୍ର ଜାଡେଜା ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିବେ ବୋଲି ଏକପ୍ରକାର ସ୍ଥିର ହୋଇଛି। ଆଇପିଏଲ ଟ୍ରେଡ୍ ମାଧ୍ୟମରେ ଏହା ସମ୍ଭବ ହେବାକୁ ଯାଉଛି। ସଞ୍ଜୁ ସାମସନଙ୍କୁ ହଟାଇବା ଲାଗି ରାଜସ୍ଥାନ ରୟାଲ୍ସ ଏକାଧିକ ଫ୍ରାଞ୍ଚାଇଜ୍ ସହ ଆଲୋଚନା କରିଛି। କିନ୍ତୁ ଏଥିରେ ବିଫଳ ହେବା ପରେ ସିଏସ୍‌କେ ରାଜି ହୋଇଛି।

## ପାକିସ୍ତାନ କ୍ରିକେଟର୍ ନସୀମଙ୍କ ଘର ଉପରକୁ ଗୁଳି ମାଡ଼

ଇସଲାମବାଦ୍, ୧୦।୧୧ (ଏଜେନ୍ସି): ପାକିସ୍ତାନ କ୍ରିକେଟର୍ ନସୀମ ଶାହଙ୍କ ଘର ଉପରକୁ ଅଜଣା ଆତତାୟୀମାନେ ଦିନ ଦ୍ୱିପହରେ ଆଖିବୁଜା ଗୁଳିଚାଳନା କରିଛନ୍ତି। ଖାଇବର ପଖତୁନଖୱା ପ୍ରଦେଶର ଲୋୟର ଡି ଜିଲ୍ଲାରେ ଥିବା ନସୀମଙ୍କ ଘରର ମୁଖ୍ୟ ଦ୍ୱାରରେ ଏହି ଗୁଳିମାଡ଼ ହୋଇଥିବା ଜଣାପଡ଼ିଛି। ଗୁଳିମାଡ଼ରେ ଲୁହାରେ ନିର୍ମିତ ମୁଖ୍ୟ ଦ୍ୱାରରେ ଅନେକ ଛିଦ୍ର ହୋଇଥିବାବେଳେ ନିକଟରେ ଥିବା ଏକ କାର୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ୫ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

● ଚେସଟର୍ଫ ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟ

## ସମ୍ବିତ୍ ଓ ଅନ୍ୱେଷଙ୍କୁ ଟାଇଟଲ୍

ଭୁବନେଶ୍ୱର,୧୦।୧୧(ସମିସ): ଆଇଏମ୍ ସମ୍ବିତ ପଣ୍ଡା ଓ ଡାକ୍ତର ଅନ୍ୱେଷ ଉପାଧ୍ୟାୟ ପ୍ରଥମ ଚେସଟର୍ଫ ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଚେସ୍‌ଟର୍ଫ ଏକାଡେମୀ ଆନୁକୂଲ୍ୟରେ ଓଡ଼ିଶାରେ ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମଥର ଆୟୋଜିତ ହୋଇଥିଲା। ସମଗ୍ର ରାଜ୍ୟରୁ ୨୫୦ରୁ ଉର୍ଦ୍ଧ୍ୱ ଖେଳାଳି ଏଥିରେ ଅଂଶଗ୍ରହଣ



କରିଥିଲେ। ସମ୍ବିତ ସମସ୍ତଙ୍କୁ ପଛରେ ପକାଇ ରାପିଡ୍ ବିଭାଗରେ ଚାମ୍ପିଅନ ହେବା ସହ ଟ୍ରଫି ଓ ୨୧,୦୦୦ ଟଙ୍କାର ପୁରସ୍କାର ଜିତିଥିଲେ। ଏହି ବିଭାଗରେ ଫିଡେ ମାଷ୍ଟର ଶ୍ରୀଅଂଶ ଦାସ ଦ୍ୱିତୀୟ ସ୍ଥାନରେ ରହି ୧୧,୦୦୦ ଟଙ୍କା ଓ ଅନ୍ୱେଷ ତୃତୀୟ ସ୍ଥାନରେ ରହି ୮,୦୦୦ ଟଙ୍କାର ପୁରସ୍କାର ପାଇଥିଲେ। ସେହିପରି ବ୍ଲିଜ୍ ବିଭାଗରେ ଡାକ୍ତର ଅନ୍ୱେଷ ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କୁ ପୁରସ୍କାର ବାବଦରେ ଟ୍ରଫି ସହ ୭,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ବିଭାଗରେ ସମ୍ବିତ ରନର୍ସଅପ୍ ଓ ଜ୍ୟୋତ୍ସ୍ନାଭ ତାଲୁକଦାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୋଟ ୧.୭୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ଶିଳ୍ପପତି ଦୀପ୍ତିରଞ୍ଜନ ପଟ୍ଟନାୟକ, ଅଲ୍‌ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ଓ ଆୟୋଜକ ଚେସ୍‌ଟର୍ଫ ଏକାଡେମୀର ସମ୍ପାଦକ ସ୍ୱୟଂଶୁ ସତ୍ୟକାମ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଜୁନିଅର ମହିଳା ବିଶ୍ୱକପ୍ ଲାଗି ଭାରତୀୟ ହକି ଦଳ ଘୋଷିତ

# ଟିମ୍‌ରେ ଓଡ଼ିଶାରୁ ସୁନେଲିତା, ହର୍ଷାରାଣୀ, ପୂଜା

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଜୁନିଅର ମହିଳା ହକି ବିଶ୍ୱକପ୍ ଲାଗି ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଜ୍ୟୋତି ସିଂ ପୂର୍ବପରି ଜୁନିଅର ଦଳର ନେତୃତ୍ୱ ବଜାୟ ରଖିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଚିଲିର ସାଣ୍ଟିଆଗୋଠାରେ ଡିସେମ୍ବର ୧ରୁ ୧୩ ତାରିଖଯାଏ ଅନୁଷ୍ଠିତ ହେବ। ଜୁନିଅର ହକିର ଏହି ମେଗା ଇଭେଣ୍ଟରେ ଭାରତ ପୁଲ-ସି'ରେ ସ୍ଥାନ ପାଇଛି। ଏହା ମଧ୍ୟରୁ ଦଳ ପ୍ରଥମ ମ୍ୟାଚ୍ ନାମିବ୍ୟା ସହ ଡିସେମ୍ବର ୧ରେ, ଦ୍ୱିତୀୟ ମ୍ୟାଚ୍ ଜର୍ମାନୀ ସହ ଡିସେମ୍ବର ୩ ଓ ତୃତୀୟ ମ୍ୟାଚ୍ ଆୟର୍ଲାଣ୍ଡ ସହ ଡିସେମ୍ବର ୫ରେ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ନକ୍‌ଆଉଟ୍‌କୁ ଯୋଗ୍ୟତା ଅର୍ଜନ କରିବେ। ଡିସେମ୍ବର ୭ରୁ ୧୩ ତାରିଖଯାଏ ନକ୍‌ଆଉଟ ମ୍ୟାଚ୍ ଗୁଡ଼ିକ ଖେଳାଯିବ। ଏହା ମଧ୍ୟରେ ଡିସେମ୍ବର ୧୩ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।








ଭାରତ ପକ୍ଷରୁ ଘୋଷିତ ୨୦ ଜଣିଆ ଦଳରେ ୧୮ ଜଣ ଖେଳାଳି ଓ ୨ଜଣ ବଦଳ ଖେଳାଳି ରହିଛନ୍ତି। ଏମାନଙ୍କ ବ୍ୟତୀତ ୩ଜଣଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି। ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଗୋଲରକ୍ଷକ ଏଞ୍ଜେଲ ହର୍ଷାରାଣୀ ମିଞ୍ଜ, ଡିଫେଣ୍ଡର ପୂଜା ସାହୁ ଓ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ସମସ୍ତଙ୍କର ଜୁନିଅର ଅନ୍ତର୍ଜାତୀୟ ହକି ଖେଳିବାରେ ଅଭିଜ୍ଞତା ରହିଛି। ସୁନେଲିତା ଟପ୍ପୋ ଗୋଟିଏ ପାଦ ଆଗେଇଯାଇ ସିନିଅର ଦଳ ପକ୍ଷରୁ ଖେଳିଛନ୍ତି। ସେହିପରି ମମିତା ଓରାମ ଚତୁର୍ଥ ଖେଳାଳିମାନେ ଷ୍ଟାଣ୍ଡବାଇରେ ରହିଛନ୍ତି। ମହିଳା ହକି ଦଳର ହେଡ୍ କୋଚ୍ ତୁଷାର ଖାଣ୍ଡେକର ଦଳଠାରୁ ଭଲ ପ୍ରଦର୍ଶନ ଆଶା ରଖିଛନ୍ତି। ଖେଳାଳିମାନଙ୍କୁ ଶିବିରରେ ରଖାଯାଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହା ପରେ ବିଭିନ୍ନ ଟୁର୍‌ରେ ମଧ୍ୟ ଏମାନେ ଖେଳିଥିଲେ। ଏଣୁ ଅନ୍ତର୍ଜାତୀୟ ଅଭିଜ୍ଞତା ଥିବା ଖେଳାଳିମାନେ ଏଥର ଦଳରେ ସ୍ଥାନ ପାଇଛନ୍ତି ଓ ଏଥର ଦଳ ଭଲ ଖେଳିବ ବୋଲି ଖାଣ୍ଡେକର କହିଛନ୍ତି।

### ଖେଳସୂଚୀ

୧-୧୨ ବନାମ ନାମିବ୍ୟା
୩-୧୨ ବନାମ ଜର୍ମାନୀ
୫-୧୨ ବନାମ ଆୟର୍ଲାଣ୍ଡ

### ଘୋଷିତ ଦଳ

ନିଧି, ଏଞ୍ଜିଲ ହର୍ଷାରାଣୀ ମିଞ୍ଜ୍ (ଗୋଲରକ୍ଷକ), ସାକ୍ଷୀ ଶୁକ୍ଳା, ପୂଜା ସାହୁ ଓ ନନ୍ଦିନୀ (ସମସ୍ତେ ଡିଫେଣ୍ଡର), ସାକ୍ଷୀ ରାଣା, ଇଶିକା, ସୁନେଲିତା ଟପ୍ପୋ, ଜ୍ୟୋତି ସିଂ (ଅଧିନାୟିକା), କେ, ଶିଲେଇମା ଚାନୁ, ବିନିମା ଧାନ୍ (ମିଡ୍‌ଫିଲ୍ଡର), ସୋନମ, ପୂର୍ଣ୍ଣିମା ଯାଦବ, କନିକା ସିୱାଚ୍‌ଲ ହୀନା ବାନୋ ମନୀଷା, ଲାଲଥାନଲୁଆଲାଙ୍ଗି ଓ ସୁଖବୀର କୌର।

ରଣଜୀ ଟ୍ରଫି: ବିଦର୍ଭର ଅମନ, ଧ୍ରୁବଙ୍କ ଶତକ

## ଓଡ଼ିଶା ଆଗରେ ୩୪୫ ରନ୍‌ର ଟାର୍ଗେଟ

ଭୁବନେଶ୍ୱର, ୧୦।୧୧ (ସମିସ): ଅମନ ମୋଖାଡେ ଓ ଧ୍ରୁବ ସୋରେଙ୍କ ଶତକ ବଳରେ ଏଠାରେ ଚାଲିଥିବା ରଣଜୀ ଟ୍ରଫିର ଏଲିଟ୍-ସି'ର ଏକ ମ୍ୟାଚ୍‌ରେ ଘରୋଇ ବିଦର୍ଭ ଦଳ ଭ୍ରମଣକାରୀ ଓଡ଼ିଶା ଆଗରେ ୩୪୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୧୨ ଓଭର ଖେଳି ବିନା ୱିକେଟରେ ୪୪ ରନ୍ କରିନେଇଛି। ଦୁଇ ଓପନର ସ୍ୱସ୍ତିକ ସାମଲ ୨୫ ଓ ଗୌରବ ଚୌଧୁରୀ ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ପିଚ୍‌ରେ ମ୍ୟାଚ୍ ବଞ୍ଚାଇବା କଷ୍ଟକର ହୋଇଥିଲାବେଳେ ମ୍ୟାଚ୍ ଜିତିବାକୁ ଆସନ୍ତାକାଲି ଚତୁର୍ଥ ତଥା ଶେଷ ଦିନରେ ବାକିଥିବା ସମସ୍ତ ୧୦ଟିଯାକ ଦ୍ୱିତୀୟ ଇନିଂସ ୱିକେଟ୍‌ରେ ଆଉ ୩୦୧ ରନ୍ ଆବଶ୍ୟକ ହେଉଛି। ଓଡ଼ିଶାର ଦ୍ୱିତୀୟ ଇନିଂସ ପୂର୍ବରୁ ଉଭୟ ଦଳ ଗୋଟିଏ ଲେଖାଏଁ ଇନିଂସ ଶେଷ କରିଥିଲେ। ଗତକାଲି ୬ ୱିକେଟରେ ୧୨୨ ରନ୍ କରିଥିବା ଓଡ଼ିଶା ଆଜି ଆଉ ୩୮ ରନ୍ ଯୋଡିବା ପରେ ୧୬୦ ରନ୍‌ରେ ଅଲଆଉଟ ହୋଇଥିଲା। ଶେଷଭାଗରେ ସମ୍ବିତ ବରାଳଙ୍କ ୨୯ ରନ୍ ଲାଗି ଏହା ସମ୍ଭବ ହୋଇଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୪୧ ରନ୍ କରିଥିଲେ। ଘରୋଇ ଦଳର ଦୁଇ ମିଡିୟମ ପେସ୍ ବୋଲର ଗୌରବ ଫାର୍ଡେ ୪ଟି ଓ ପାର୍ଥ ରେଖାଡେ ୨ଟି ୱିକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୨୬ ରନ୍‌ରେ ଆଗୁଆ ଥିବା ବିଦର୍ଭ ଦ୍ୱିତୀୟ ଇନିଂସରେ ୨ ୱିକେଟରେ ୨୧୮ ରନ୍ କରି ଇନିଂସ ସମାପ୍ତି ଘୋଷଣା କରିଥିଲା। ଅମନ ମୋଖାଡେ ଅପରାଜିତ ୧୦୧ ରନ୍ କରିଥିଲାବେଳେ ଧ୍ରୁବ ସୋରେ ୧୦୧ ରନ୍ କରି ଆଉଟ ହୋଇଥିଲେ। ୨ଟିଯାକ ୱିକେଟ ବାଦଲ ବିଶ୍ୱାଳଙ୍କୁ ମିଳିଥିଲା। ଧ୍ରୁବ ମଧ୍ୟ ପ୍ରଥମ ଇନିଂସରେ ଶତକ ସହ ୧୪୪ ରନ୍‌ର ବିରାଟ ଇନିଂସ ଖେଳିଥିଲେ।


## କିଟ୍ ଓ କିସ୍‌ରେ ୩୨ କୋଚ୍‌ଙ୍କୁ ନିଯୁକ୍ତି



ଭୁବନେଶ୍ୱର, ୧୦।୧୧ (ସମିସ): କିଟ୍ ଓ କିସ୍ ପକ୍ଷରୁ ଏହାକୁ କ୍ରୀଡ଼ା ଇକୋସିଷ୍ଟମକୁ ସୁଦୃଢ଼ କରିବା ଲାଗି ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏହିକ୍ରମରେ ୩୨ଜଣ ପୂର୍ବତନ କ୍ରୀଡ଼ାବିତ୍ ଓ ଏନ୍‌ଆଇଏସ୍-ପ୍ରମାଣିତ ପ୍ରଶିକ୍ଷକଙ୍କୁ କିଟ୍ ଓ କିସ୍‌ର କ୍ରୀଡ଼ା ବିଭାଗରେ ନିଯୁକ୍ତି କରାଯାଇଛି। ନିଯୁକ୍ତି ପାଇଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅଲିମ୍ପିଆନ ରାହୁଲ ବାନାର୍ଜୀ (ମୁଖ୍ୟ କୋଚ୍, ତୀରନ୍ଦାଜୀ), ସିଏସ୍ ଲାଗୁରୀ, କୁନି ଭଦ୍ରା, ଉମା ଦଳପତି, ଜଗନ୍ନାଥ ମାଝୀ, ସରିତା ଏକ୍କା, ମକରନ୍ଦ ପ୍ରଧାନ ପ୍ରମୁଖ ରହିଛନ୍ତି। ଏହି ସମସ୍ତ ଖେଳାଳି ପୂର୍ବରୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରତିନିଧିତ୍ୱ କରି ଓଡ଼ିଶା ଓ ଦେଶ ପାଇଁ ସଫଳତା ଆଣିଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ନବନିଯୁକ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ନିଯୁକ୍ତି ଫଳରେ କିଟ୍ ଓ କିସ୍‌ର କ୍ରୀଡ଼ା ବିଭାଗରେ କର୍ମଚାରୀ ସଂଖ୍ୟା ୩୩୭କୁ ବୃଦ୍ଧି ପାଇଛି।

## ସାଓ ପାଓଲୋ ଗ୍ରାଁପ୍ରି ଜିତିଲେ ନୋରିସ

ସାଓ ପାଓଲୋ, ୧୦।୧୧ (ଏଜେନ୍ସି): ମ୍ୟାକଲରେନ୍‌ର ଚାଳକ ଲାଣ୍ଡୋ ନୋରିସ ଏଠାରେ ଅନୁଷ୍ଠିତ ଫର୍ମୁଲା ୱାନ ରେସିଂ ସାଓ ପାଓଲୋ ଗ୍ରାଁପ୍ରିରେ ଚାମ୍ପିଅନ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ୭୧ ଲ୍ୟାପ୍ ତଥା ୩୦୫.୮ କିମି ବିଶିଷ୍ଟ ଏହି ରେସକୁ ନୋରିସ ଏକ ଘଣ୍ଟା ୩୨ ମିନିଟ୍ ଓ ୦୧.୫୯୬ ସେକେଣ୍ଡ ସମୟ ନେଇ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ମର୍ସିଡିଜର ଯୁବ ଚାଳକ କିମି




ଆଣ୍ଟୋନେଲି ୧୦.୩୮୮ ସେକେଣ୍ଡ ଅଧିକ ସମୟ ନେଇ କ୍ୟାରିୟର ଶ୍ରେଷ୍ଠ ପ୍ରଥମ ରନର୍ସଅପ୍ ଓ ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ୧୦.୭୫ ସେକେଣ୍ଡ ଅଧିକ ସମୟ ସହ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ଏଠାରେ ବିଜୟ ସହ ନୋରିସ ବର୍ଷର ଶ୍ରେଷ୍ଠ ଫର୍ମୁଲା ୱାନ ଡ୍ରାଇଭର ଟାଇଟଲ୍ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି। ନୋରିସ ବର୍ତ୍ତମାନ ୩୯୦ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ମ୍ୟାକଲରେନର ଅନ୍ୟତମ ଚାଳକ ଓସ୍କାର ପିଆଷ୍ଟ୍ରି ମୋଟ୍ ୩୬୬ ପଏଣ୍ଟ ସହ ଦ୍ୱିତୀୟ ଓ ଭର୍ଷ୍ଟାପେନ ୩୪୧ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛନ୍ତି। ଚଳିତ ସିଜନରେ ଆଉ ୩ଟି ରେସ୍ ବାକି ରହିଥିବାବେଳେ ୪୯ ପଏଣ୍ଟ ପଛରେ ଥିବା ଭର୍ଷ୍ଟାପେନଙ୍କ ଟାଇଟଲ୍ ଜିତିବା ଆଶା ମଉଳି ଯାଇଛି।

ରାଜ୍ୟ ୧୫ ଓ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

## ହର୍ଷିତ ପ୍ରିୟଦର୍ଶୀଙ୍କୁ ତ୍ରିମୁକୁଟ, ନିମିଶା ଓ ସୌମ୍ୟଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୧୦।୧୧(ସମିସ): ଓଡ଼ିଶା ରାଜ୍ୟ ୧୫ ଓ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଭୁବନେଶ୍ୱର ପୋଖରୀପୁଟସ୍ଥିତ ବିଜୁପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୫ ବର୍ଷରୁ କମ ବାଳକ ବିଭାଗରେ କଟକର ହର୍ଷିତ




ପ୍ରିୟଦର୍ଶୀ ବେହେରା ତ୍ରିମୁକୁଟ ଲାଭ କରିଛନ୍ତି। ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଖୋର୍ଦ୍ଧାର ନିମିଶା ଓଝା ଓ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ମଧ୍ୟ ଦ୍ୱିମୁକୁଟ ଲାଭ କରିଛନ୍ତି।

୧୫ ବର୍ଷରୁ କମ୍ ବାଳକ ବିଭାଗରେ ସିଙ୍ଗଲ୍ସ ଫାଇନାଲରେ ସମ୍ବଲପୁରର ଅୟଙ୍କ ସାହୁଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ବାଳକ ଡବଲ୍ସରେ ସେ ଓ ଅୟଙ୍କ, ମିକ୍ସଡ ଡବଲ୍ସରେ ସେ ଓ ଆଦ୍ୟାଶା ମହନ୍ତ ଟାଇଟଲ ଜିତିଥିଲେ। ବାଳିକା ବିଭାଗରେ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ଡବଲ ସଫଳତା ମିଳିଛି। ସିଙ୍ଗଲ୍ସ ଫାଇନାଲରେ ସେ କଟକର ସ୍ୱାତୀ ନାୟକଙ୍କୁ ହରାଇଥିଲେ। ଡବଲ୍ସରେ ନିମିଶା ଓ ସ୍ୱାତୀ ନାୟକ ଚାମ୍ପିଅନ ହୋଇଥିଲେ। ୧୭ ବର୍ଷରୁ କମ୍ ବିଭାଗରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଥିଲା। ବାଳକ ବିଭାଗ ସିଙ୍ଗଲ୍ସ ଫାଇନାଲରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ୨-୦ରେ ନିଜ ଜିଲ୍ଲାର ବାପୁନ ରାଉତଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସରେ ସେ ଓ ଭଦ୍ରକର ଜେସିକା ସାହୁ ଟାଇଟଲ ଜିତିନେଇଥିଲେ। ଡବଲ୍ସରେ ଖୋର୍ଦ୍ଧାର ବାପୁନ ରାଉତ ଓ ସମ୍ବଲପୁରର ଜୟକୃଷ୍ଣ ଗର୍ଡିଆ ଟାଇଟଲ କବ୍‌ଜା କରିଥିଲେ। ବାଳିକା ବିଭାଗ ସିଙ୍ଗଲ୍ସରେ କଟକର ସ୍ୱାତୀ ନାୟକ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ହରାଇ ଟାଇଟଲ ଜିତିଥିଲେ। ଡବଲ୍ସରେ ଯାଜପୁରର ରତିକା ଦାସ ଓ ଭଦ୍ରକର ବି.ଲକ୍ଷ୍ମୀ ରେଡ୍ଡୀ ଚାମ୍ପିଅନ ହୋଇଛନ୍ତି। ଖେଳ ଶେଷରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଡ. ଯେଦୁଲା ବିଜୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ନିଲିନ କୁମାର, ଆୟୋଜନ କମିଟି ସମ୍ପାଦକ କମଲ ଦାଶ୍ ଓ ଅଜିତ ମହାନ୍ତି, ପର୍ଯ୍ୟବେକ୍ଷକ ଶିବମ ଅଗରୱାଲ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଶୁଭମ ନାୟକ, ଚିଫ୍ ରେଫରୀ ରୀତା ଦାଶ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଭଙ୍ଗାଯିବ ଜବାହରଲାଲ୍ ନେହରୁ ଷ୍ଟାଡିୟମ

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀର ଐତିହାସିକ ଜବାହରଲାଲ ନେହରୁ ଷ୍ଟାଡିୟମ ଏବେ ଇତିହାସ ହୋଇଯିବ। ଦିଲ୍ଲୀର ପ୍ରତୀକ ଭାବେ ବିବେଚିତ ହେଉଥିବା ଏହି ଷ୍ଟାଡିୟମ ଭଙ୍ଗାଯିବ। ଏହି ଷ୍ଟାଡିୟମକୁ ଭାଙ୍ଗି ଏଠାରେ ୧୦୨ ଏକର ଜାଗାରେ ସ୍ପୋର୍ଟ୍ସ ସିଟି ନିର୍ମାଣ କରାଯିବ। ଯେଉଁଥିରେ ସମସ୍ତ ପ୍ରମୁଖ ଖେଳର ଆୟୋଜନ ସ୍ଥଳ ଏବଂ ଆଥ୍‌ଲେଟଙ୍କ ଲାଗି ଅତ୍ୟାଧୁନିକ ସୁବିଧା ବ୍ୟବସ୍ଥା କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ଯୋଜନା କରିଛି। ଏହାର ବଜେଟ ବିବରଣୀ ଏପର୍ଯ୍ୟନ୍ତ ସ୍ଥିର କରାଯାଇ ନ ଥିବା ଜଣାପଡ଼ିଛି। ୨୦୩୬ ଅଲିମ୍ପିକ୍ସ ଆୟୋଜନ ଦୌଡ଼ରେ ଭାରତ ରହିଥିବାରୁ ଏହାକୁ ଲକ୍ଷ୍ୟ ରଖି ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରାଯାଉଛି। ରିପୋର୍ଟ ଅନୁସାରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏବେ ବିଶ୍ୱର ବିଭିନ୍ନ ଷ୍ଟାଡିୟମର ମଡେଲର ଅଧ୍ୟୟନ କରାଯାଉଛି। କତାର ଓ ଅଷ୍ଟ୍ରେଲିଆରେ ରହିଥିବା ସ୍ପୋର୍ଟ୍ସ ସିଟି ପ୍ରକଳ୍ପର ନିର୍ମାଣ ଢାଞ୍ଚାକୁ ନଜରରେ ରଖି ଦିଲ୍ଲୀର କ୍ରୀଡ଼ା ନଗରୀ ନିର୍ମାଣ ହେବାର ଯୋଜନା ରହିଛି। ଉଲ୍ଲେଖଯୋଗ୍ୟ, ୧୯୮୨ରେ ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ ତିଆରି କରାଯାଇଥିଲା। ଏହାର ଦର୍ଶକ କ୍ଷମତା ୬୦ ହଜାର ରହିଛି। ଗତ ୧୫ ବର୍ଷ ମଧ୍ୟରେ ଏହି ଷ୍ଟାଡିୟମର ନବୀକରଣରେ ପାଖାପାଖି ୧୦୧୧ କୋଟି ଟଙ୍କା ଖର୍ଚ୍ଚ କରାଯାଇସାରିଛି। ନିକଟରେ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଲାଗି ୩୦ କୋଟି ଟଙ୍କା ବ୍ୟୟରେ ଏକ ଟ୍ରାକ୍ ବିଛାଯାଇଥିଲା।

# ମହିଳାରେ ପୁରୀ, ପୁରୁଷରେ ଜଟଣୀ ଚାମ୍ପିଅନ

ରାଜ୍ୟ ଥ୍ରୋବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

ଭୁବନେଶ୍ୱର,୧୦।୧୧(ସମିସ): ପୁରୀ ସଦର ଓ ଜଟଣୀ ଦଳ ସୋଆ ୟୁନିଭର୍ସିଟି କ୍ୟାମ୍ପସରେ ଶେଷ ହୋଇଥିବା ୩୩ତମ



ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍‌ରେ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଚାମ୍ପିଅନ ହୋଇଛନ୍ତି। ମହିଳା ବିଭାଗରେ ଯାଜପୁର ଜିଲ୍ଲା ଓ ପୁରୁଷ ବିଭାଗରେ ପୁରୀ ସଦର ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ମହିଳା ବିଭାଗରେ ପୁରୀ ଜିଲ୍ଲା ଓ ସୋଆ, ପୁରୁଷ ବିଭାଗରେ ଭଦ୍ରକ ଓ ପୁରୀ ସଦର ମିଳିତଭାବେ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଥ୍ରୋବଲ ସଂଘ ସଭାପତି ଭୂପିନ୍ଦର ସିଂହ, ମାର୍ଗଦର୍ଶକ କୃଷ୍ଣଚନ୍ଦ୍ର ପଣ୍ଡା ଓ ସୋଆ କ୍ରୀଡ଼ା ଅଧିକାରୀ ସୁନିତା ବର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ଜିତେନ୍ଦ୍ରନାଥ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନ୍ୟାସନାଲ ରେଫରୀ ଯଶୋବନ୍ତ ପରମଗୁରୁ, ଦୀପ୍ତିରଞ୍ଜନ ସାମନ୍ତରାୟ, ସେକ୍ ଆଜାରୁଦ୍ଦିନ, ଏସ୍ ଜଗା ରେଡ୍ଡୀ ଓ କଳ୍ପନା ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା।


'ନନ୍ଦିଘୋଷ ଟିଭି'

ନନ୍ଦିଘୋଷ

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୧
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS